

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୫ ଜୁଲାଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 25 JULY 2025

Vol.No. 36 ■ No.196 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ରଷରେ ବଡ଼ ବିମାନ ଦୁର୍ଘଟଣା: ଯାତ୍ରୀଙ୍କ ସହ ବିମାନରେ ଥିବା ୫୦ ଜଣଙ୍କ ମିଳୁନି ପତ୍ତା



ନୂଆଦିଲ୍ଲୀ,୨୪/୭ : ପୁଣି ଏକ ବଡ଼ ବିମାନ ଦୁର୍ଘଟଣା । ୫୦ ଜଣଙ୍କୁ ନେଇଯାଉଥିବା ରୁଷର ଏକ ବିମାନ ଆମୁର ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଯାତ୍ରୀଙ୍କ ସହ ୬ ଜଣ ବିମାନ କର୍ମଚାରୀ ପ୍ରାଣ ହରାଇଛନ୍ତି । ବିମାନର ଧ୍ୱଂସାବଶେଷ ଠାବ କରାଯାଇଛି । ରୁଷ୍ ଆଙ୍ଗାରା ଏୟାର ଲାଇନ୍ସର ଏଏନ୍-୨୪ ବିମାନଟି ଭ୍ଲାଗୋଭେସ ଚେନ୍ସକରୁ ଚୀନ ସୀମାକୁ ଲାଗିଥିବା ଆମୁର ଅଞ୍ଚଳର ଟାଇଣ୍ଡା ଅଭିମୁଖେ ଯାଉଥିଲା । ଗନ୍ତବ୍ୟସ୍ଥଳରେ ପହଞ୍ଚିବାର କିଛି ସମୟ ପୂର୍ବରୁ ଅପରାହ୍ନ ପ୍ରାୟ ଗୋଟାଏ ବେଳେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ଏବଂ ବିମାନଟି ରାଡାର ସ୍କ୍ରିନରୁ ଉଭେଇ ଯାଇଥିଲା । ଟାଇଣ୍ଡାଠାରୁ ୧୬ କିଲୋମିଟର ଦୂର ଏକ ପାର୍ବତ୍ୟାଞ୍ଚଳରୁ ବିମାନର ଧ୍ୱଂସାବଶେଷ ଠାବ କରାଯାଇଛି । ନିଆଁ ଜଳୁଛି ଓ ଅଞ୍ଚଳ ପୂରା ଧୂଆଁମୟ ଦେଖିବାକୁ ମିଳିଛି । ଯାତ୍ରୀ କିମ୍ବା କୌଣସି ବିମାନ କର୍ମଚାରୀଙ୍କ ପତ୍ତା ମିଳିନାହିଁ । ଦୁର୍ଘଟଣାରେ ସମସ୍ତ ଯାତ୍ରୀ ଓ ବିମାନ କର୍ମଚାରୀ, ସମସ୍ତଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି । ଟାଇଣ୍ଡା ବିମାନବନ୍ଦର ନିର୍ଦ୍ଦେଶକ କହିଛନ୍ତି, ଅବତରଣ ପୂର୍ବରୁ ବିମାନରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା । ଆଖପାଖରେ ଉଡୁଥିବା ଏକ ହେଲିକପ୍ଟର କର୍ମଚାରୀ ପାର୍ବତ୍ୟାଞ୍ଚଳରେ ଏକ ବିମାନ ଜଳୁଥିବା ଦେଖିଛନ୍ତି । ବିମାନ ପାଖକୁ ଯିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ବିମାନ ଦୁର୍ଘଟଣାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ । ଯାନ୍ତ୍ରିକ ତ୍ରୁଟି କିମ୍ବା ଖରାପ ପାଗ ଯୋଗୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି ।

# ସୀମା ବିବାଦରୁ ଥାଇଲାଣ୍ଡ-କାମ୍ବୋଡ଼ିଆ ସଂଘର୍ଷ: ମିସାଇଲ ମାଡ଼ରେ ଦୁଲୁକୁଛି ଦୁଇ ଦେଶ



ନୂଆଦିଲ୍ଲୀ,୨୪/୭ : ମଧ୍ୟପ୍ରାଚ୍ୟ ପରେ ଦକ୍ଷିଣ ଏସିଆରେ ଯୁଦ୍ଧର ପଦଧ୍ୱନି । ଥାଇଲାଣ୍ଡ ଓ କାମ୍ବୋଡ଼ିଆ ମଧ୍ୟରେ ସୀମା ବିବାଦ ଉଗ୍ର ରୂପ ଧାରଣ କରିଛି । ଆଜି ଦୁଇ ପଡ଼ୋଶୀ ଦେଶର ସୈନ୍ୟ ମୁହାଁମୁହିଁ ହୋଇଛନ୍ତି । କାମ୍ବୋଡ଼ିଆ ରକେଟ୍ ମାଡ଼ କରି ଥାଇଲାଣ୍ଡର ନାଗରିକଙ୍କୁ ହତ୍ୟା କରିବା ପରେ ଗୁରୁବାର ଥାଇଲାଣ୍ଡ କାମ୍ବୋଡିଆର ସାମରିକ ଘାଟିକୁ ଟାର୍ଗେଟ କରି ମିସାଇଲ ମାଡ଼ କରିଛି । ଏଫ୍-୧୬ ଯୁଦ୍ଧ ବିମାନରେ ଥାଇଲାଣ୍ଡ କାମ୍ବୋଡିଆ ଉପରେ ଆକ୍ରମଣ କରିଛି । ଏମିରାଲ୍ଡ ଟ୍ରାଏଙ୍ଗଲ ନାମକ ଏକ ଅଞ୍ଚଳକୁ ନେଇ ଦୁଇ ଦେଶ ମଧ୍ୟରେ ୧୫ ବର୍ଷ ଧରି ବିବାଦ ଲାଗିରହିଛି । ଏମିରାଲ୍ଡ ଟ୍ରାଏଙ୍ଗଲରେ ଥାଇଲାଣ୍ଡ-କାମ୍ବୋଡ଼ିଆ ଏବଂ ଲାଓସର ସୀମା ମିଶୁଛି, ଯେଉଁଠାରେ ଅନେକ ପ୍ରାଚୀନ ମନ୍ଦିର ଅଛି । ଛଅଟି ଯୁଦ୍ଧ ବିମାନ ଦ୍ୱାରା ଥାଇଲାଣ୍ଡ ପକ୍ଷରୁ କାମ୍ବୋଡିଆନ୍ ସେନା ଶିବିର ଉପରେ ଆକ୍ରମଣ କରାଯାଇଥିବା ଥାଇ ସେନା କହିଛି । ଥାଇଲାଣ୍ଡର ସୁରିନ ପ୍ରଦେଶ ଏବଂ କାମ୍ବୋଡିଆର ଓଡାର ମିଞ୍ଚେ ସୀମାରେ ଉଭୟ ଦେଶ ପରସ୍ପରକୁ ଆକ୍ରମଣ କରିଛନ୍ତି । ଥାଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି, କାମ୍ବୋଡ଼ିଆ ସେନାରେ ଗୁଳି ମାଡ଼ରେ ସୀମା ପାର୍ଶ୍ୱରେ ଥିବା ଜଣେ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ ତିନିଜଣ ଆହତ ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ଜଣେ ପାଞ୍ଚ ବର୍ଷର ଶିଶୁ ଅଛି । ତେବେ ଉଭୟ ପକ୍ଷ ଅନ୍ୟ ପକ୍ଷକୁ ଯୁଦ୍ଧ ଆରମ୍ଭ କରିଥିବା ▶▶ପୃଷ୍ଠା ୭

# ଭାଙ୍ଗିଲା ମନ୍ତ୍ରୀଙ୍କ ମୁହଁ ଫୁଟାଣି : ଆଳୁ ପାଇଁ ମମତାଙ୍କ ସହ ମୂଲଚାଲ କରିବାକୁ ହେଲେଣି ପ୍ରସ୍ତୁତ



ଭୁବନେଶ୍ୱର, ୨୪/୭ (ନି.ପ୍ର): ଆଳୁ ସଙ୍କଟ ନେଇ ଧରାପଡିଛି ଯୋଗାଣ ମନ୍ତ୍ରୀଙ୍କ ମୁହଁ ଫୁଟାଣି । ବର୍ଷେ ତଳେ କୃଷ୍ଣ ପାତ୍ର କହିଥିଲେ, ଆଳୁ ପାଇଁ ମମତା ବାନାର୍ଜୀଙ୍କୁ ଆଉ ହାତ ପତାଇବନି ଓଡ଼ିଶା । କିନ୍ତୁ ଏବେ ସେ ଏଥିରେ ୟୁ-ଟର୍ଣ୍ଣ ମାରିଛନ୍ତି । କହିଛନ୍ତି, ଏ ବାବଦରେ ସେ ମମତାଙ୍କୁ ଭେଟିବେ । ଏହା ମନ୍ତ୍ରୀଙ୍କ ମିଛକୁ ପଦାରେ ପକାଇଛି । ଗତବର୍ଷ ସଂକଟ ସମୟରେ ଯେତେବେଳେ ପଶ୍ଚିମବଙ୍ଗ ଆଳୁ ବନ୍ଦ କରିଦେଲା, ଦମ୍ଭ ଦେଖାଉଥିଲେ ଯୋଗାଣମନ୍ତ୍ରୀ । ବାହାସ୍ଫୋଟ ମାରି କହୁଥିଲେ, ଆରବର୍ଷକୁ ଆଉ ଆଳୁ ପାଇଁ ମମତାଙ୍କୁ ହାତ ପତାଇବନି ଓଡ଼ିଶା । ହେଲେ ମାସ କେଇଟାରେ ବଦଳି ଯାଇଛି ସ୍ୱର । କହିଛନ୍ତି ରାଜ୍ୟରେ ଆଳୁ ଯୋଗାଣକୁ ସ୍ୱାଭାବିକ କରିବା ପାଇଁ ପଶ୍ଚିମବଙ୍ଗ ଯାଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟିବେ । ଦେଖନ୍ତୁ ୭ ମାସରେ କେମିତି ସତ ସ୍ୱୀକାର କରିଛନ୍ତି ମନ୍ତ୍ରୀ । ଓଡ଼ିଶାର ଆଳୁ ଆବଶ୍ୟକତା ପାଇଁ କାହିଁକି ବାରମ୍ବାର ମମତାଙ୍କୁ ହାତ ପତାଇବାକୁ ପଡୁଛି ଏହି ହିସାବ ଉପରେ ନଜର ପକାନ୍ତୁ । ଏଥିପାଇଁ ପଶ୍ଚିମବଙ୍ଗ କିମ୍ବା ଉତ୍ତରପ୍ରଦେଶ ଉପରେ ନିର୍ଭର କରୁଛି ଓଡ଼ିଶା । ଏଥର ପଶ୍ଚିମବଙ୍ଗରେ ୮୦ ଲକ୍ଷ ମେଟ୍ରିକ ଟନ୍ ଓ ଉତ୍ତରପ୍ରଦେଶରେ ୧୩୦ ଲକ୍ଷ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ ହୋଇଛି । ସ୍ୱାଭାବିକ ଭାବେ ପଡ଼ିଶା ହାତରେ ଓଡ଼ିଶା ଆଳୁର ଭାଗ୍ୟ ନିର୍ଭର କରୁଛି । ତେଣୁ ସରକାରଙ୍କୁ କଟାକ୍ଷ କରିଛନ୍ତି ବିରୋଧୀ । ଆଳୁ ସଂକଟ ପାଇଁ ପୂର୍ବ ସରକାରଙ୍କ ବିଫଳ ଆଳୁ ମିସନକୁ ଦାୟି କରିଆସୁଥିଲେ ନୂଆ ସରକାର । ଏଥିସହ ସଂକଟ ସମୟରେ ଆଶ୍ୱାସନା ଦେଇଥିଲେ ଯେ, ଆଳୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ରାଜ୍ୟ । ହେଲେ ବିଶେଷଜ୍ଞଙ୍କ ମତରେ, ଚାଷୀଙ୍କୁ ସହାୟତା ଓ କୋଲ୍ଡଷ୍ଟୋରେଜ ବୃଦ୍ଧି ପାଇଁ ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି, ତାହା ଆଗାମୀ ୫ ବର୍ଷରେ କେବଳ ୫୦ ପ୍ରତିଶତ ଆଳୁ ଆବଶ୍ୟକତାକୁ ପୂରଣ କରିପାରିବ ।

# ମିଶିଯିବେ ବିଜେଡି-କଂଗ୍ରେସ: ବିଧାନସଭାରେ ବିଜେପି ବିରୋଧରେ ଆଣିବେ ଅନାସ୍ଥା ପ୍ରସ୍ତାବ

## ଅନାସ୍ଥା ଆଣିଲେ ନିଜେ କ୍ଷତାକ୍ତ ହେବ : ବିରୋଧୀଙ୍କୁ ମନ୍ତ୍ରୀଙ୍କ ଚରମବାଣୀ



ଭୁବନେଶ୍ୱର, ୨୪/୭ (ନି.ପ୍ର): ପିସିସି ସଭାପତିଙ୍କ ଅନାସ୍ଥା ପ୍ରସ୍ତାବକୁ ନେଇ ବର୍ଷିଲା ବିଜେପି । ବିଧାନସଭାରେ ବିଜେଡି ସହ ମିଶି ବିଜେପି ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପ୍ରସଙ୍ଗକୁ ନେଇ ପ୍ରତିକ୍ରିୟା ରଖିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ କହିଛନ୍ତି, ବିରୋଧୀ ଅନାସ୍ଥା ଆଣିଲେ ସରକାର ଆହତ ହେବେନି ନିଜେ କ୍ଷତାକ୍ତ ହେବେ । ବିରୋଧୀଙ୍କ ଅନାସ୍ଥା ପ୍ରସ୍ତାବ ସେମାନଙ୍କ ପାଇଁ ବୁମେରାଂ ହେବ । ଏଭଳି ଢଙ୍ଗରେ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ ଆହୁରି କହିଛନ୍ତି, ବିରୋଧୀଙ୍କ ଅଧିକାର ଅଛି ସେମାନେ ଅନାସ୍ଥା ଆଣି ପାରିବେ । କିନ୍ତୁ ଟିକେ ହୋମ ୱାର୍କ କରିକି ଆସନ୍ତୁ । ବିଜେଡି କଂଗ୍ରେସ ୪୦ ବର୍ଷର ହିସାବ ନେଇକି ଆସନ୍ତୁ । ▶▶ପୃଷ୍ଠା ୭

## ଗିରଫ ହେଲେ ବିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ

ଭୁବନେଶ୍ୱର, ୨୪/୭ (ନି.ପ୍ର): ଗିରଫ ହେଲେ ବିଏମସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାନ୍ଧିଲା ଭିଜିଲାନ୍ସ । ଏହା ସହ ଜଗନ୍ନାଥ ପଟଟନାୟକଙ୍କ ନାଁରେ ୱାଇଲଡ ଲାଇଫ ପ୍ରୋଟେକ୍ସନ ଆକ୍ଟରେ ମାମଲା ରୁଜୁ ହୋଇଛି । ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ▶▶ପୃଷ୍ଠା ୭

# ପୁଣି ଆଇଏଏସ୍ ବଦଳି: ୧୩ ଅଫିସରଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୨୪/୭ (ନି.ପ୍ର): ରାଜ୍ୟ ସରକାର ଆଜି ପୁଣିଥରେ ଆଇଏଏସ୍ ଅଫିସରସ୍ତରରେ ଅଦଳବଦଳ କରିବା ସହ ୧୩ଜଣ ଆଇଏଏସଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି । ଗତ ଦୁଇଦିନ ତଳେ ଜାରି ହୋଇ ୪୭ଜଣିଆ ଆଇଏଏସ୍ ଅଫିସରଙ୍କ ବଦଳି ତାଲିକାର ଏହା ସଂଶୋଧିତ ସଂସ୍କରଣ ବୋଲି କୁହାଯାଉଛି । ପୂର୍ବ ବଦଳି ସମୟରେ ଯେଉଁ କିଛି ପ୍ରଶାସନିକ ତ୍ରୁଟି ରହିଥିଲା ତାକୁ ସୁଧାରି ରାଜ୍ୟ ସରକାର ଆଜି ଏହି ବଦଳି ତାଲିକା ଜାରି କରିଥିବା ଜଣାପଡ଼ିଛି । ୨୦୨୩ ବ୍ୟାଚର ୮ଜଣ ଆଇଏଏସଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି ।ରାଜେଶ ପ୍ରଭାକର ପାଟିଲ- ସଚିବ ସମବାୟ ବିଭାଗ, ରାଜ୍ୟ ପଣ୍ୟାଗାର ନିଗମର ଅଧ୍ୟକ୍ଷ ଓ ଗୃହ-ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ(ଅତିରିକ୍ତ ଦାୟିତ୍ୱ), ବିଜୟ କେତନ ଉପାଧ୍ୟାୟ -ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଦାୟିତ୍ୱରେ ରହିବେ । ସେ ଏବେ ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ସମର୍ଥ ବର୍ମା- ରାଜ୍ୟ କ୍ଷୁଦ୍ର ଖଣିଜ ନିର୍ଦ୍ଦେଶକ ସହ ଓଡ଼ିଶା ଫିଲ୍ମ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ(ଅତିରିକ୍ତ ଦାୟିତ୍ୱ), ନିର୍ଦ୍ଦେଶକ, କ୍ଷୁଦ୍ର ଖଣିଜ, ଭୁବନେଶ୍ୱର, ଦୀପଙ୍କର ମହାପାତ୍ର- ଓଡ଼ିଶା ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ । ▶▶ପୃଷ୍ଠା ୭

# ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା: ଉତ୍ତର ଓଡ଼ିଶାକୁ ସତର୍କ ଘଣ୍ଟି



ଭୁବନେଶ୍ୱର, ୨୪/୭ (ନି.ପ୍ର): ଆଗାମୀ ୪ ଦିନ ପାଇଁ ପାଣିପାଗ ସ୍ଥିତି ପୂର୍ବାନୁମାନ କରି ପ୍ରେସ୍ ରିଲିଜ୍ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ରାଜ୍ୟର ଅନେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ, ପ୍ରବଳରୁ ଅତି ପ୍ରବଳ ବର୍ଷା, ଘଡ଼ଘଡ଼ି ସହ କାଳବୈଶାଖୀର ସମ୍ଭାବନା ରହିଛି । ତେଣୁ ବିଭିନ୍ନ ଜିଲ୍ଲାକୁ ରେଡ୍, ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରି ଏହି ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର । ଆସନ୍ତାକାଲି ଅର୍ଥାତ୍ ଜୁଲାଇ ୨୫ ତାରିଖ ପାଇଁ କିଛି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରି ସତର୍କ କରିଛି ପାଣିପାଗ କେନ୍ଦ୍ର । ଏହି ଜିଲ୍ଲା ଗୁଡ଼ିକ ହେଉଛି- : ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର । ଏହିସବୁ ଜିଲ୍ଲା ଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଗୋଟିଏ କିମ୍ବା ୨ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ସହ ▶▶ପୃଷ୍ଠା ୭

# ଭାରତ- ବ୍ରିଟେନ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ: ଶସ୍ତା ହେବ ଦାମୀ କାର, ମଦ ଓ ଚମଡ଼ା



ନୂଆଦିଲ୍ଲୀ,୨୪/୭ : ଭାରତ ଓ ବ୍ରିଟେନ ମଧ୍ୟରେ ହୋଇଛି ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ବ୍ରିଟେନ ପ୍ରତିପକ୍ଷ କେର ଷ୍ଟାର୍ମରଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ମୁକ୍ତ ବାଣିଜ୍ୟ ଚୁକ୍ତି ବା ଏଫଟିଏ ଦ୍ୱାରା ଦ୍ୱିପାକ୍ଷିକ ବ୍ୟବସାୟ ବାର୍ଷିକ ୩୪ ବିଲିୟନ ଡଲାରକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ବ୍ୟବସାୟିକ ସମ୍ପର୍କ ପୂର୍ବାପେକ୍ଷା ୨ ଗୁଣା ବଢ଼ିବ । ୨୦୨୦ରେ ୟୁରୋପୀୟ ୟୁନିୟନ୍ରୁ ବାହାରିବା ପରେ ବ୍ରିଟେନ କୌଣସି ଦେଶ ସହ ଏତେ ବଡ଼ ଚୁକ୍ତି କରିଛି । ଏହି ଡିଲ୍ରେ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ଓ ତାଙ୍କ ବ୍ରିଟେନ ପ୍ରତିପକ୍ଷ ଜୋନାଥନ ରେନୋଲ୍ଡସ ଦସ୍ତଖତ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଓ ଷ୍ଟାର୍ମର ଲଣ୍ଡନରେ ଦ୍ୱିପାକ୍ଷିକ ଆଲୋଚନା କରିବା ପରେ ଦୁଇ ଦେଶ ମଧ୍ୟରେ ଏଫଟିଏ ହୋଇଛି । ଐତିହାସିକ ଚୁକ୍ତି ପରେ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଏଫଟିଏ ଭାରତ ଓ ବ୍ରିଟେନ ମଧ୍ୟରେ ଥିବା ସମୃଦ୍ଧିର ପରିଚୟ । ଏହି ଡିଲ ଦ୍ୱିପାକ୍ଷିକ ବ୍ୟବସାୟକୁ ୩୪ ଅରବ ଆମେରିକୀୟ ଡଲାରକୁ ବୃଦ୍ଧି କରିବାର ଆଶା ରହିଛି । ମୋଦି କହିଛନ୍ତି, "ଆଜି ଆମ ସମ୍ପର୍କରେ ଗୋଟିଏ ଐତିହାସିକ ଦିନ । ବହୁ ବର୍ଷର କଠିନ ପରିଶ୍ରମ ପରେ ଆଜି ଦୁଇ ଦେଶ ମଧ୍ୟରେ ବ୍ୟାପକ ଆର୍ଥିକ ଓ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବା ମୋତେ ଆନନ୍ଦିତ କରିଛି । ଗୋଟିଏ ପଟେ ଭାରତର କପଡ଼ା, ଜୋତା, ରତ୍ନ ଅଳଙ୍କାର, ସାମୁଦ୍ରିକ ଖାଦ୍ୟ ଓ ଇଞ୍ଜିନିୟରିଂ ସାମଗ୍ରୀ ଗୁଡ଼ିକୁ ବ୍ରିଟେନ ବଜାରରେ ପ୍ରବେଶ ପାଇଁ ଭଲ ସୁଯୋଗ ମିଳିବ । ଭାରତର କୃଷି ଉତ୍ପାଦ ଓ ପ୍ରୋସେସଡ ଖାଦ୍ୟ ଶିଳ୍ପ ପାଇଁ ବ୍ରିଟେନ ମାର୍କେଟରେ ନୂଆ ସୁଯୋଗ ସୃଷ୍ଟି କରିବ । ▶▶ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୫

ଅବଗଣନା

୦୨ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।

୨୭ ଜୁଲାଇ, ୨୦୨୫, ରବିବାର ପୂର୍ବାହ୍ନ @ ୯.୩୦ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପାଇଁ ପୋଲିସ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ବୈଠକ

ସମ୍ବଲପୁର, ୨୪/୦୭ (ନି.ପ୍ର): କାର୍ଯ୍ୟସ୍ଥଳରେ ମହିଳା ମାନଙ୍କ ପ୍ରତି ଯୌନ ନିର୍ଯ୍ୟାତନାରୁ ସୁରକ୍ଷା, ନିଷେଧ ଓ ପୁନଃସଂଧାନ ପାଇଁ ଘୋଷିତ ପି ଓ ଏସ ଏଚ ଆଇନ ୨୦୧୩ ଅନୁଯାୟୀ ପୁଲିସ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଏକ ସମନ୍ୱୟ ବୈଠକ ତପସ୍ୱିନୀ କକ୍ଷ ଠାରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମହାନଗର ନିଗମର ଆୟୁକ୍ତ ବେଦ ଭୂଷଣ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ଭିସୁଟ୍ ର କୁଳପତି ଦୀପକ କୁମାର ସାହୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ସୁଶାନ୍ତ କୁମାର ଦାସ, ସମ୍ବଲପୁର ମହାବିଦ୍ୟାଳୟ କୁଳପତି ବିଧୁଭୂଷଣ ମିଶ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ଥିବା ଆଇନ ଅନୁଯାୟୀ ଦଶଜଣ କିମ୍ବା ତା'ଠାରୁ ଅଧିକ ସଦସ୍ୟଙ୍କୁ ନେଇ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯିବା, ସଦସ୍ୟମାନଙ୍କ ପାଇଁ ସମ୍ବେଦନଶୀଳତା ଓ କ୍ଷମତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା, ସୀମିତ ସମୟରେ ଅନୁସନ୍ଧାନ ଓ ପୁନଃସଂଧାନ ପ୍ରକ୍ରିୟା ନିମିତ୍ତ ନିୟମ, ବାର୍ଷିକ ରିପୋର୍ଟିଂ ଓ ପ୍ରତିପାଦନରେ ସ୍ୱଷ୍ଟତା ରଖିବା କିପରି ରହିବ, ତାଲୁକ, ବ୍ଲକ୍, ତହସିଲ ଓ ସ୍ଥାନୀୟ ନଗର ନିଗମ ମଧ୍ୟରେ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ଗଠନ କରାଯିବା ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏହି ସମ୍ବେଦନଶୀଳ ମାମଲାରେ ଅଧିକାରୀମାନେ ଦାୟିତ୍ୱବୋଧ ସହ ନିଷ୍ଠାର ସହିତ କାର୍ଯ୍ୟ କରିବା ଦରକାର ବୋଲି ଆହ୍ୱାନ ଦେବା ସହ ଅନୁସନ୍ଧାନ ପ୍ରକ୍ରିୟାକୁ ନିରପେକ୍ଷ ଓ ପାରଦର୍ଶୀ ଭାବରେ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ବୋନ୍ଦର ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁଧ୍ୟାନ କରିପାରିବା ପାଇଁ ସମସ୍ତ କାର୍ଯ୍ୟାଳୟ ଓ ସଂସ୍ଥାନର ସିସିଟିଭିକୁ ନିଶ୍ଚିତ ସଚଳ ଅବସ୍ଥାରେ ରଖିବା ଆବଶ୍ୟକ ବୋଲି ସେ କହିଥିଲେ । ଏଥିସହିତ ସମସ୍ତ ଗଭର୍ଣ୍ଣିଙ୍ଗ ବୈଠକ ନିୟମିତ ଭାବରେ କରାଯିବ ଓ ଏହି କମିଟିଗୁଡ଼ିକ ସୁଦୃଢ ଭାବରେ କାର୍ଯ୍ୟ କରିବା ପାଇଁ ଏସଡିପିଓ ମାନଙ୍କୁ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯିବାର ଆବଶ୍ୟକ ରହିଛି ବୋଲି ପ୍ରସ୍ତାବ ରଖିଥିଲେ । ଏହି ଅବସରରେ ସହାୟତା ଟୋଲ୍-ଫ୍ରୀ ନମ୍ବର ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ରେଜିଓନାଲ ଆଧାର କେନ୍ଦ୍ରରେ ଅବହେଳା

ଗଞ୍ଜାମ, ୨୪/୦୭ (ନି.ପ୍ର): ଭୁବନେଶ୍ୱର ଓକାକ୍ ଟାୱାରରେ ଅବସ୍ଥିତ ରେଜିଓନାଲ ଆଧାର କେନ୍ଦ୍ର କର୍ମକର୍ତ୍ତାଙ୍କ ଅବହେଳା ଯୋଗୁଁ ବହୁ ଆଧାରକାର୍ଡ଼ ହିତାଧିକାରୀ ନାହିଁନଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି । ଗଞ୍ଜାମ ଜିଲ୍ଲାରୁ କେତେକ କାର୍ଡ଼ଧାରୀ ଗତ ଛଅମାସ ହେଲା ଡିଓବି ସଂଶୋଧନ ପାଇଁ ଆବେଦନ କରିଛନ୍ତି । ଏହାର ଭେରିଫିକେସନ ସମ୍ପୃକ୍ତ ହିତାଧିକାରୀଙ୍କ ଅଂଚଳକୁ ଯାଇ କଲାପରେ ଡିଓବି ସଂଶୋଧନ ହେବ ବୋଲି କର୍ତ୍ତୃପକ୍ଷ କହୁଥିଲେ ମଧ୍ୟ ଏହି କାର୍ଯ୍ୟରେ ଅବହେଳା ଯୋଗୁଁ ଜନଅସନ୍ତୋଷ ପ୍ରକାଶ ପାଇଛି ।

# ଭିସୁଟରେ 'ମୋ ସାହିତ୍ୟରେ, ମୋ ସ୍ୱପ୍ନର ଓଡ଼ିଶା'

ସମ୍ବଲପୁର, ୨୪/୦୭ (ନି.ପ୍ର): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ)ର ଲିଟରାରୀ ସୋସାଇଟି ଆନୁକୂଲ୍ୟରେ "ମୋ ସାହିତ୍ୟରେ, ମୋ ସ୍ୱପ୍ନର ଓଡ଼ିଶା" ଶୀର୍ଷକ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଆ ଭାଷା ପ୍ରବକ୍ତା, ସାହିତ୍ୟିକ ଓ ଗବେଷକ ପଦ୍ମଶ୍ରୀ ପଣ୍ଡିତ ଡ଼. ଅନ୍ତର୍ଯାମୀ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ଡ଼. ମିଶ୍ର ଓଡ଼ିଆ ସାହିତ୍ୟର ଗଭୀରତା, ଆତ୍ମା ଓ ସଂସ୍କୃତିକ ମୂଲ୍ୟ ବିଷୟରେ ତାଙ୍କର ଦୃଢ ଦୃଷ୍ଟିକୋଣ ଓ ଅନୁଭୂତି ସହ ବିସ୍ତୃତ ଭାବେ ଉପସ୍ଥାପନା କରିଥିଲେ । ମୋ ସାହିତ୍ୟରେ ମୋ ସ୍ୱପ୍ନର ଓଡ଼ିଶା କେବଳ ଏକ ଅଭିବ୍ୟକ୍ତି ନୁହେଁ, ଏହା ଓଡ଼ିଶାର ଭବିଷ୍ୟତ ଆଧାରିତ ଦୃଷ୍ଟିକୋଣ, ଯାହା ଭାଷା ଓ ସାହିତ୍ୟ ମାଧ୍ୟମରେ ଗଢ଼ିଉଠିଥିବା ଏକ ଓଡ଼ିଶା ରୂପରେ ପ୍ରକାଶିତ ହୋଇଥିଲା । ଶବ୍ଦରେ ଓଡ଼ିଆ ସାହିତ୍ୟ ହେଉଛି ଏକ ଅଦୃଶ୍ୟ ଶକ୍ତି ଯାହା ଜନମେ ଜନମେ ଜନତାଙ୍କ ଭିତରେ ଅନୁପ୍ରେରଣା ଦେଇଥାଏ ବୋଲି ଡ଼. ମିଶ୍ର କହିଥିଲେ ।କାର୍ଯ୍ୟକ୍ରମ ଆରମ୍ଭରେ ସିଡିସିସି ଡିନ୍, ପ୍ର. ଡ. ଗଣେଶ୍ୱର ନାଥ ନିଜ ସ୍ୱାଗତ ସଂଭାଷଣରେ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଡ଼. ଦୀପକ କୁମାର ସାହୁ, ଡ଼. ମିଶ୍ରଙ୍କ ସାହିତ୍ୟ ଓ ଭାଷା ପ୍ରତି ଅନୁପମ ଅବଦାନ ପ୍ରତି ବିଶେଷ ଶ୍ରଦ୍ଧା ଓ କୃତଜ୍ଞତା ଜଣାଇଥିଲେ । ବିଶ୍ୱବିଦ୍ୟାଳୟର କୂଳସଚିବ ପ୍ରଦୀପ କୁମାର ଡାଙ୍ଗ୍ ଓଡ଼ିଆ ସାହିତ୍ୟ ଓ ପରମ୍ପରା, ଗରିମା ସମ୍ପର୍କରେ ଆଲୋକପାତ କରିଥିଲେ । ଭିସୁଟ ଲିଟରାରୀ ସୋସାଇଟି ର ଉପଦେଷ୍ଟା ଡ଼. ଦେବସ୍ମିତା ମିଶ୍ର ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଲିଟରାରୀ ସୋସାଇଟି ପକ୍ଷରୁ ଡ଼. ଅନ୍ତର୍ଯାମୀ ମିଶ୍ରଙ୍କୁ ଲିଟେରାରୀ ଲରିଏଟ୍ ଅଫ୍ ଓଡିଶା ର ସମ୍ମାନ ପ୍ରଦାନ କରାଯାଇଥିଲା ।ଲିଟରରୀ ସୋସାଇଟି ର ଏହି ପ୍ରୟାସ ଓଡ଼ିଆ ସାହିତ୍ୟ ପ୍ରତି ଏକ ନୂଆ ଚେତନା ଓ ଉତ୍ସାହ ସୃଷ୍ଟି କରିଛି, ଯାହାକି ରାଜ୍ୟର ଶିକ୍ଷାନୁଷ୍ଠାନଗୁଡିକରେ ସାହିତ୍ୟ ସଙ୍ଗଠନ ଓ ସଂସ୍କୃତିକ ଚେତନା ବୃଦ୍ଧିରେ ସହାୟକ ହେବ ବୋଲି ସାହିତ୍ୟିକମାନେ ମତ ଦେଇଥିଲେ ।

## ଯୌନ ଉତ୍ପୀଡ଼ନ ସୁରକ୍ଷା ସମ୍ପର୍କରେ ଆଇନ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଯୌନ ଉତ୍ପୀଡ଼ନ ସୁରକ୍ଷା ଓ ଏସ୍.ସି. ଓ ଏସ୍.ଟି. ଆଟ୍ରୋସିଟ ଆଇନ ଉପରେ ଏକ ସଚେତନତା ଶିବିର ହନୁମାନଜୀଉ ଉଚ୍ଚ ମାଧ୍ୟମିକ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ କର୍ମସ୍ଥଳୀରେ କିପରି ଯୌନ ଶୋଷଣର ଶିକାର ହେଉଛନ୍ତି ଓ ଏହାକୁ କିପରି ରୋକାଯାଇ ପାରିବ ସେ ସଂପର୍କରେ ସଚିବ ଶ୍ରୀ ମହାପାତ୍ର ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଏଥିସହିତ ଏହି ନିୟମ ଅଧିନରେ ଆଇନର ବ୍ୟବସ୍ଥାଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ବୁଝାଇ ଥିଲେ । ଉକ୍ତ କଲେଜର ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଆଟ୍ରୋସିଟ ଆଇନ ଉପରେ ସଚେତନ କରାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଜୀବି ରମଣୀ ରଂଜନ ରାଉତରାୟ, ଡିଫେନ୍ସ କାଉନସିଲ, ଦେବାଶିଷ ସାହୁ, ଅଧ୍ୟାପକ ବିକ୍ରମ ଚରଣ ପରିଡ଼ା, କେଦାରଗୌର ଜେନା, ଭକ୍ତବନ୍ଧୁ ଓଝା, ଅଧ୍ୟକ୍ଷ ଜଳଧର ଦାସ, ଅଧ୍ୟାପିକା ପ୍ରତିପ୍ରଜ୍ଞା ସାମଲ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଭାରତୀୟ ମଜଦୂର ସଂଘର ୭୧ ତମ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦୁଝର, ୨୪/୦୭ (ନି.ପ୍ର): ଭାରତୀୟ ମଜଦୂର ସଂଘ ୭୧ ତମ ପ୍ରତିଷ୍ଠା ଦିବସ କେନ୍ଦୁଝର କାଳିପୂଜା ପଡିଆ ଟାଉନ ହଲ ଠାରେ ପାଳନ କରାଯାଇଛି । ଏଥିରେ ଭାରତୀୟ ମଜଦୂର ସଂଘ କେନ୍ଦୁଝର ଜିଲ୍ଲା ସଭାପତି ବାବୁଲାଲ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାର ସମ୍ପାଦିକା ଶ୍ରୀମତୀ ମିନାକ୍ଷୀ ପଲେଇ ସଭା ପରିଚାଳନା କରିଥିଲେ । ଜିଲ୍ଲା ସଭାପତି କହିଛନ୍ତି ୧୯୫୫ ଜୁଲାଇ ୨୩ରେ ଲୋକମାନ୍ୟ ବାଲଗଙ୍ଗାଧର ତିଲକଙ୍କ ଜନ୍ମ ଦିବସରେ ଦତ୍ତୋପନ୍ତ ଠେଙ୍ଗଡୀ ଜୀ ଭାରତୀୟ ମଜଦୂର ସଂଘ ସ୍ଥାପନା । କରିଥିଲେ । ସଂଘ ଗଠନ କରିବାର ମହତ୍ୱ ଉଦ୍ଦେଶ୍ୟ ଶ୍ରମିକଙ୍କୁ ନ୍ୟାୟ ଦେବା ଓ ଏକ ଶୋଷଣ ମୁକ୍ତ ଶ୍ରମିକ ସମାଜ ଗଠନ କରିବା । ରାଷ୍ଟ୍ର ଗଠନରେ ଶ୍ରମିକଙ୍କ ଗୁରୁତ୍ୱ ପୂର୍ଣ ରହିଛି । ଏକ୍ଷେତ୍ରରେ ଭାରତୀୟ ମଜଦୂର ସଂଘର ଅବଦାନ ଅତୁଳନୀୟ । ଏହି ଶ୍ରମିକସଂଗଠନ ଏହି ଶ୍ରମିକ ସଂଗଠନ ଶ୍ରମିକଙ୍କ ସାମାଜିକ ଓ ଅର୍ଥନୈତିକ ଦିଗ ବିକାଶ ସାଙ୍ଗକୁ ଏକ ଶୋଷଣ ମୁକ୍ତ ଶ୍ରମିକ ସମାଜ ଗଠନ ପାଇଁ ଉଦ୍ୟମ ଜାରିତ ରିରଖୁଛି । ଓଡିଶାର ବିଭିନ୍ନ କଳକାରଖାନାର ଅଧିକାରୀ ଓ ଠିକାଦାର ମାନେ ଜିଲ୍ଲାର ଶ୍ରମ କାର୍ଯ୍ୟାଳୟ ଆଢୁଆଳରେ ରହି ଠିକାଶ୍ରମିକ ମାନଙ୍କୁ ଶୋଷଣ କରିବା ଦିନକୁ ଦିନ ବଢିଚାଲୁଛି ଆଉ ଏସବୁକୁ ଭାରତୀୟ ମଜଦୂର ସଂଘ ବରଦାସ୍ତ କରିବ ନାହିଁ ଏବଂ ଠିକା ଶ୍ରମିକ ମାନଙ୍କ ହକ ଲଢେଇ କରି ଆଣିବ । ଏଠି ଠିକା ଶ୍ରମିକ ପାଇଁ ଦରଦ କାହାର ନାହିଁ, ସାରା ରାଜ୍ୟରେ ଶ୍ରମ କାର୍ଯ୍ୟାଳୟ ଗୁଡିକରେ ତୀବ୍ରତର ଆନ୍ଦୋଳନ କରାଯିବା ନେଇ ଆଜି ନିଷ୍ପତି ହୋଇଛି ତଥା ସରକାରକୁ ଅନୁରୋଧ ଠିକା ଶ୍ରମିକ ମାନଙ୍କ ସମସ୍ୟା ଯଥା ଶୀଘ୍ର ସମାଧାନ କରାଯିବା ନିମନ୍ତେ ଅଭିଭାଷଣ ରଖିଥିଲେ । ଏଥିରେ ଭାରତୀୟ ମଜଦୂର ସଂଘ କେନ୍ଦୁଝର ଜିଲ୍ଲା ସହିତ ସଲଗ୍ନ ଥିବା ସମସ୍ତ ଶ୍ରମିକ ସଂଗଠନ ଯଥା – ଅଲ ଓଡିଶା ଅଙ୍ଗନୱାଡି ଲେଡିସ ୱାକର ଆସୋସିଏସନ, କେନ୍ଦୁଝର ଜିଲ୍ଲା, ଓଡିଶା ରାଜ୍ୟ ଆଶାକର୍ମୀ ସଂଘ, କେନ୍ଦୁଝର ଜିଲ୍ଲା, ଶିରାଜୁଦ୍ଦୀନ ବଲାଣି ମାଇନ୍ସ ମଜଦୂର ସଂଘ ,କେନ୍ଦୁଝର, ଓଡିଶା ମା ଟା ଟାଙ୍ଗରାଣୀ ମାଇନ୍ସ ମଜଦୂର ସଂଘ,କେନ୍ଦୁଝର, ବିଚାକୁଣ୍ଡି ମାଇନ୍ସ ମଜଦୂର ସଂଘ, କେନ୍ଦୁଝର ସଂଘ ବଲାଣି, କେନ୍ଦୁଝର, କେ.ଜେ. ଏସ ଆଲୱାଲିଆ ଶ୍ରମିକ ସଂଘ, କେନ୍ଦୁଝର, କର୍ମଚାରୀ ସଂଘ, କେନ୍ଦୁଝର, ମା ତାରିଣୀ ଟୋଲ ପ୍ଲାଜା ୱାକର୍ସ ୟୁନିୟନ,କଣ୍ଡରା ରାଣୀ ପାଟ ଟୋଲ ପ୍ଲାଜା ୱାକର୍ସ ୟୁନିୟନ ,ଖୁରେଇଟାଙ୍ଗୀରି, କେନ୍ଦୁଝର,ଗଝଚ ସ୍ୱଞ୍ଜ ଆଇରନ ମଜଦୂର ସଂଘ ହଳଦି ଳଦିଆଗୁଣା, କେନ୍ଦୁଝର, ରେଲୱେ ରନିଙ୍ଗ ରୁମ କର୍ମଚାରୀ ସଂଘ, କେନ୍ଦୁଝର, କୃଷି ଏ ଏବଂ ଗ୍ରାମୀଣ ମଜଦୂର ସଂଘ, କେନ୍ଦୁଝର, ଓଡିଶା କୋଠବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୂର ସଂଘ, କେନ୍ଦୁଝର,କନଷ୍ଟ୍ରକସନ ମଜଦୂର ଦୂର ମହାସଂଘ, କେନ୍ଦୁଝର, ଜଜାଙ୍ଗ ମାଇନ୍ସ ମଜଦୂର ସଂଘ, ଜଜାଙ୍ଗ କେନ୍ଦୁଝର ଶ୍ରୀ ଗଣେଶ ସ୍ୱଞ୍ଜ ଭରନ ମଜଦୂର ସଂଘ, କୁଟୁଗାଁ,କେନ୍ଦୁଝର, ଓଡିଶା ରାଜ୍ୟ ଉଜ୍ଜଳା ଦିଦି ସଂଘ ଟୋଲ ପ୍ଲାଜା ଡେଙ୍କିକୋଟ, କେନ୍ଦୁଝର,ଓରିଅନ ଇସ୍ପାତ କର୍ମଚାରୀ ସଂଘ, ରାମଚନ୍ଦ୍ରପୁର କେନ୍ଦ୍ର ,କେନ୍ଦୁଝର, ଜରିବାହର ,ଜରିବାହର ମାଙ୍ଗାନିଜ ମଜଦୂର ସଂଘ , ଜରିବାହର, କେନ୍ଦୁଝର, ଗନ୍ଧମାର୍ଦ୍ଧନ ମାଇନ୍ସ ସଂଘ, ଶୁଆକାଠି କେନ୍ଦୁଝର ,ବ୍ରାଣ୍ଡଷ୍ଟିଲ ଆଣ୍ଡ ପାୱାର ମଜଦୂର ସଂଘ, ମୃଗୁସୁଆଁ ,କେନ୍ଦୁଝର, ଓଡିଶା ରାଜ୍ୟ ଆଇ. ସି. ଆର. ସି ସଂଘ, କେନ୍ଦୁଝର ,ସମସ୍ତ ସଂଘର କର୍ମ ଚାରିମାନେ ଉପସ୍ଥିତ ରହି ପ୍ରତିଷ୍ଠା ଦିବସ ପାଳନ କରଯାଇଥିଲା । ଏଥିରେ ସମାଜସେବି ତଥା ଭାରତୀୟ ମଜଦୂର ସଂଘ ର କେନ୍ଦୁଝର ଜିଲ୍ଲା ଉପସଭା ନେତ୍ରୀ ଶ୍ରୀମତୀ ବବିତା ରାମ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ,କେନ୍ଦୁଝର ଜିଲ୍ଲା ସଭାନେତ୍ରୀ ପ୍ରମିଳା ମହାନ୍ତ, ସଂଯୋଜିକା ମିନା ମହାନ୍ତ, ଭାରତୀୟ ମଜଦୂର ସଂଘ କେନ୍ଦୁଝର ଜିଲ୍ଲା ମହିଳା ପ୍ରମୁଖ ଗାୟତ୍ରୀ ଜେନା,ଜିଲ୍ଲା ମିଡିଆ ପ୍ରମୁଖ ଶ୍ରୀ ଅର୍ଜୁନ ବେହେରା ସହଯୋଗ କରିଥିଲେ ।

ସମ୍ମାନୀୟ ରାଜ୍ୟ ସମ୍ପାଦକ ଅଲଓଡିଶା ଡାକ୍ତର ମହାନ୍ତ ରାଜ୍ୟ ଉପସଭାପତି ଭାରତୀୟ ମଜଦୂର ସଂଘ ଓଡିଶା, ଧରିତ୍ରୀ ବାରିକ ସମ୍ପାଦକ ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ଶୁଶ୍ରୀ ଶୁଷମାରାଣୀ, ମୂହାପାତ୍ର, ରାଜ୍ୟ ଉପସଭାନେତ୍ରୀ) ଡିଶା ଅଙ୍ଗନୱାଡି ଲେଡିଜ ୱାକର ଆସୋସିଏସନ, ଯୋଗ ଦେଇ ଥିବା ବେଳେ ସମ୍ମିଳନୀ ରେ ଭାରତୀୟ ମଜଦୂର ସଂଘ ର କେନ୍ଦୁଝର ଜିଲ୍ଲା କୋଷାଧ୍ୟକ୍ଷ ଶ୍ରୀ ଚନ୍ଦନ ବୋଇପାଇ , ଭାଗବତ ନାଏକ, ବିଷ୍ଣୁଭୂଷଣ ବେହେରା, ଦିପ୍ତିମୟୀ ଦାସ, କହ୍ନେଇଲାଲ ମୁର୍ମୁ , ପଦ୍ମାବତୀ ଚାମ୍ପିଆ , ଦମୟନ୍ତୀ ନାଏକ,ମୀରା ନାଏକ ଉପସ୍ଥିତ ରହି ସହଯୋଗ କରିଥିଲେ ।

# କନ୍ଧମାଳ ଜିଲ୍ଲାସ୍ତରୀୟ ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନର ସମୀକ୍ଷା ବୈଠକ ଅନୁଷ୍ଠିତ

କନ୍ଧମାଳ, ୨୪/୦୭ (ନି.ପ୍ର): ଆଜି କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତ ଶ୍ରୀ ମଧୁସୂଦନ ପାଢ଼ୀ ଆଗାମୀ ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନର ସମୀକ୍ଷା କରିବା ସହିତ ଆଗକୁ କ'ଣ କ'ଣ ପଦକ୍ଷେପ ନେଲେ ନିର୍ବାଚନ ସୁରୁଖୁରରେ ହୋଇପାରିବ ଏବଂ ଲୋକମାନେ ଏଥିରେ ବହୁମାତ୍ରାରେ ଭାଗନେଇ ନିଜର ଯୋଗ୍ୟ ପ୍ରତିନିଧି ଚୟନ କରି ଗ୍ରାମ, ପଂଚାୟତ ଓ ଜିଲ୍ଲାର ବିକାଶରେ ଯୋଗଦାନ ଦେଇପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ଅମ୍ରିତ୍ ଋତୁରାଜ, ଜିଲ୍ଲାପାଳ, ବୌଦ୍ଧ ଶ୍ରୀ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲ୍ଲାପାଳ, ବୌଦ୍ଧ ଶ୍ରୀ ଅନିରୁଦ୍ଧ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ବୌଦ୍ଧ ଶ୍ରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ, ଫୁଲବାଣୀ ଶ୍ରୀ ଭିକାରୀ ସାହୁ, ଉପଜିଲ୍ଲାପାଳ, ବାଲିଗୁଡ଼ା ଡଃ. ରୀନା ପ୍ରଧାନ, ଉପଜିଲ୍ଲାପାଳ, ବୌଦ୍ଧ ଶ୍ରୀ ପ୍ରବୀଣ କୁମାର ବାଣୁଆ, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ପଂଚାୟତ ଅଧିକାରୀ ଶ୍ରୀ ନରେନ୍ଦ୍ର ନାୟକ, ସରକାରୀ କର୍ମଚାରୀ ଆଦି ଉପସ୍ଥିତ ଥିଲେ ।

# ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ମେଗା ପ୍ଲାଂଟେସନ

ସୁବର୍ଣ୍ଣପୁର, ୨୪/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ମେଗା ପ୍ଲାଣ୍ଟେସନ ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟ ଅତିଥି ଓ ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଗଛ ଲଗାଇଥିଲେ ଏବଂ ବୃକ୍ଷରୋପଣର ଉପକାରିତା ବିଷୟରେ ଦିଗଦର୍ଶନ ଦେଇଥିଲେ । ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସହାୟକ କର୍ମଚାରୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ୧୧୨ଟି ଫଳଗଛ, ଫୁଲଗଛ, ଔଷଧୀୟ ଗଛ ଓ ଅନ୍ୟ ଉପକାରୀ ଚାରା ଲଗାଯାଇଥିଲା । ଗୋଷ୍ଠୀ ସହଶିକ୍ଷାଧିକାରୀ ଗଞ୍ଜଲୁ ମିର୍ଦ୍ଧା, ଜଗତ ମଲ୍ଲିକ, ସିଆର୍‌ସିସି ପ୍ରବୀର ଭୋଇ, ନରେନ୍ଦ୍ର ପୁରୋହିତ, ରମେଶ ଭୋଇ, ଚିତରଞ୍ଜନ ଠାକୁର, ସୁରେଶ ନାୟକ, ଦିଲୀପ ପଧାନ, ନୀଳକଣ୍ଠ ନାଏକ, ପ୍ରଦୀପ୍ତକିଶୋର ଦାଶ, ଶିକ୍ଷକ ହେମସାଗର ଗଡତିଆ, ନିର୍ମଳ ପାତ୍ର, ତିରୁପତି ମେହେର, ଧର୍ମେନ୍ଦ୍ର ହରିପାଳ, ଅନିଲ ଅଗ୍ରୱାଲ, ଶିକ୍ଷୟିତ୍ରୀ ନିରମାମଞ୍ଜରୀ ପଣ୍ଡା, ଚନ୍ଦ୍ରକାନ୍ତି ପଧାନ, ଲୀଳାବତୀ ମେହେର, କର୍ମଚାରୀ ସମୀର ପଧାନ, ଅରୁଣ ଥପା, ବିନାୟକ ମିଶ୍ର, ଶ୍ରଦ୍ଧା ସାହୁ, ବିଭୁତି ପଧାନ, ସମସ୍ତ ଛାତ୍ରଛାତ୍ରୀ, ପିତାମାତା, ବିଦ୍ୟାଳୟ ପରିଚାଳନା କମିଟି ଓ ପଂଚସଖା ଶିକ୍ଷାସେତୁକମିଟିର ସଭ୍ୟ ସଭ୍ୟା ଭାଗ ନେଇ ଗଛ ଲଗାଇବା ସହ ମା'ନାମରେ ଗଛଟିଏର ସ୍ଲୋଗାନ ଦେଇ ସେଲଫି ପଏଂଟରେ ଫଟୋ ଉଠାଇଥିଲେ । ପ୍ରଧାନ ଶିକ୍ଷକ କରମ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ ।

# ଜଲିଉଡ ମଂଚରେ ଅଜଗର ସାପ ସହ ଅଭିନୟ କରିବା ଘଟଣା: ବନ ବିଭାଗ କାର୍ଯ୍ୟାଳୟରେ ହାଜର ହେଲେ ଅଭିନେତା

ଧର୍ମଶାଳା,୨୩ଜୁଲାଇ(ହି.ସ.) - ଜଲିଉଡ ମଂଚରେ ଦିନକୁ ଦିନ ନୂଆ ନୂଆ ବିବାଦ ଘେରକୁ ଆସୁଥିବା ବେଳେ ଗତ କାଲି ଆଉ ଏକ ବିବାଦୀୟ ଘଟଣା ସାମ୍ନାକୁ ଆସିଥିବା ଦେଖିବାକୁ ମିଳିଥିଲା । ତୁଳସୀ ଗଣନାଟ୍ୟ ଯାତ୍ରା ମଂଚରେ ଅଜଗର ସାପ ସହ ଅଭିନେତାଙ୍କ ଅଭିନୟକୁ ନେଇ ଏବେ ବିବାଦ ଦେଖା ଦେଇଛି । ଯାତ୍ରା ଆଖଡାଶାଳାରେ ଏକ ନାଟକରେ ରିୟଲସେଲ ଚାଲିଥିବା ବେଳେ ସାପକୁ ଧରି କଳାକାର ସାଇ ସତ୍ୟଜିତ ପଣ୍ଡା ଅଭିନୟ କରୁଥିବାର ଦୃଶ୍ୟ ଏବେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିଲା । ଏହି ଘଟଣା ଯାଜପୁର ଜିଲା ବାଲିଚନ୍ଦ୍ରପୁର ନିକଟ ଆଖଡାଶାଳରେ ନାଟକ ରିୟଲସେଲ ଚାଲିଥିବା ବେଳେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା । ପୂର୍ବରୁ ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳଙ୍କୁ ନେଇ ବିବାଦ ଦେଖା ଦେଇଥିଲା । ଏବେ ପୁଣି ଯାତ୍ରା ମଂଚରେ ସାପ ଖେଳକୁ ନେଇ କଳାକାର ଅଭିନୟ କରୁଥିବା ଦୃଶ୍ୟ ଘଟଣା ଏବେ ବିବାଦ ଘେରକୁ ଟାଣି ଆଣି ଥିଲା । ଏହି ଖବର ଜଣାପଡିବା ପରେ ବନ ବିଭାଗ ପକ୍ଷରୁ ମଙ୍ଗଳବାର ରାତିରେ ବୈରୀ ରେଞ୍ଜ, ଡାଳିଯୋଡା ଓ ଚଣ୍ଡିଖୋଲ ବନବିଭାଗ ଆଖଳାଶାଳରେ ପଂହଚି ତଦନ୍ତ ଚଳାଇ ଥିଲେ । ସେଠାରେ ଅଭିନେତା ସାଇ ନ ଥିବାରୁ ବନ ବିଭାଗ କାର୍ଯ୍ୟାଳୟରେ ହାଜର ହେବା ପାଇଁ ନୋଟିସ୍ ଦେଇଥିଲେ । ତେବେ ଆଜି ବୈରୀ ରେଞ୍ଜରେ କାର୍ଯ୍ୟାଳୟରେ ସାଇ ହାଜର ହୋଇ ସାପ ରଖିବା ପାଇଁ ଆବଶ୍ୟକୀୟ କାଗଜପତ୍ର ବନ ବିଭାଗ ଅଧିକାରୀଙ୍କୁ ଦେଖାଇ ଥିଲେ । ସାଇଙ୍କୁ ପଚରାଉଚୁରା କରିବା ସହ ସମସ୍ତ କାଗଜପତ୍ର ଯାଂଚ କରାଯାଇଥିବା ଜଣାପଡିଛି । ସାଇ କିଣି ଆଣିଥିବା ସାପର କାଗଜପତ୍ର ଦାଖଲ କରିଛନ୍ତି । ଏ କେଉଁ ପ୍ରକାର ସାପ । ପ୍ରାୟତଃ ୩ ପ୍ରକାର ସାପ ରହିଥାନ୍ତି । ଭାରତ କିମ୍ବା ଆଫ୍ରିକାରେ । ଏହି ସାପ ଟିକେ ଅଲଗା ପରି ଲାଗୁଛି । ତେବେ ସେ ଯେଉଁ ସ୍ଥାନରୁ କିଣି ଆଣିଛନ୍ତି ସେ ଦୋକନର ଲାଇସେନ୍ସ ଅଛିକି ନାହିଁ ତାହା ତଦନ୍ତ କରାଯିବ । ଯଦି ଏହାର ବ୍ୟତିକ୍ରମ ହୋଇଥାଏ ତାହା ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରେଞ୍ଜର ଅଦ୍ୱୈତ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

# ବଲାଙ୍ଗୀର ନାଗରିକ କମିଟିର ତ୍ରୟୋମାସିକ ସାଧାରଣ ସଭା

ବଲାଙ୍ଗୀର, ୨୪/୦୭ (ନି.ପ୍ର): ବଲାଙ୍ଗୀର ନାଗରିକ କମିଟିର ତ୍ରୟୋମାସିକ ସାଧାରଣ ସଭା ସରକାରୀ ଟାଉନ ଉଚ୍ଚବାଳିକା ବିଦ୍ୟାଳୟରେ ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ନାଗରିକ କମିଟିର ସମ୍ବିଧାନ ସଂଶୋଧନ ପରେ ଏହା ହେଉଛି ପ୍ରଥମ ତ୍ରୟୋମାସିକ ସଭା । ସଭାପତି ଡ. ମିଶ୍ର ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ପରେ ସାଧାରଣ ସଂପାଦକ ମଧୁ ସୁଦନ ନାୟକ ଗତ ସାଧାରଣ ସଭା ଓ କାର୍ଯ୍ୟକାରି କମିଟି ବୈଠକର ବିବରଣୀ ପାଠ କରିବା ସହିତ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ । ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସଂପାଦକ ଶ୍ରୀ ନାୟକ ଗତ ତିନି ମାସ ମଧ୍ୟରେ ନାଗରିକ କମିଟି ଦ୍ୱାରା ସଂପାଦିତ ବିଭିନ୍ନ କାର୍ଯ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରଧାନମନ୍ତ୍ରୀ, ରେଲୱେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀଙ୍କ ସହିତ ଜିଲ୍ଲା ପଂଚାୟତ କାର୍ଯ୍ୟାଳୟ, ବିପିସିଏଲ୍ ଓ ଲୋୟର ସୁକତେଲ କାର୍ଯ୍ୟାଳୟରୁ ନାଗରିକ କମିଟିର ପତ୍ରର ଉତର ମିଳିଥିବା ସଭାପତି ସୂଚନା ଦେବା ସହିତ ସମସ୍ତ କାର୍ଯ୍ୟାଳୟ ବଲାଙ୍ଗୀର ନାଗରିକ କମିଟିକୁ ସହଯୋଗ କରିଥିବା ଦର୍ଶାଇଥିଲେ । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଖାତିର ନକରି ଯେଉଁ ସଦସ୍ୟମାନେ ନାଗରିକ କମିଟିର କାର୍ଯ୍ୟ ସଂପାଦନ ପାଇଁ ଆଗେଇ ଆସିଥିଲେ ସେମାନଙ୍କୁ, ବିଶେଷ କରି ଗତ ଜୁଲାଇ ୯ ତାରିଖରେ ସ୍ଥାନୀୟ ଆର୍ଯ୍ୟସମାଜ ମନ୍ଦିର ପରିସରରେ ନାଗରିକ କମିଟି ତରଫରୁ ପାଳନ କରାଯାଇଥିବା ବନୋମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଶେଷ ଅବଦାନ ପାଇଁ ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରଫେସର ତରୁଣ କୁମାର ମିଶ୍ର ଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସଦସ୍ୟମାନଙ୍କୁ ସଭାପତି ସାଧୁବାଦ ଜଣାଇଥିଲେ ଓ ପ୍ରକାଶ କରିଥିଲେ ଯେ ଗତ ତିନି ମାସ ମଧ୍ୟରେ କିଛି କାର୍ଯ୍ୟ ସୁଫଳ ପ୍ରଦାନ କରିଛି ଓ କିଛି କାର୍ଯ୍ୟ ଅଧୁରା ରହିଯାଇଛି । ଯେଉଁ କାର୍ଯ୍ୟ ଅଧୁରା ରହିଛି ତା ଉପରେ ଖୁବ୍ ଶିଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଘୋଷଣା କରିଥିଲେ । ସଭାପତିଙ୍କ ଆହ୍ୱାନ କ୍ରମେ ସଦସ୍ୟ ଧର୍ମବ୍ରତ ରଥ, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଜୟରାମ ମିଶ୍ର, ପ୍ରଭାକର ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, କିଶୋର କୁମାର ପୁରୋହିତ, ଦୁର୍ବାଦଳ ମହାକୁର ଓ ପ୍ରଦୀପ କୁମାର ସାହୁ ଆଗାମୀ ତିନି ମାସ ପାଇଁ ବିଭିନ୍ନ କାର୍ଯ୍ୟର ପ୍ରସ୍ତାବ ରଖିଥିଲେ ।

# ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): ରାଜ୍ୟ ସାମାଜିକ ସୁରକ୍ଷା ବିଭାଗ ସହଯୋଗିତାରେ କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁନର୍ବାସ ଠାରେ ଥେରାପି ଗ୍ରହଣ କରୁଥିବା ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ଼ିପିଏମ୍ୟୁ ବିଭାଗର ଡାକ୍ତର ଶେଖ୍ ଆସିଫ୍ ହୋସେନ୍, ଫାର୍ମାସିଷ୍ଟ ଶୀତୋଷ୍ଣା ପ୍ରିୟଦର୍ଶିନୀ ପରିଡ଼ା ଏବଂ ସହାୟକ ଟିମ୍ ଏହି ସ୍ୱତନ୍ତ୍ର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରରେ ମସ୍ତିଷ୍କ ପକ୍ଷାଘାତ, ଅଟିଜିମ୍ ଓ ବିକାଶ ବାଧିତ ସମୁଦାୟ କୋଡ଼ିଏ ଜଣ ହିତାଧିକାରୀ ଭିନ୍ନକ୍ଷମ ଶିଶୁଙ୍କ ପ୍ରାରମ୍ଭିକ ଭାବେ ମାସିକ ସ୍ୱାସ୍ଥ୍ୟସ୍ଥିତିର ଡାକ୍ତରୀ ସ୍କ୍ରିନିଂ କରାଯାଇଥିଲା । ଗୋଟିଏ ସ୍ଥାନରେ ଡାକ୍ତରୀ ଟିମ୍ ଦ୍ୱାରା ସେମାନଙ୍କ ସ୍ୱତନ୍ତ୍ର ଶିଶୁର ସ୍ୱାସ୍ଥ୍ୟ ଯାଂଚର ସୁବିଧା ପାଇଥିବାରୁ ଭିନ୍ନକ୍ଷମ ଶିଶୁଙ୍କ ଅଭିଭାବକମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଶିବିରକୁ ପୁନର୍ବାସ ପକ୍ଷରୁ ପ୍ରୋଜେକ୍ଟ ସୁପରଭାଇଜର ସଂଜୀବ କୁମାର ଜେନା, ଫିଜିଓଟେରାପିଷ୍ଟ ରଚିତା ଜେନା, ଅକ୍ୟୁପେସେନାଲ୍ ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ । ସାଧାରଣ ବ୍ୟକ୍ତିବିଶେଷଙ୍କ ପରି ମୁଖ୍ୟସ୍ରୋତ ସ୍ୱାସ୍ଥ୍ୟସେବା ଠାରୁ ବଂଚିତ ରହୁଥିବା ଏହି ସ୍ୱତନ୍ତ୍ର ଶିଶୁମାନଙ୍କ ଡାକ୍ତରୀ ଟିମ୍ ଦ୍ୱାରା ମାସିକ ସ୍ୱାସ୍ଥ୍ୟ ଯାଂଚର ପରିସରଭୁକ୍ତ କରିଥିବାରୁ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ ଓ ଆର୍‌ଏସ୍‌ବିୱାଇ ସହ ପ୍ରବନ୍ଧିକା ଜୋସ୍ନା ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ପଂଚଦିବସୀୟ ନିଷ୍ଠା ଅନ୍ତର୍ନିବେଶୀ ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ

ସୁବର୍ଣ୍ଣପୁର, ୨୪/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପଂଚଦିବସୀୟ ନିଷ୍ଠା ଅନ୍ତର୍ନିବେଶୀ ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ରାମପୁର ସିଆର୍‌ସିସି ପ୍ରଦୀପ୍ତକିଶୋର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଗଜବନ୍ଧ ସିଆର୍‌ସିସି ନରେନ୍ଦ୍ର କୁମାର ପୁରୋହିତ ସଭା ପରିଚାଳନା କରିଥିଲେ । ଏହି ଅବସରରେ ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ଲୋଚନ ସାହୁ ଓ ପ୍ରକୃତିମିତ୍ର ପୁରସ୍କାରପ୍ରାପ୍ତ କାଇସକନ୍ଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚୁମକି ବିଶିଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ରାମପୁର, ଅନ୍ଧାରିବାଞ୍ଜି, ଗଜବନ୍ଧ, ବାଙ୍କୀପାଲି ଓ ମାୟାବର୍ହା କ୍ଲଷ୍ଟରର ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ । ଗଧାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଆନନ୍ଦ ପଧାନ, ଚିଙ୍ଗେରକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଯୋଗାନନ୍ଦ ପଧାନ, ବଡ଼କର୍ଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ ସାଧନ କର୍ମୀ ଭାବେ ଯୋଗଦେଇ ବିବିଧତାପୂର୍ଣ୍ଣ ଅନ୍ତର୍ନିବେଶୀ ଶ୍ରେଣୀ କକ୍ଷ, ଭିନ୍ନକ୍ଷମ ବିଭାଗୀକରଣ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ଶିଶୁ ଏବଂ ଅଧିକ ସହାୟତା ଆବଶ୍ୟକ କରୁଥିବା ଶିଶୁ, ସ୍ୱତନ୍ତ୍ର ଆବଶ୍ୟକତା ଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ ଶିକ୍ଷାଗତ ବ୍ୟବସ୍ଥା, ଶିକ୍ଷାର୍ଥୀମାନଙ୍କ ଉପରେ ପଡୁଥିବା ବିଭିନ୍ନ ଅକ୍ଷମତା ଜନିତ ଶିକ୍ଷଣ, ପ୍ରଶସ୍ତ ଆପ୍ର ବ୍ୟବହାର, ପାଠ୍ୟକ୍ରମ ଅନୁକୂଳନ ଓ ରୂପାନ୍ତରଣ, ସାର୍ବଜନୀନ ଶିକ୍ଷଣ ଢାଂଚା, ଅନ୍ତର୍ନିବେଶୀ ଶିକ୍ଷା ପାଇଁ ଭିନ୍ନଭିନ୍ନ ସୂଚନା, ଅନ୍ତର୍ନିବେଶୀ ଶ୍ରେଣୀ ଗୃହରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଗଣେଷ କିଷାନ ତାଲିମ କେନ୍ଦ୍ର ପରିଦର୍ଶନ କରି ସୁଚିନ୍ତିତ ଉପଦେଶ ଦେଇଥିଲେ । ଶେଷରେ ପ୍ରଶିକ୍ଷାର୍ଥୀ ସଂଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏହି ଅଭ୍ୟାସ ଥିବା ଲୋକ କେବେ ଖୁସିରେ ରହିପାରନ୍ତି ନାହିଁ: ହୋଇଯାଆନ୍ତି କାଙ୍ଗାଳ

*ମଣିଷ ଜୀବନରେ ଟଙ୍କା ବହୁତ ଗୁରୁତ୍ୱପୂର୍ଣ୍ଣ । କାହିଁକି ନା, ଏହା ମାଧ୍ୟମରେ ମଣିଷ ସମସ୍ତ ପ୍ରକାରର ସାମଗ୍ରୀ ପ୍ରାପ୍ତ କରିପାରିବ । ଏଭଳି ପରିସ୍ଥିତିରେ ଜଣେ ବ୍ୟକ୍ତି ଟଙ୍କା ପାଇବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥାଏ । ସେ କଠିନ ପରିଶ୍ରମ କରେ, କିନ୍ତୁ ଚାହୁଁଥିବା ଫଳ ପାଇନଥାଏ । ଗରୁଡ ପୁରାଣ ଅନୁଯାୟୀ ଏହା ପଛର କାରଣ ହେଉଛି ମଣିଷର କର୍ମ । ଜୀବନରେ ସେମାନଙ୍କ ଦ୍ୱାରା କରାଯାଇଥିବା ଭୁଲ ଯୋଗୁଁ ସେମାନଙ୍କୁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଥାଏ ।*

– ଆପଣ ଜୀବନରେ ଯେତେ ସଫଳ ହୁଅ କି ବହୁତ ଟଙ୍କା ରୋଜଗାର କର, କିନ୍ତୁ କାହାକୁ ଅପମାନିତ କରିବାକୁ ଚେଷ୍ଟା କରନ୍ତୁ ନାହିଁ । ପ୍ରାୟତଃ ଦେଖାଯାଏ ଯେ, ଧନୀ ଲୋକମାନେ ଅନ୍ୟମାନଙ୍କୁ ଅପମାନିତ କରିବାକୁ ଚେଷ୍ଟା କରନ୍ତି । ଗରୁଡ ପୁରାଣଙ୍କ ଅନୁଯାୟୀ ଏହା କରିବା ଠିକ୍ ନାହିଁ । ମା' ଲକ୍ଷ୍ମୀ କ୍ରୋଧିତ ହୋଇ ଏପରି ଲୋକମାନଙ୍କଠାରୁ ଦୂରେଇ ଯାଆନ୍ତି ।

– ଗରୁଡ ପୁରାଣ ଅନୁଯାୟୀ, ଯେଉଁମାନେ ଟଙ୍କା ପାଇଁ ଲୋଭ କରନ୍ତି ସେମାନେ କଦାପି ଖୁସି ହୋଇପାରିବେ ନାହିଁ । ଅନ୍ୟପଟରେ ଯେଉଁମାନେ ଅନ୍ୟମାନଙ୍କର ସମ୍ପତ୍ତି ହାସଲ କରିବାକୁ ଚେଷ୍ଟା କରନ୍ତି, ଏପରି ଲୋକମାନେ କୌଣସି ଜନ୍ମରେ ସନ୍ତୁଷ୍ଟ ହୁଅନ୍ତି ନାହିଁ ।

– ଗରୁଡ ପୁରାଣ ଅନୁଯାୟୀ, ଅନ୍ୟମାନଙ୍କୁ ନିନ୍ଦା କରିବା କିମ୍ବା ସମାଲୋଚନା କରିବା ପାପ । ଏପରି ପରିସ୍ଥିତିରେ ଜଣେ ବ୍ୟକ୍ତି ସର୍ବଦା ନିଜ କାମକୁ ନେଇ ଚିନ୍ତିତ ହେବା ଉଚିତ୍ । ଏପରି ଲୋକମାନେ ଜୀବନରେ ସଫଳ ହୋଇପାରିବେ ନାହିଁ ।

– ଗରୁଡ ପୁରାଣ ଅନୁଯାୟୀ, ଜଣେ ବ୍ୟକ୍ତି ସର୍ବଦା ପରିଷ୍କାର ପୋଷାକ ପିନ୍ଧିବା ସହ ଘରକୁ ସଫା ରଖିବା ଉଚିତ୍ । ମା ଲକ୍ଷ୍ମୀ ଏପରି ଏକ ଘରେ ରୁହନ୍ତି, ଯେଉଁଠାରେ ପରିଷ୍କାର ପରିଚ୍ଛନ୍ନତାର ଧ୍ୟାନ ରଖାଯାଏ ।

– ଦହି ସ୍ୱାସ୍ଥ୍ୟ ପାଇଁ ଭଲ ବିବେଚନା ହୋଇଥାଏ । କିନ୍ତୁ ଗରୁଡ ପୁରାଣ ଅନୁଯାୟୀ, ରାତିରେ ଦହି ଖାଇବା ଉଚିତ୍ ନୁହେଁ । ଏପରି କୁହାଯାଏ ଯେ, ରାତିରେ ଦହି ଖାଇବା ଦ୍ୱାରା ଆୟୁଷ କମିଯାଏ ।



## ଆଇରନ୍ କିମ୍ବା ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସହ ପିଅନ୍ତୁ ନାହିଁ ଚା': ଉପୁଜିପାରେ ଅନେକ ସମସ୍ୟା

ପ୍ରାୟତଃ ଲୋକେ ନିଜ ଦିନର ଆରମ୍ଭ ଚା' କିମ୍ବା କପେ କଫିରୁ କରିଥାନ୍ତି । ସେମାନଙ୍କୁ ଏହା ଫୁର୍ତ୍ତି ତଥା ସତେଜ ଅନୁଭବ କରାଇଥାଏ । କିଛି ଲୋକ ଚା' ସହିତ ଅନେକ ଜିନିଷ ଖାଇଥାନ୍ତି । କିନ୍ତୁ କିଛି ଜିନିଷ ଏମିତି ରହିଛି, ଯାହାକୁ ଚା' ସହିତ ଖାଇବା ଦ୍ୱାରା ତାହାର କୁ-ପ୍ରଭାବ ଶରୀର ଉପରେ ପଡ଼ିଥାଏ । ଆଜି ଆମେ ଆପଣଙ୍କୁ ଜଣାଇବୁ, ଚା' ସହିତ କେଉଁ ଜିନିଷ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ । ଯଦି ଆପଣ ସକାଳ ସମୟରେ ଚା' ପିଉଛନ୍ତି । ତେବେ ଚା' ସହିତ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଚା'ରେ ଟେନିନ୍ ରହିଥାଏ, ଯାହାକି ଆଇରନ୍ ସଂସ୍ପର୍ଶରେ ଆସିବା ଭଲ ନୁହେଁ । ଏହା ଦ୍ୱାରା ଶରୀରରେ ଆଇରନ୍‌ର ମାତ୍ରା କମ୍ ହୋଇ ଯାଇଥାଏ । ଆଇରନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଭଲ । କିନ୍ତୁ କେବେ ହେଲେ ଏହାକୁ ଚା' ସହିତ ଖାଆନ୍ତୁ ନାହିଁ । ଏପରି କଲେ ରକ୍ତହୀନତା ସହ ଅନେକ ସମସ୍ୟା ଦେଖା ଦେଇପାରେ । ଚା' ସହିତ ଅଣ୍ଡା, ପନିର କିମ୍ବା ଅନ୍ୟ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ । ଚା'ରେ ଥିବା ଟେନିନ୍ ପ୍ରୋଟିନ୍ ପାଇଁ ମଧ୍ୟ ଭଲ ନୁହେଁ । ଯାହାକି ଶରୀରକୁ କ୍ଷତି ପହଞ୍ଚାଇଥାଏ । ଚା'ର ସେବନ କରୁଥିଲେ ତା' ସହ ସବୁଜ ପରିବା ଖାଆନ୍ତୁ ନାହିଁ । ବ୍ରୋକ୍‌ଲି, ପୋଇ, ମୂଳା ଇତ୍ୟାଦି ପରିବାରେ ଭରପୂର ମାତ୍ରରେ ଆଇରନ ରହିଥାଏ । ଯାହାଦ୍ୱାରା ଚା' ସହିତ ଏହାକୁ ସେବନ କଲେ ଶରୀରରେ ରକ୍ତହୀନତା, ପାଚନ ସମ୍ବନ୍ଧିତ ସମସ୍ୟା, ପେଟରେ ଯନ୍ତ୍ରଣା ହେବା ଭଳି ସମସ୍ୟା



## ମଶାକାମୁଡ଼ାର ତତ୍କାଳ ଉପଚାର

ଖରାଦିନ ଆସିଲେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ମଶାମାନଙ୍କର ଉପଦ୍ରବ ଆମକୁ ଅତିଷ୍ଠ କରିପକାଏ । ଏଣେ ତାପମାତ୍ରା ବଢ଼ିବା ସହ ବାୟୁମଣ୍ଡଳର ଆର୍ଦ୍ରତା ସ୍ତର ମଧ୍ୟ ବଢ଼ିଥାଏ ଯାହା ମଶାମାନଙ୍କ ପ୍ରଜନନ ବୃଦ୍ଧିକୁ ସୁହାଇଥାଏ । ଗରମ ଯୋଗୁଁ ଆମେ ଅଧିକ ସମୟ ଘର ବାହାରେ ବିତାଇବା ପାଇଁ ପସନ୍ଦ କରିଥାଉ । ସୁତରାଂ ମଶାକାମୁଡ଼ାର ଆଶଙ୍କା ବଢ଼ିଯାଇଥାଏ । ତେବେ କିଛି ଘରୋଇ ଉପଚାର ଦ୍ୱାରା କିପରି ତାହାର ସଫଳ ମୁକାବିଲା କରିହେବ, ସେ ବାବଦରେ ଆଲୋଚନା କରିବା ।

ଆପଲ୍ ? ସାଇଡର ଭିନେଗାର ଏକ ଭଲ ପ୍ରଦାହ ବିରୋଧୀ ରୂପେ କାମ କରେ । ତୁଳାକୁ ଏହି ଭିନେଗାରରେ ଭିଜାଇ ମଶା କାମୁଡ଼ିଥିବା ସ୍ଥାନରେ ଲଗାଇଦେଲେ ମଶାକାମୁଡ଼ା ଜନିତ କୁଣ୍ଡାଇ



ହେବା ଓ ଚର୍ମଫୁଲାରୁ ଆରାମ ମିଳିଥାଏ ।

ମଶା କାମୁଡ଼ା ପାଇଁ ମହୁ ଅନ୍ୟତମ ମହୌଷଧି । ମହୁର ବୀଜାଣୁବିରୋଧୀ ଗୁଣ ମଶାକାମୁଡ଼ା ଜନିତ ସଂକ୍ରମଣ ଆଶଙ୍କାକୁ କମାଇଦେଇଥାଏ । ମଶା କାମୁଡ଼ିଥିବା ଚର୍ମ ଉପରେ ମହୁର ବହଳ ପ୍ରଲେପ କୁଣ୍ଡାଇହେବାରୁ ତୁରନ୍ତ ଉପଶମ ଆଣିଥାଏ ।

ମଶା କାମୁଡ଼ାର ପ୍ରଭାବ କମାଇବା ଦିଗରେ ଖାଇବା ସୋଡ଼ା ମଧ୍ୟ ଏକ ଅବ୍ୟର୍ଥ ଘରୋଇ ଉପଚାର । ଅଳ୍ପ ଖାଇବା ସୋଡ଼ାରେ ଚାରି ପାଞ୍ଚ ଠୋପା ପାଣି ମିଶାଇ ଏକ ମଲମ ପ୍ରସ୍ତୁତ କରନ୍ତୁ । ତାହାକୁ ମଶାକାମୁଡ଼ା ସ୍ଥାନରେ ଲଗାଇ ୧୦ରୁ ୧୫ ମିନିଟ୍ ପରେ ତାହାକୁ ଧୋଇଦେଲେ ଆଉ କିଛି ଜଳାପୋଡ଼ା ଦୂର ହୋଇଯାଏ ।

ଘିକୁଆଁରୀ ବା ଆଲୋଭେରା ମଧ୍ୟ ଏଥି ପାଇଁ ଏକ ଅମୋଘ ଅସ୍ତ୍ର । ଆଲୋଭେରା ପତ୍ରକୁ ଭାଙ୍ଗି ତାହାର ବହଳ ରସକୁ ମଶାକାମୁଡ଼ା ସ୍ଥାନରେ ଲଗାଇଲେ ତତ୍କାଳ ଆରାମ ମିଳିଥାଏ ।

ତୁଳସୀପତ୍ର ରସକୁ ମଶା କାମୁଡ଼ା ସ୍ଥାନରେ ଲଗାଇଲେ ତାହାର ପ୍ରଦାହବିରୋଧୀ ଗୁଣ କୁଣ୍ଡାଇହେବାକୁ କମାଇଦେବା ସହ ଚର୍ମ ଫୁଲିବାକୁ ମଧ୍ୟ ଦେବନାହିଁ । ସେହିପରି ରସୁଣର ଉଭୟ ପ୍ରଦାହ ବିରୋଧୀ ଓ କବକବିରୋଧୀ (ଆଣ୍ଟିଫଙ୍ଗାଲ) ଗୁଣ ରହିଛି । କିଛି ରସୁଣ ପାଖୁଡ଼ାକୁ ବାଟି ମଲମ ସଦୃଶ ମଶାକାମୁଡ଼ା ସ୍ଥାନରେ ମାରିଲେ ତୁରନ୍ତ ଉପଶମ ମିଳିପାରିବ ।

## ଅଧିକ ରାତି ପର୍ଯ୍ୟନ୍ତ ମୋବାଇଲ, ଲାପଟପ ବ୍ୟବହାର ହୋଇପାରେ ବିପଦ: ବଢ଼ିପାରେ ଏହି ସମସ୍ୟା



ଅନେକ ବିବାହିତ ପୁରୁଷ ସେମାନଙ୍କର ଦାମ୍ପତ୍ୟ ଜୀବନରେ ଖୁସି ନୁହଁନ୍ତି କାରଣ ଅଳ୍ପ ବୟସରେ ସେମାନେ ଶକ୍ତିହୀନତାର ଶିକାର ହୁଅନ୍ତି, ଯେଉଁଥିପାଇଁ ସେମାନଙ୍କୁ ପିତା ହେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ । ଏପରି ପରିସ୍ଥିତିରେ, ସେମାନେ ତୁରନ୍ତ କିଛି ଅଭ୍ୟାସକୁ ପରିବର୍ତ୍ତନ କରିବା ଉଚିତ ଯାହା ସେମାନଙ୍କର ଫର୍ଟିଲିଟିକୁ କ୍ଷତି ପହଞ୍ଚାଉଛି । ଅଧିକାଂଶ ପୁରୁଷଙ୍କ ପାଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମୋବାଇଲ୍ ଫୋନ୍ ଏବଂ ଲାପଟପ୍ ବ୍ୟବହାର କରିବାର ଅଭ୍ୟାସ ଅଛି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏକ ଗବେଷଣାରୁ ଏହା ପ୍ରକାଶ ପାଇଛି ଯେ ଏହି ଗ୍ୟାଜେଟରୁ ବାହାରୁଥିବା ନୀଳ ଆଲୋକ ପୁରୁଷମାନଙ୍କର ଶୁକ୍ରାଣୁ ଗୁଣକୁ କ୍ଷତି ପହଞ୍ଚାଉଛି । ଏହି ଅଧ୍ୟୟନ ଆମେରିକାର ଏକ ପତ୍ରିକାରେ ପ୍ରକାଶିତ ହୋଇଥିଲା, ଯେଉଁଥିରେ ୨୧ ରୁ ୫୯ ବର୍ଷ ବୟସର ୧୧୬ ପୁରୁଷଙ୍କ ଶୁକ୍ରାଣୁ ନମୁନା ନିଆଯାଇଥିଲା, ସେମାନଙ୍କୁ ଶୋଇବା ସମୟ ଏବଂ ମୋବାଇଲ୍, ଲାପଟପ୍ ର ବ୍ୟବହାର ବିଷୟରେ ପଚରାଯାଇଥିଲା । ଏହି ଅନୁସନ୍ଧାନରେ ଏହା ପ୍ରକାଶ ପାଇଲା ଯେ ରାତିରେ ଏହି ଇଲେକ୍ଟ୍ରୋନିକ୍ ଗ୍ୟାଜେଟରୁ ବାହାରୁଥିବା ନୀଳ ଆଲୋକ ଶୁକ୍ରାଣୁ ଗୁଣର ଅବନତି ସହିତ ଜଡିତ । ଫୋନର ବିକିରଣ ପୁରୁଷ ପ୍ରଜନନ ଉପରେ ଖରାପ ପ୍ରଭାବ ପକାଇଥାଏ । ଶୋଇବା ସମୟରେ ଏହି ଜିନିଷଗୁଡ଼ିକୁ ଯଥାସମ୍ଭବ ବ୍ୟବହାର କରିବା ଭଲ ହେବାର ଏହି କାରଣ । ଏହି ଅନୁସନ୍ଧାନରେ ଏହା ଜଣାପଡିଛି ଯେ ଶରୀର ସହିତ ମୋବାଇଲ ଏବଂ ଲାପଟପରୁ ସ୍ୱଳ୍ପ ତରଙ୍ଗଦ ଦୈର୍ଘ୍ୟର ଆଲୋକ ଯେତେ ଅଧିକ ସଂସ୍ପର୍ଶରେ ଆସେ, ଇମୋଟାଇଲ ଶୁକ୍ରାଣୁର ପରିମାଣ ବଢ଼ିଯାଏ । ଉତ୍ତମ ଶୁକ୍ରାଣୁ ଗଣନା ଭଲ ଏବଂ ଠିକ୍ ସମୟରେ ଶୋଇବା ସହିତ ସିଧାସଳଖ ଜଡିତ ଥିବା ଜଣାପଡିଛି । ଏହାର ଅର୍ଥ ହେଉଛି, ଯେଉଁ ପୁରୁଷମାନେ ଠିକ୍ ସମୟରେ ଶୋଇଥା'ନ୍ତି ଏବଂ ରାତିରେ ଇଲେକ୍ଟ୍ରୋନିକ୍ ଗ୍ୟାଜେଟର ବ୍ୟବହାରକୁ ହ୍ରାସ କରନ୍ତି, ସେମାନଙ୍କର ଉତ୍ତମ ଫର୍ଟିଲିଟି ଅଧିକ ଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ସାଧାରଣ ଜନତାଙ୍କ ମଧ୍ୟରେ ପୁରୁଷଙ୍କ ଶକ୍ତିହୀନତା ହାର ୨୦ ରୁ ୪୦ ପ୍ରତିଶତ ମଧ୍ୟରେ ରହିଛି ।

## ପେଟ ଖରାପ ଓ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ କଦଳୀ ଚୋପା

କଦଳୀ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଖୁବ ଉପକାରୀ । ମାତ୍ର ଏହାର ଚୋପା ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ । କଦଳୀ ଓ ଏହାର ଚୋପା ଉଭୟ ସ୍ୱାସ୍ଥ୍ୟ ପାଇଁ ଭିନ୍ନ ଭିନ୍ନ ଉପକାର କରିଥାଏ । ସବୁଜ କଦଳୀ ପାଚନ ଜନିତ ସମସ୍ୟା ଦୂର କରିବା ପାଇଁ ଅଧିକ ପ୍ରଭାବଶାଳୀ । ଏହାସହ ପାଚିଲା କଦଳୀ ଶରୀରକୁ ଅନେକ ସଂକ୍ରମଣରୁ ରକ୍ଷା କରିଥାଏ । କଦଳୀ ଚୋପାରୁ ସ୍ୱାସ୍ଥ୍ୟକର ଜଳଖିଆ ଓ ମିଠା ମଧ୍ୟ ପ୍ରସ୍ତୁତ କରି ହେବ । କଦଳୀର ଭିତର ଅଂଶ ନରମ ଓ ମିଠା ହୋଇଥାଏ । ମାତ୍ର କଦଳୀ ଚୋପାକୁ ସେବନ କରିବା ପୂର୍ବରୁ ଏହାକୁ ଭଲ ଭାବେ ଧୋଇବା ଆବଶ୍ୟକ । କଦଳୀ ଚୋପାରେ କ୍ୟାଲୋରୀ, କାର୍ବୋହାଇଡ୍ରେଟ, ଶର୍କରା, ଫାଇବର, ପୋଟାସିୟମ, ପ୍ରୋଟିନ, ଭିଟାମିନ ଏ, କ୍ୟାଲସିୟମ ଓ ଆଇରନ ସମେତ ଅନେକ ପୋଷକ ତତ୍ତ୍ୱ ରହିଛି । ଏହାର ସେବନ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତତ୍ତ୍ୱ ମିଳିଥାଏ । ଏହା ଶରୀରକୁ ମଜଭୁତ କରିଥାଏ । କଦଳୀ ଚୋପାରେ ଥିବା ଏକ ପ୍ରକାର ପୋଷକ ତତ୍ତ୍ୱ ମାନସିକ ସୁସ୍ଥତା ବଜାୟ ରଖେ । ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ । ଶାନ୍ତି ଅନୁଭବ ହୋଇଥାଏ । ଚୋପାରେ ଥିବା ଭିଟାମିନ ବି୬ ଉତ୍ତମ ନିଦରେ ମଧ୍ୟ ସହାୟକ ହୋଇଥାଏ । ମସ୍ତିଷ୍କ ମଧ୍ୟ ସୁସ୍ଥ ରହିଥାଏ । କଦଳୀ ଚୋପାରେ ଫାଇବର ପ୍ରଚୁର ମାତ୍ରାରେ ରହିଛି । ପେଟ ଖରାପ ସମୟରେ ଓ କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କଦଳୀ ଚୋପା ଖାଇବା ଖୁବ୍ ଉପକାରୀ ।



## ଦୈନନ୍ଦିନ ଜୀବନରେ ଏହା ପିଇବା ଦ୍ୱାରା ଜିନରେ ଆସିଥାଏ ପରିବର୍ତ୍ତନ



ଦୈନନ୍ଦିନ ଜୀବନରେ କେତେକ ଖାଦ୍ୟାଭାସ ଦ୍ୱାରା ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ନିୟମିତ ମଦ୍ୟପାନ କଲେ, ଏହା କୋଷରେ ଥିବା ଡିଏନ୍‌ଏ ସଂରଚନାକୁ ବିଶୃଙ୍ଖଳିତ କରେ । ଏହାଯୋଗୁ କର୍କଟ ରୋଗ ସୃଷ୍ଟି ହୋଇଥାଏ ବୋଲି ଗବେଷକ ସୂଚିତ କରିଛନ୍ତି । ସୁରାସାର ଜିନ୍‌ଗତ ସଂରଚନାକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥାଏ । ତେଣୁ ଜୀବନଶୈଳୀରେ ନିୟମିତ ମଦ୍ୟପାନ ନ କରିବା ଉଚିତ ବୋଲି ଗବେଷକ ସୂଚିତ କରିଛନ୍ତି । ଏହା ଶରୀରରେ ଏସିଟାଲଡିହାଇଡ୍ ପ୍ରସ୍ତୁତ କରେ । ଯାହାକି ଜିନ୍‌ରେ ପରିବର୍ତ୍ତନ ଆଣିଥାଏ । ଏହାର ପ୍ରଭାବରେ ଡିଏନ୍‌ଏ ସଂରଚନାରେ ପରିବର୍ତ୍ତନ ଆସିଥାଏ । ସୁରାସାର ଦ୍ୱାରା ସ୍ତନକର୍କଟ ଓ ପାଚକଯନ୍ତ୍ର କର୍କଟ ସମେତ ୭ ପ୍ରକାର କର୍କଟ ରୋଗ ସୃଷ୍ଟି ହୋଇଥାଏ । ସୁରାସାର ଆଲଡିହାଇଡ୍ ହାଇଡ୍ରୋଜେନେଜ୍ ଏଞ୍ଜାଇମ୍‌କୁ ନଷ୍ଟ କରିଥାଏ । ଫଳରେ ଏସିଟେଟ୍ ସୃଷ୍ଟି ହୋଇଥାଏ । ଏହି ଏଞ୍ଜାଇମ୍‌ର ଅଭାବରେ ଶରୀରରେ ଡିଏନ୍‌ଏ ସଂରଚନାରେ ବ୍ୟତିକ୍ରମ ଦେଖାଯାଇଥାଏ ବୋଲି ବ୍ରିଟେନ୍ କର୍କଟ ଗବେଷଣା ପରିଷଦ ପକ୍ଷରୁ କରାଯାଇଥିବା ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## ସୁଖୀ କରାଉଛି 'ସୁଖବିଜ୍ଞାନ' ପାଠ୍ୟକ୍ରମ

ଇଂଲାଣ୍ଡର ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟରେ ପ୍ରଦାନ କରାଯାଉଥିବା ଏକ ଅଭିନବ ପାଠ୍ୟକ୍ରମ ଏବେ ଚର୍ଚ୍ଚାର ବିଷୟ ହୋଇଛି । 'ସୁଖବିଜ୍ଞାନ' ନାମକ ଏହି ପାଠ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସୁଖୀ ହେବାର ଶିକ୍ଷା ଦେଉଛି । ତତ୍କାଳ ସୁଖଲାଭ ପାଇଁ ଏଠାରେ କି ବ୍ୟବସ୍ଥା ରହିଛି ବୋଲି ଜାଣିବାକୁ ସମସ୍ତେ ଉତ୍ସୁକ । ବାସ୍ତବରେ ଏହି ପାଠ୍ୟକ୍ରମରେ ଜୀବନକୁ ପରିବର୍ତ୍ତନ କଲା ଭଳି କିଛି ନୂତନ ପଦ୍ଧତି କି ଆବିଷ୍କାର ନାହିଁ । ପୂର୍ବରୁ ସମସ୍ତେ ଜାଣିଥିବା ଏବଂ ବହୁଳ ଆଲୋଚିତ ହୋଇ ଆସୁଥିବା ପ୍ରକ୍ରିୟାଗୁଡ଼ିକ ହିଁ ଏହି ପାଠ୍ୟକ୍ରମର ଭିତ୍ତିଭୂମି । ସେଗୁଡ଼ିକ ମଧ୍ୟରେ ସାମାଜିକ ସଂଯୋଗ, ମନଯୋଗିତା, କୃତଜ୍ଞତା ଜ୍ଞାପନ, ଦୟାଶୀଳତା, ପ୍ରକୃତି କୋଳରେ ପରିଭ୍ରମଣ, ସୁଖନିଦ୍ରା, ସୀମିତ ସାମାଜିକ ଗଣମାଧ୍ୟମ ବ୍ୟବହାର ଆଦି ବିଷୟଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଉଛି । ସୂଚନାଯୋଗ୍ୟ, ଏପରି ୮୦ରୁ ଅଧିକ ମନସ୍ତାତ୍ତ୍ୱିକ ହସ୍ତକ୍ଷେପ ରହିଛି ଯାହା ଆମ ସୁଖକୁ ଅଳ୍ପ ବହୁତ ଉନ୍ନତ କରାଇବାରେ ସହାୟକ ହୋଇଥାଏ । 'ସୁଖବିଜ୍ଞାନ' ପାଠ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସୁଖୀ ହେବାର ଶିକ୍ଷା ଦେଉଛି । ଏଥିରେ ରହିଛି ସାମାଜିକ ସମ୍ପର୍କ, କୃତଜ୍ଞତା, ପ୍ରକୃତିରେ ଭ୍ରମଣ, ସୀମିତ ସାମାଜିକ ଗଣମାଧ୍ୟମ ବ୍ୟବହାର ଆଦି ବିଷୟ ସ୍ଥଳବିଶେଷରେ ଆମ ପାଇଁ କେଉଁ ଉପାଦାନଟି କାମ କରୁଛି, ତାହା ଜାଣିଗଲେ ଆଉ ସୁଖଲାଭ କରିବାର ସ୍ୱତନ୍ତ୍ର ଉପାୟ ଖୋଜିବା ଦରକାର ପଡ଼ିବନି । ଏକ ଅନୁଧ୍ୟାନ ଅନୁଯାୟୀ,



ବିଶେଷ କରି ଆମେରିକା ଓ ୟୁନାଇଟେଡ୍ କିଙ୍ଗଡମରେ ଛାତ୍ରଛାତ୍ରୀ ଓ ଯୁବଗୋଷ୍ଠୀ ଅଧିକ ମାତ୍ରାରେ ଦୁଃଖୀ ରହୁଥିବା ଜଣାଯାଇଛି । ତାହାକୁ ଦୃଷ୍ଟିରେ ରଖି ୨୦୧୯ ମସିହାରୁ ଏଭଳି ପାଠ୍ୟକ୍ରମର ପରିକଳ୍ପନା କରାଯାଇଥିଲା ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ପାଠ୍ୟକ୍ରମରେ ଆଶାୟୀ ବିଦ୍ୟାର୍ଥୀମାନଙ୍କୁ ସକାରାତ୍ମକ ମନୋବିଜ୍ଞାନ ଉପରେ ଶିକ୍ଷାଦାନ କରାଯାଇଥାଏ ଏବଂ ସେମାନଙ୍କୁ ତାହା ଅଭ୍ୟାସ କରିବା ପାଇଁ ମଧ୍ୟ ସୁଯୋଗ ଦିଆଯାଇଥାଏ । ଏହି ପାଠ୍ୟକ୍ରମ ଦିନକୁ ଦିନ ଅଧିକ ଲୋକପ୍ରିୟ ହେବା ସହ ପ୍ରତିବର୍ଷ ୧୦ରୁ ୧୫ ପ୍ରତିଶତ ଅଧିକ ଛାତ୍ରଛାତ୍ରୀ ଏଥିରେ ନାମ ଲେଖାଉଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ଚୁକ୍ତି : ବାଣିଜ୍ୟର କାନଭାସରେ ଏକ ନୂଆ ଚିତ୍ର

ଆଜି ଭାରତ ଏବଂ ବ୍ରିଟେନ ମଧ୍ୟରେ ବହୁ ପ୍ରତୀକ୍ଷିତ ମୁକ୍ତ ବାଣିଜ୍ୟ ଚୁକ୍ତି (FTA) ସ୍ୱାକ୍ଷରିତ ହୋଇଯାଇଛି, ଯାହା ଉଭୟ ଦେଶର ଅର୍ଥନୈତିକ ସମ୍ପର୍କରେ ଏକ ନୂତନ ଅଧ୍ୟାୟର ଅୟମାରମ୍ଭ କରିଛି । ତିନି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ବିସ୍ତୃତ ଆଲୋଚନା ପରେ ଏହି ଚୁକ୍ତି, ଯାହାକୁ ଆନୁଷ୍ଠାନିକ ଭାବେ ବ୍ୟାପକ ଅର୍ଥନୈତିକ ଏବଂ ବାଣିଜ୍ୟ ଚୁକ୍ତି (CETA) କୁହାଯାଉଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲଣ୍ଡନ ଗସ୍ତ ସମୟରେ ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର୍ଙ୍କ ଉପସ୍ଥିତିରେ ଚୂଡ଼ାନ୍ତ ରୂପ ନେଇଛି । ବ୍ରେକ୍ସିଟ୍ ପରବର୍ତ୍ତୀ ସମୟରେ ବ୍ରିଟେନ ପାଇଁ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ହୋଇଥିବା ବେଳେ ଭାରତ ପାଇଁ ଏହା ଏକ ଦଶନ୍ଧି ମଧ୍ୟରେ ପ୍ରଥମ ପ୍ରମୁଖ ମୁକ୍ତ ବାଣିଜ୍ୟ ଚୁକ୍ତି ଅଟେ । ଏହି ଚୁକ୍ତି କେବଳ ଦ୍ୱିପାକ୍ଷିକ ବାଣିଜ୍ୟକୁ ବୃଦ୍ଧି କରିବ ନାହିଁ, ବରଂ ଏହା ଏକ 'ବ୍ରିଟେନ-ଭାରତ ଭିଜନ ୨୦୩୫'ର ମୂଳଦୁଆ ସ୍ଥାପନ କରିଛି, ଯାହା ପ୍ରତିରକ୍ଷା, ଜଳବାୟୁ, ଶିକ୍ଷା ଏବଂ ନବସୃଜନ କ୍ଷେତ୍ରରେ ସହଯୋଗକୁ ଏକ ନୂତନ ସ୍ତରକୁ ନେଇଯିବ ।

ଏହି ଚୁକ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଶୁଳ୍କ ହ୍ରାସ । ଏହାଦ୍ୱାରା ବ୍ରିଟେନ ବଜାରକୁ ଭାରତର ପ୍ରାୟ ୯୯% ରପ୍ତାନି ଦ୍ରବ୍ୟ ପାଇଁ ଶୁଳ୍କମୁକ୍ତ ପ୍ରବେଶ ମିଳିବ, ଯାହା ଭାରତର ବାଣିଜ୍ୟ ମୂଲ୍ୟର ପାଖାପାଖି ୧୦୦% କୁ ଅନ୍ତର୍ଭୁକ୍ତ କରେ । ଏହାର ଫଳ ସ୍ୱରୂପ ବୟନଶିଳ୍ପ, ଚମଡ଼ା ଓ ପାଦୁକା, ରତ୍ନ ଓ ଅଳଙ୍କାର, ଇଞ୍ଜିନିୟରିଂ ସାମଗ୍ରୀ, ରସାୟନ ଏବଂ କୃଷିଜାତ ଦ୍ରବ୍ୟ ଭଳି ଶ୍ରମ-ଆଧାରିତ କ୍ଷେତ୍ରଗୁଡ଼ିକ ବିଶେଷ ଭାବରେ ଲାଭାନ୍ୱିତ ହେବେ । ଉଦାହରଣ ସ୍ୱରୂପ, ବୟନଶିଳ୍ପରେ ବର୍ତ୍ତମାନ ଲାଗୁଥିବା ୧୨% ପର୍ଯ୍ୟନ୍ତ ଶୁଳ୍କ ସମ୍ପୂର୍ଣ୍ଣ ଉଚ୍ଛେଦ ହେବା ଦ୍ୱାରା ବାଂଲାଦେଶ ଓ ପାକିସ୍ତାନ ଭଳି ଦେଶ ତୁଳନାରେ ଭାରତୀୟ ରପ୍ତାନିକାରୀଙ୍କ ପ୍ରତିଯୋଗିତାମୂଳକ ସ୍ଥିତି ମଜବୁତ ହେବ । ସେହିପରି, ଚମଡ଼ା ଏବଂ ଫୁଟୱେରେ ଉପରୁ ୧୬% ଶୁଳ୍କ ହଟିବା ଦ୍ୱାରା ଆଗାମୀ ୧-୨ ବର୍ଷ ମଧ୍ୟରେ ବ୍ରିଟେନ ବଜାରରେ ଭାରତର ଅଂଶ ୫% ବୃଦ୍ଧି ପାଇବ ଏବଂ ରପ୍ତାନି ୯୦୦ ମିଲିୟନ ଡଲାର ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି ।

କୃଷି କ୍ଷେତ୍ରରେ ଏହି ଚୁକ୍ତି ଭାରତୀୟ କୃଷକମାନଙ୍କ ପାଇଁ ଏକ ବଡ଼ ସୁଯୋଗ ଆଣିଛି । ଫଳ, ପନିପରିବା, ଶସ୍ୟ, ହଳଦୀ, ଗୋଲମରିଚ, ଏବଂ ପ୍ରକ୍ରିୟାକୃତ ଖାଦ୍ୟ ସମେତ ୯୫%ରୁ ଅଧିକ କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ଉପରେ ଶୁଳ୍କ ଶୂନକୁ ହ୍ରାସ କରାଯାଇଛି । ଏହାଦ୍ୱାରା ଆଗାମୀ ତିନି ବର୍ଷ ମଧ୍ୟରେ କୃଷି ରପ୍ତାନି ୨୦%ରୁ ଅଧିକ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ତେବେ, ଭାରତ ସରକାର ଦୁଗ୍ଧଜାତ ଦ୍ରବ୍ୟ, ସେଓ, ଓଟ୍ସ ଏବଂ ଖାଇବା ତେଲ ଭଳି ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଏହି ଚୁକ୍ତିର ପରିସରରୁ ବାଦ୍ ଦେଇ ଘରୋଇ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିଛନ୍ତି । ଓଡ଼ିଶା ସମେତ ଅନ୍ୟ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକର ମତ୍ସ୍ୟଜୀବୀମାନେ ମଧ୍ୟ ଏଥିରୁ ଲାଭ ପାଇବେ, କାରଣ ସାମୁଦ୍ରିକ ଉତ୍ପାଦ ଉପରୁ ପ୍ରାୟ ୨୦% ପର୍ଯ୍ୟନ୍ତ ଥିବା ଶୁଳ୍କ ସମ୍ପୂର୍ଣ୍ଣ ଉଚ୍ଛେଦ ହେବ ।

ଅନ୍ୟ ପଟେ, ବ୍ରିଟେନ ମଧ୍ୟ ଏହି ଚୁକ୍ତିରୁ ବ୍ୟାପକ ଭାବେ ଲାଭାନ୍ୱିତ ହେବ। ସ୍କଚ୍ ହ୍ୱିସ୍କି ଉପରେ ଲାଗୁଥିବା ୧୫୦% ଆମଦାନୀ ଶୁଳ୍କକୁ ପ୍ରଥମ ପର୍ଯ୍ୟାୟରେ ୭୫% ଏବଂ ପରବର୍ତ୍ତୀ ଦଶ ବର୍ଷ ମଧ୍ୟରେ ୪୦%କୁ ହ୍ରାସ କରାଯିବ । ସେହିପରି ବ୍ରିଟିଶ କାର୍ ଉପରେ ଲାଗୁଥିବା ୧୦୦%ରୁ ଅଧିକ ଶୁଳ୍କକୁ ଏକ କୋଟା ବ୍ୟବସ୍ଥା ଅଧୀନରେ ୧୦%କୁ କମାଇ ଦିଆଯିବ। ଏହାଦ୍ୱାରା ଭାରତୀୟ ଉପଭୋକ୍ତାମାନେ ବ୍ରିଟିଶ ଉତ୍ପାଦ ଯଥା କାର୍, ସଫ୍ଟ ଡ୍ରିଙ୍କସ୍, କସ୍ମେଟିକ୍ସ ଏବଂ ଚକୋଲେଟ୍ ଶସ୍ତାରେ ପାଇପାରିବେ । ଏହି ଚୁକ୍ତି ଦ୍ୱାରା ଦ୍ୱିପାକ୍ଷିକ ବାଣିଜ୍ୟ ବାର୍ଷିକ ପ୍ରାୟ ୩୪ ବିଲିୟନ ଡଲାର ବୃଦ୍ଧି ପାଇବ ଏବଂ ୨୦୩୦ ସୁଦ୍ଧା ଏହା ୧୨୦ ବିଲିୟନ ଡଲାରରେ ପହଞ୍ଚିବାର ଲକ୍ଷ୍ୟ ରଖାଯାଇଛି ।

ସେବା କ୍ଷେତ୍ରରେ ମଧ୍ୟ ଏହି ଚୁକ୍ତି ବ୍ୟାପକ ସୁଯୋଗ ସୃଷ୍ଟି କରିବ। ଭାରତୀୟ ଆଇଟି ପେସାଦାର, ଠିକାଭିତ୍ତିକ ସେବା ଯୋଗାଣକାରୀ, ନିବେଶକ ଏବଂ ଅନ୍ୟ କୁଶଳୀ ଶ୍ରମିକଙ୍କ ପାଇଁ ବ୍ରିଟେନରେ କାର୍ଯ୍ୟ କରିବା ସହଜ ହେବ । ଚୁକ୍ତି ଅନୁଯାୟୀ, ଭାରତୀୟ ପେସାଦାରମାନଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ବ୍ରିଟେନରେ ସାମାଜିକ ସୁରକ୍ଷା ଅବଦାନରୁ ମୁକ୍ତି ଦିଆଯିବ, ଯାହା ଭାରତୀୟ ସେବା କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆର୍ଥିକ ସୁବିଧା ଆଣିଦେବ । ଏହା ବ୍ୟତୀତ, ଯୋଗ ପ୍ରଶିକ୍ଷକ, ସଙ୍ଗୀତଜ୍ଞ ଏବଂ ରୋଷେୟାଙ୍କ ଭଳି ସ୍ୱାଧୀନ ପେସାଦାରଙ୍କ ପାଇଁ ମଧ୍ୟ ବ୍ରିଟେନରେ ପ୍ରବେଶ ସୁଗମ ହେବ ।

ଏହି ଐତିହାସିକ ଚୁକ୍ତି ନିଃସନ୍ଦେହରେ ଉଭୟ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଏହାର ସମ୍ଭାବ୍ୟ ଲାଭ ବ୍ୟାପକ । ତଥାପି, ଏହାର ସଫଳତା କେବଳ କାଗଜପତ୍ରରେ ସୀମିତ ନ ରହି ଏହାର ବାସ୍ତବ କାର୍ଯ୍ୟକାରିତା ଉପରେ ନିର୍ଭର କରେ । ଅଣ-ଶୁଳ୍କ ପ୍ରତିବନ୍ଧକ, ଯଥା ବୈଷୟିକ ମାନ ଏବଂ ସାନିଟାରୀ ଓ ଫାଇଟୋସାନିଟାରୀ (SPS) ନିୟମାବଳୀ, ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏକ ପ୍ରମୁଖ ଆହ୍ୱାନ ହୋଇ ରହିପାରେ । ବ୍ରିଟେନର କଠୋର ପରିବେଶ ଏବଂ ଶ୍ରମ ମାନଦଣ୍ଡ ପୂରଣ କରିବା ଭାରତର କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (MSME) ପାଇଁ କଷ୍ଟସାଧ୍ୟ ହୋଇପାରେ । ସେହିପରି, ବ୍ରିଟିଶ୍ କମ୍ପାନୀଗୁଡ଼ିକ ଭାରତର ଜଟିଳ ନିୟାମକ ପରିବେଶ ଏବଂ ବୌଦ୍ଧିକ ସମ୍ପଦ ଅଧିକାର (IPR) ସୁରକ୍ଷାକୁ ନେଇ ଚିନ୍ତିତ ରହିପାରନ୍ତି । ଚୁକ୍ତିରେ ଏକ ଦୃଢ଼ ବିବାଦ ସମାଧାନ ବ୍ୟବସ୍ଥା ଥିଲେ ମଧ୍ୟ ଏହାର କାର୍ଯ୍ୟକାରିତା ହିଁ ପ୍ରକୃତ ପରୀକ୍ଷା ହେବ । ତେଣୁ, ଏହି ଚୁକ୍ତିରୁ ସର୍ବାଧିକ ଲାଭ ଉଠାଇବା ପାଇଁ ଉଭୟ ସରକାରଙ୍କୁ ଏକ ସହଯୋଗୀ ଏବଂ ସକାରାତ୍ମକ ମନୋଭାବ ନେଇ କାର୍ଯ୍ୟ କରିବାକୁ ପଡିବ । ଯଦିଓ ରାସ୍ତା ଆଗକୁ ଆହ୍ୱାନପୂର୍ଣ୍ଣ ହୋଇପାରେ, ଏହି ଚୁକ୍ତି ଏକ ଅଧିକ ସମୃଦ୍ଧ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ଏକ ଦୃଢ଼ ମୂଳଦୁଆ ସ୍ଥାପନ କରିଛି, ଯାହା କେବଳ ବାଣିଜ୍ୟିକ ସମ୍ପର୍କକୁ ନୁହେଁ, ବରଂ ଦୁଇ ମହାନ ଗଣତନ୍ତ୍ର ମଧ୍ୟରେ ରଣନୈତିକ ଭାଗିଦାରୀକୁ ମଧ୍ୟ ସୁଦୃଢ଼ କରିବ ।



## ଧନଖଡ଼ଙ୍କ ଇସ୍ତଫା: ସ୍ୱାସ୍ଥ୍ୟଗତ କାରଣରୁ ନା ଅନ୍ୟ କିଛି ?

**ଗୋପାଳ ମହାପାତ୍ର**



ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାର ପ୍ରଥମ ଦିନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତାଙ୍କ ଇସ୍ତଫା ପତ୍ର ରାଷ୍ଟ୍ରପତିଙ୍କ ପାଖକୁ ପଠାଇ ଦେଇଥିଲେ ଓ ତାଙ୍କ ଇସ୍ତଫାକୁ ରାଷ୍ଟପତି ସ୍ୱୀକାର କରିନେଇଛନ୍ତି। ଧନଖଡ଼ଙ୍କ କାର୍ଯ୍ୟକଳା ପୁରିବାକୁ ୨ବର୍ଷ ବାକିଥିଲା। ଯେଭଳି ଅକସ୍ମାତ ଭାବରେ ଧନଖଡ଼ ଇସ୍ତଫା ଦେଲେ ତାକୁ ନେଇ ଅନେକ ପ୍ରକାରର ଅଟକଳ କରାଯାଇଛି। କିନ୍ତୁ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଛନ୍ତି ବୋଲି କହୁଛନ୍ତି। ଧନଖଡ଼ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେବା କଥାକୁ ଅନେକେ ଗ୍ରହଣ କରିପାରୁ ନାହାଁନ୍ତି। ଉପରାଷ୍ଟ୍ରପତି ଧନଖଡ଼ ନ୍ୟାୟପାଳିକାକୁ ସମାଲୋଚନା କରୁଥିଲେ ଓ ସଂସଦ ସବୁଠାରୁ ଉର୍ଦ୍ଧ୍ୱରେ ବୋଲି କହୁଥିଲେ। ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ନେଇ ମାନ୍ୟବର ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ଶୁଣାଇଥିଲେ ତା ପର ଠାରୁ ଧଡ଼ଖଡ଼ କ୍ରମାଗତ ଭାବେ ସୁପ୍ରିମକୋର୍ଟଙ୍କ ରାୟ ବା ନିଷ୍ପତ୍ତିକୁ ବିରୋଧ କରୁଥିଲେ। ପ୍ରୟାଗରାଜ (ଏହ୍ଲାବାଦ) ହାଇକୋର୍ଟର ବିଚାରପତି ଶେଖର ବାଦବଙ୍କ ପ୍ରସଙ୍ଗରେ ବିରୋଧି ସାଂସଦମାନଙ୍କ ପକ୍ଷରୁ ମହାଭିଯୋଗର ପ୍ରସ୍ତାବ ଦିଆଯାଇଥିଲା କିନ୍ତୁ ଧନଖଡ଼ ଏହା ଉପରେ କୌଣସି ପର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ସାଂସଦ ମାନଙ୍କ ଦସ୍ତଖତକୁ ଏପର୍ଯ୍ୟନ୍ତ ଚିହ୍ନଟ ବା ପ୍ରମାଣିତ କରାଯାଇ ପାରିଲା ନାହିଁ ଓ ଶେଖର ବାବଦ ମାମଲା ସେମିତି ରହିଗଲା। ଏହାପରେ ଆସିଲା ଦିଲ୍ଲୀ ହାଇକୋର୍ଟରୁ ପ୍ରୟାଗରାଜ ହାଇକୋର୍ଟକୁ ବଦଳି ହୋଇଥିବା ବିଚାରପତି ଯଶବନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ। ଏହା ମାହାଭିଯୋଗକୁ ସ୍ୱୀକାର କରାଯାଇ କାର୍ଯ୍ୟାନୁଷ୍ଠାନ ଆଗକୁ ବଢ଼ିଲା। ଲୋକସଭା ଏବଂ ରାଜ୍ୟସଭାର ୨୧୫ ଜଣ ସାଂସଦ ଯଶବନ୍ତ ବର୍ମାଙ୍କ ବିରୁଦ୍ଧରେ ମହାଭିଯୋଗ ପ୍ରସ୍ତାବରେ ହସ୍ତାକ୍ଷର କରିଥିଲେ। ଉଭୟ ସଦନରେ ମଧ୍ୟ ଏହାକୁ ସ୍ୱୀକାର କରାଗଲା। ଧଡ଼ଖଡ଼ ସବୁବେଳେ କହୁଥିଲେ ଯେ ସଂସଦ ସର୍ବୋପରି। ରାଷ୍ଟ୍ରପତି ଯେଉଁ ୧୪ଟି ପ୍ରସଙ୍ଗ ଉପରେ ସୁପ୍ରିମ୍‌କୋର୍ଟଙ୍କ ପ୍ରଧାନ ବିଚାରପତିଙ୍କ ପରାମର୍ଶ ମାଗିଥିଲେ ତା ଉପରେ ସୁପ୍ରିମକୋର୍ଟଙ୍କ ୫ଜଣ ବିଚାରପତିଙ୍କ ପୀଠ ଶୁଣାଣି ଆରମ୍ଭ କରିବା ପାଇଁ ଅଧିସୂଚନା ଜାରି କରିଥିଲେ। ଏଥିସହ ସବୁରାଜ୍ୟ ଚାହିଁଲେ ଏ ମାମଲାରେ ପକ୍ଷ ରଖି ପାରିବେ ବୋଲି କହିଥିଲେ ମାନ୍ୟବର ସୁପ୍ରିମ୍‌କୋର୍ଟ। ଏହାକୁ ନେଇ ସରକାର ଏବଂ ସୁପ୍ରିମ୍‌କୋର୍ଟଙ୍କ ମଧ୍ୟରେ ତିକ୍ତତା ଏକ ନିର୍ଣ୍ଣାୟକ ଅବସ୍ଥରରେ ପହଞ୍ଚିଛି ଓ ଏଥିପାଇଁ ସରକାର ମଧ୍ୟ ଅସୁବିଧାରେ ପଡିପାରନ୍ତି।

ରାଜନୈତିକ ବିଶ୍ଳେଷକ ମାନଙ୍କ ମତରେ ବିଗତ କିଛି ଦିନ ହେବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ଧନଖଡ଼ଙ୍କ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଥିଲା। ରାଜ୍ୟସଭା ଟିଭିକୁ ନେଇ ସରକାର ଏବଂ ଧନଖଡ଼ଙ୍କ ମଧ୍ୟରେ ମତାନ୍ତର ଆରମ୍ଭ ହୋଇଥିଲା। ରାଜ୍ୟସଭାରେ ମୌସୁମୀ ଅଧିବେଶନର ପ୍ରଥମ ଦିନ ଅପରେସନ ସିନ୍ଦୁର ପ୍ରସଙ୍ଗରେ ସଦନରେ ବିରୋଧିଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କହିବା ପାଇଁ ଧନଖଡ଼େ ସୁଯୋଗ ଦେଇଥିଲେ ଓ ତାପରେ ବିଜେପି ଅଧକ୍ଷ ତଥା ରାଜ୍ୟସଭା ସାଂସଦ ଜେପି ନଡ୍ଡାଙ୍କୁ ତାଙ୍କ ବକ୍ତବ୍ୟ ପାଇଁ କୁହାଯାଇଥିଲା। ନଡ୍ଡା ତାଙ୍କ ଭାଷଣରେ କହିଥିଲେ ଯେ 'ସେ ଯାହା କହୁଛନ୍ତି ତାକୁ ରେକର୍ଡ କରାଯିବ'। ନଡ୍ଡା ଏପରି କହି ପ୍ରକାରାନ୍ତରେ ଧନଖଡ଼େଙ୍କୁ ଆଦେଶ ଦେଇଥିଲେ। ରାଜ୍ୟସଭାରେ ନଡ୍ଡାଙ୍କ ଏଭଳି ମନ୍ତବ୍ୟ ଏକପ୍ରକାର ଧନଖଡ଼ଙ୍କ ପାଇଁ ଅପମାନଜନକ ଥିଲା ନିଶ୍ଚୟ କୁହାଯାଉଛି ଯେ ନଡ୍ଡାଙ୍କ ମନ୍ତବ୍ୟକୁ ବିରୋଧି ସାଂସଦମାନେ ବିରୋଧ ମଧ୍ୟ କରିଥିଲେ। ଏହା ପରେ ସଂସଦରେ ହୋ ହାଲ୍ଲା ବଢ଼ିଥିଲା।

କୁହାଯାଉଛି ଯେ ଧନଖଡ଼େଙ୍କ ଉପରେ ଚାପପକାଯାଇ ତାଙ୍କୁ ଇସ୍ତଫା ଦେବା ପାଇଁ ବାଧ କରାଯାଇଛି। ଏପରିକି ଇସ୍ତଫା ପତ୍ର ପ୍ରସ୍ତୁତ କରାଯାଇ ତାଙ୍କ ଆଗରେ ପେଶ କରାଯାଇଛି। ଧନଖଡ଼ ଇସ୍ତଫା ପତ୍ରରେ ଦସ୍ତଖତ କରିବା ପାଇଁ ପ୍ରଥମେ ରାଜିନଥିଲେ କିନ୍ତୁ ତାଙ୍କୁ ଏମିତି ଏକ ଫାଇଲ ଦେଖାଇ ଦିଆଯାଇଥିଲା ଯାହାପରେ ଧନଖଡ୍ ଇସ୍ତଫାପତ୍ରରେ ଦସ୍ତଖତ କରିଥିଲେ। ୨୧ ତାରିଖ ସଂଧ୍ୟା ୬ଟା ପର୍ଯ୍ୟନ୍ତ ସବୁକିଛି ସାଧାରଣ ଥିଲା କିନ୍ତୁ ସଂଧ୍ୟା ୬ଟା ପରେ ରାଜନୀତିରେ ହଲଚଲ ଆରମ୍ଭ ହୋଇଯାଇଥିଲା। ରାତି ସାଢେ ୯ଟା ବେଳେ ଜଣାପଡିଲା ଯେ ସ୍ୱାସ୍ଥ୍ୟଗତ କାରଣରୁ ଧନଖଡ଼ ଇସ୍ତଫା ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ବିରୁଦ୍ଧରେ ଯେପରି ଭାବେ ଧନଖଡ଼ ମନ୍ତବ୍ୟ ଦେଉଥିଲେ ସେଥିପାଇଁ ସରକାର ଅସୁବିଧାରେ ପଡୁଥିଲେ। ସରକାର ଧନଖଡ଼ଙ୍କ ମଧ୍ୟରେ ତିକ୍ତତା/ ଦୂରତା ବଢ଼ିବାରେ ଲାଗିଥିଲା। ଉପରାଷ୍ଟପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ରାଜ୍ୟସଭାରେ ଅପରେସନ ସିନ୍ଦୁର ପ୍ରସଙ୍ଗରେ କହିବା ପାଇଁ ସୁଯୋଗ ଦେବା ଦ୍ୱାରା ଶାସକଦଳ ଅସନ୍ତୁଷ୍ଟ ହୋଇଥିଲେ। ସଂସଦରେ ଜେପିନଡ୍ଡା ମଧ୍ୟ ତାଙ୍କ ପ୍ରତିକ୍ରିୟା ସୂଚାଇ ଦେଇଥିଲେ। ନଡ୍ଡାଙ୍କ 'ସେ ଯାହା କହୁଛନ୍ତି ତାକୁ ରେକର୍ଡ କରାଯିବ' ମନ୍ତବ୍ୟ ପରେ ଧନଖଡ଼େ ଅସନ୍ତୋଷ ପ୍ରକାଶ କରିଥିଲେ। କିନ୍ତୁ ସରକାର ଏହାକୁ ଧନଖଡ଼େଙ୍କ ସରକାର ବିରୋଧି ମାନସିକତା ବୋଲି ଗ୍ରହଣ କରିନେଇଥିଲେ ଓ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ୩ଘଣ୍ଟା ସରକାର ମାତ୍ରାଧିକ ସକ୍ରିୟ ହୋଇଯାଇଥିଲେ। ଏବେ କୁହାଯାଉଛି ଯେ ଧନଖଡ଼ଙ୍କ ଇସ୍ତଫା ପ୍ରତିରକ୍ଷାମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତ କରାଯାଇଥିଲା ଓ ଚାପ ସୃଷ୍ଟି କରାଯିବାରୁ ଧନଖଡ଼ ଏଥିରେ ସ୍ୱାକ୍ଷର କରିଥିଲେ। ରାଷ୍ଟ୍ରପତି ମଧ୍ୟ ଧନଖଡ଼ଙ୍କ ଇସ୍ତଫାପତ୍ରକୁ ତୁରନ୍ତ ସ୍ୱୀକାର କରିନେଇଥିଲେ। ଏହାପରେ ଗଣମାଧ୍ୟମଙ୍କ ଇସ୍ତଫା ବାବଦରେ ସୂଚନା ଦିଆ ଯାଇଥିଲା। ଭାରତୀୟ ରାଜନୀତିରେ ଏହାକୁ ଏକ ବଡ଼ ପରିବର୍ତ୍ତନ ଏବଂ ଧମାକା ବୋଲି ମଧ୍ୟ ଅନେକେ ଅଭିହିତ କରୁଛନ୍ତି। କିନ୍ତୁ ସବୁଠାରୁ ମଜାଦାର କଥା ହେଉଛି ବିଗତ ଦୁଇତିନ ମାସ ହେବ ସରକାର ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ତାଙ୍କ ପାଇଁ ବୁମେରାଂ ସାଜୁଛି। ବିହାରରେ ଭୋଟର ତାଲିକାର ସଘନ ସଂଶୋଧନ ଅଭିଯାନ ମଧ୍ୟ ନିର୍ବାଚନ କମିଶନ ଏବଂ ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସରକାର ଏବଂ ନ୍ୟାୟପାଳିକା ମଧ୍ୟରେ ଯେପରି ଦୂରତା ବଢ଼ିବାରେ ଲାଗିଛି ତାକୁ ନେଇ ଅନେକ ଆଶଙ୍କା ମଧ୍ୟ ରାହିଛି। କିନ୍ତୁ ମୌସୁମୀ ଅଧିବେଶନର ପ୍ରଥମଦିନ ଉପରାଷ୍ଟ୍ରପତି ଯେଭଳି ଭାବରେ ଅଚାନକ ଇସ୍ତଫର ଦେଲେ ତାକୁ ନେଇ ରାଜନୀତି ମଧ୍ୟ ସରଗରମ ହେବାରେ ଲାଗିଛି। ଆଗକୁ କ'ଣ ହେବ ସେକଥା ଭଗବାନ ହିଁ ଜାଣନ୍ତି।

ଏସବୁ ପରେ ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଧନଖଡ଼ଙ୍କ ଇସ୍ତଫା ପରେ ତାଙ୍କୁ ବିଦାୟ ଦେବାପାଇଁ କୌଣସି ସମାରୋହର ଆୟୋଜନ କରାଯିବ ନାହିଁ କିମ୍ବା ତାଙ୍କୁ ବିଦାୟୀ ଭାଷଣ ପାଇଁ ସୁଯୋଗ ଦିଆଯିବ ନାହିଁ। ସାଧାରଣତଃ ଉଚ୍ଚ ପଦାସୀନ ବ୍ୟକ୍ତି ତାଙ୍କ ପଦବୀରୁ ବିଦାୟ ନେବା ପରେ ତାଙ୍କର ପ୍ରଶଂସା କରାଯାଇଥାଏ। କିନ୍ତୁ ଏକଥା ଦେଖିବାକୁ ମିଳୁନାହିଁ। ଏଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ ଧନଖଡ଼ଙ୍କ ଇସ୍ତଫା ସ୍ୱାସ୍ଥ୍ୟଗତ କାରଣରୁ ନା ଅନ୍ୟକଛି ?

+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

## ବିଶୁଦ୍ଧ ଜାତୀୟଜୀବନର ମଣିଷ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ

**ବୈଷ୍ଣବ ମେହେର**

ଭାରତୀୟଙ୍କୁ ଜାତୀୟ ଜୀବନ ପ୍ରତି ଅନୁରକ୍ତ କରିବାରେ ଯେଉଁ କିଛି ମହାନ ବ୍ୟକ୍ତିତ୍ୱଙ୍କ ଯତପରୋନାସ୍ତି ଉଦ୍ୟମ ନିହିତ ରହିଛି ସେମାନଙ୍କ ମଧ୍ୟରୁ ଡ.ଶ୍ୟାମାପ୍ରସାଦ ପ୍ରାତଃସ୍ମରଣୀୟ । ନୂଆପିଢ଼ିକୁ ଭାରତୀୟ ସଂସ୍କୃତି ପ୍ରତି ଆକର୍ଷିତ କରିବାରେ ତାଙ୍କର ଯେତିକି ପ୍ରୟାସ ରହିଛି, ପାଶ୍ଚାତ୍ୟ ସଭ୍ୟତାର ଅନୁପ୍ରବେଶକୁ କଡ଼ା ରୋକ ଲଗାଇ ସ୍ୱଦେଶୀ ଭାବ ତିଆରି କରିବାରେ ତାଙ୍କର ସେତିକି ପ୍ରତିବଦ୍ଧତା ରହିଛି । 'ସ୍ୱାଧିନତା ପ୍ରଥମ, ସ୍ୱାଧିନତା ଅନ୍ତିମ ଓ ସ୍ୱାଧିନତା ସର୍ବଦା' ଏହା ହିଁ ଥିଲା ତାଙ୍କର ସଫଳ ଜୀବନଦର୍ଶନ । ଜଣେ ଦକ୍ଷ ସାମ୍ବାଦିକ, ଶିକ୍ଷାବିତ ତଥା ପ୍ରଶାସକ ଭାବରେ ପୂର୍ଣ୍ଣ ଦକ୍ଷତା ପ୍ରତିପାଦିତ କରିବାରେ ଶ୍ୟାମାପ୍ରସାଦଙ୍କ କୌଣସି ପଟାନ୍ତର ନ ଥିଲା। ୧୯୩୪ ମସିହାରେ ମାତ୍ର ୩୩ ବର୍ଷ ବୟସରେ ଦେଶର ସର୍ବକନିଷ୍ଠ କୁଳପତି ଭାବରେ କଲିକତା ବିଶ୍ୱବିଦ୍ୟାଳୟର ଦାୟିତ୍ୱ ଗ୍ରହଣ କରିବା ତାଙ୍କ ଦକ୍ଷ ନେତୃତ୍ୱର ପରିପ୍ରକାଶ ଥିଲା । ମାନବବାଦୀ ଶ୍ୟାମାପ୍ରସାଦଙ୍କ ଦୃଷ୍ଟିଭଙ୍ଗି ସମାଜର ପ୍ରତ୍ୟେକ ବର୍ଗର ମଣିଷଙ୍କ ପାଇଁ ସମାନ ଥିଲା । ଏକଦା ପଛୁଆ ଜାତି ଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସକୁ ବନ୍ଦ କରି ସେହି ଛାତ୍ର ମାନଙ୍କୁ ସାଧାରଣ ଛାତ୍ରାବାସରେ ରହିବାର ସୁଯୋଗ ଦେବା ଡଃ ମୁଖାର୍ଜୀଙ୍କ ଜାତୀୟ ଚରିତ୍ରକୁ ପରିପ୍ରକାଶ କରେ ।

ଡଃ ଶ୍ୟାମାପ୍ରସାଦଙ୍କ ରାଜନୈତିକ ଜୀବନ ଯେତିକି ଆଦର୍ଶପୂର୍ଣ୍ଣ ଥିଲା ତା'ଠାରୁ ଥିଲା ଅଧିକ ଉତ୍ସର୍ଗୀକୃତ । ୧୯୨୯ରେ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଭାବରେ କଂଗ୍ରେସ ଦଳରୁ ଓ ପରେ ସ୍ୱାଧୀନ ସଦସ୍ୟ ଭାବରେ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେତେବେଳେ ହିନ୍ଦୁଙ୍କ ସଂପର୍କିତ ଜାତୀୟ ହିତକୁ ଉପେକ୍ଷା କରି ମୁସଲିମ ଲୀଗ୍ ତୃଷ୍ଟିକରଣ ନୀତି ଭାରତବର୍ଷର ଏକତାକୁ ନଷ୍ଟ କରୁଥିବା ଜାଣି କ୍ଷମତାଧାରୀ କଂଗ୍ରେସରେ ଯୋଗ ନଦେଇ ସ୍ୱାଭିମାନୀ ଦେଶଭକ୍ତ ଶ୍ୟାମାପ୍ରସାଦ ବିଶୁଦ୍ଧ ଜାତୀୟତାର ନିର୍ମାଣ ନିମିତ୍ତ ହିନ୍ଦୁ ମହାସଭାକୁ ମାଧ୍ୟମ କରିଥିଲେ । ରାଜନୀତି କ୍ଷେତ୍ରରୁ ଜାତି, ଧର୍ମ ସଂପର୍କିତ ବିଚାର ଭେଦକୁ ଦୂର କରିବା ସହ ସେତେବେଳର ସରକାରଙ୍କ ପାକିସ୍ଥାନ ଆଧାରରେ ମୁସଲିମ ଲୀଗ୍ ସହ ବୁଝାମଣାକୁ ସେ ଶକ୍ତ ବିରୋଧ କରିଥିଲେ । ଦେଶ ଓ ଜାତିର ସ୍ୱାର୍ଥକୁ ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ମଣୁଥିବା ଡଃ ଶ୍ୟାମାପ୍ରସାଦ ନିଜ ଆଦର୍ଶଗତ ପ୍ରତିବଦ୍ଧତା ସହ କେବେ ବି ବୁଝାମଣା କରିନାହାନ୍ତି । ଏହି ଆଦର୍ଶତା ନିମନ୍ତେ ସେତେବେଳର ପ୍ରତ୍ୟେକ ନେତାଙ୍କ ଠାରେ ଶ୍ୟାମାପ୍ରସାଦଙ୍କ ବ୍ୟକ୍ତିତ୍ୱର ସ୍ୱତଂତ୍ର ପ୍ରଭାବ ରହିଥିଲା । ନିଜ ଦୃଢ଼ ବ୍ୟକ୍ତିତ୍ୱର ଫଳସ୍ୱରୂପ ସ୍ୱାଧୀନ ଭାରତର ପ୍ରଥମ ମଂତ୍ରୀମଣ୍ଡଳରେ ତାଙ୍କୁ ଉଦ୍ୟୋଗ ବିଭାଗର ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ସେତେବେଳେ ଅସଂଗତ କାଶ୍ମୀର ନୀତିକୁ ନେଇ ପ୍ରଧାନମଂତ୍ରୀ ନେହେରୁଙ୍କ ବିଚାରରେ ଆଦୌ ଏକମତ ହୋଇ ପାରୁ ନଥିଲେ ମଂତ୍ରୀ ଶ୍ୟାମାପ୍ରସାଦ । କାଶ୍ମୀରର ଭବିଷ୍ୟତ ସଂପର୍କରେ ନିଷ୍ପତ୍ତି ସେଠାକାର ଜନମତ ଆଧାରରେ କରାଯିବାକୁ ଦୃଢ଼ ବିରୋଧ କଲେ ଶ୍ୟାମାପ୍ରସାଦ । ପାକିସ୍ଥାନ ଏବଂ ମୁସଲୀମଙ୍କ ପ୍ରତି ଶୀର୍ଷ ନେତୃବର୍ଗଙ୍କ ଦୁର୍ବଳଭାବ ଓ ଭାରତୀୟ ହିନ୍ଦୁଙ୍କ ପ୍ରତି କଠୋର ପଣରେ ମର୍ମାହତ ଶ୍ୟାମାପ୍ରସାଦ ନେହେରୁଙ୍କ ମଂତ୍ରୀମଣ୍ଡଳରୁ ଇସ୍ତଫା ଦେଇଦେଲେ । ଏହାପରେ ୧୯୫୧ ଅକ୍ଟୋବର ୨୧ରେ ଅଖିଳ ଭାରତୀୟ ଜନସଂଘ ଗଠନ କରାଯାଇ ଶ୍ୟାମାପ୍ରସାଦଙ୍କୁ ଏହାର ଅଧ୍ୟକ୍ଷ କରାଯାଇଥିଲା । ପ୍ରଥମ ସାଧାରଣ ନିର୍ବାଚନରେ ଜନସଂଘ ଦଳ କୋଲକତା ଆସନରୁ ଜିତିଥିବା ଡଃ ମୁଖାର୍ଜୀଙ୍କୁ ମିଶାଇ ମାତ୍ର ତିନିଟି ଆସନ ଜିତି ପାରିଥିଲେ ହେଁ ମୁଖାର୍ଜୀଙ୍କ ବଳିଷ୍ଠ ନେତୃତ୍ୱ, ଆଦର୍ଶ ଓ ସ୍ୱଚ୍ଛ ବିଚାର ପ୍ରତି ପ୍ରତିବଦ୍ଧତାକୁ ହୃଦୟଙ୍ଗମ କରି ସେତେବେଳର ବିରୋଧୀ ଦଳମାନେ ତାଙ୍କୁ ଲୋକସଭାର ବିରୋଧୀ ଦଳର ନେତା ଭାବରେ ମନୋନୀତ କରିଥିଲେ । ବିରୋଧି ଦଳ ନେତା ଥିଲା ବେଳେ ଲୋକସଭାରେ ଦେଶର ଏକତା ଓ ଅଖଣ୍ଡତା ପ୍ରତି ଜାମ୍ମୁକାଶ୍ମୀର ସମସ୍ୟା ଯେ ଏକ ଆହ୍ୱାନ ବୋଲି ଶ୍ୟାମାପ୍ରସାଦ ସବୁ ବେଳେ ସରକାରଙ୍କୁ ଚେତାଇ ଆସୁଥିଲେ । ସମ୍ବିଧାନର ଅସ୍ଥାୟୀ ଧାରା ୩୭୦ ମାଧ୍ୟମରେ ଜାମ୍ମୁକାଶ୍ମୀରରେ ସ୍ୱତଂତ୍ର ଶାସନ ଲାଗୁର ଉଦ୍ୟମକୁ ଡକ୍ଟର ଶ୍ୟାମାପ୍ରାସାଦ ଦୃଢ଼ ବିରୋଧ କରିଥିଲେ । ସାରା ଦେଶରେ 'ଏକ ନିଶାନ, ଏକ ବିଧାନ, ଏକ ପ୍ରଧାନ' ପାଇଁ ଏହି ସମୟରେ ଆନ୍ଦୋଳନ ମୁଣ୍ଡ ଟେକିଲା । ଆନ୍ଦୋଳନକୁ ଦମନ କରିବାକୁ କେଂଦ୍ର ସରକାର ଜାମ୍ମୁକାଶ୍ମୀରକୁ ପ୍ରବେଶ ଉପରେ କଟକଣା କରିଥିବା ସତ୍ତ୍ୱେ ଶ୍ୟାମାପ୍ରସାଦ ଆନ୍ଦୋଳନକାରୀଙ୍କ ସହ ମିଶିବାକୁ ସେଠାକୁ ବାହାରିଥିଲେ । କିନ୍ତୁ ଆଇନ ଉଲଂଘନ ଆଳରେ ସେତେବେଳେ ଶ୍ୟାମାପ୍ରସାଦଙ୍କୁ ପୋଲିସ ଗିରଫ କରି ଏକ ପାର୍ବତ୍ୟାଂଚଳରେ କାରାବାସରେ ରଖିଥିଲେ । ବନ୍ଦିତ୍ୱର ଚାଳିଶ ଦିନ ପରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ୧୯୫୩ ଜୁନ ୨୩ରେ ଶ୍ୟାମାପ୍ରସାଦଙ୍କ ଦୁଃଖଦ ପରଲୋକ ଘଟିଥିଲା । ବନ୍ଦୀ ଅବସ୍ଥାରେ ଡକ୍ଟର ଶ୍ୟାମାପ୍ରସାଦଙ୍କ ମୃତ୍ୟୁ ଏବେ ମଧ୍ୟ ରହସ୍ୟ ଓ ସନ୍ଦେହ ଘେରରେ ରହିଛି । ତେବେ ଡଃ ଶ୍ୟାମାପ୍ରସାଦଙ୍କ ସାହସପୂର୍ଣ୍ଣ ଜାତୀୟତାବାଦୀ ନେତୃତ୍ୱକୁ ଚିରଦିନ ଅମ୍ଳାନ ଓ ଅମଳିନ କରି ରଖିବାକୁ ହେଲେ ନିଜର ତ୍ୟାଗପୂର୍ଣ୍ଣ ସଂଗ୍ରାମ ମାଧ୍ୟମରେ ସେ ଯେଉଁ ଆଦର୍ଶତାର ବହ୍ନି ଜଳାଇ ଯାଇଛନ୍ତି, ତାକୁ ବର୍ତ୍ତମାନର ନେତୃମଣ୍ଡଳୀ ନିଜ ଅନ୍ତରରେ ଜଳାଇ ରଖିବା ଅପରିହାର୍ଯ୍ୟ ।

ସିନାପାଲି,ନୂଆପଡ଼ା
ମୋ: ୯୭୭୭୭୫୩୯୩୫

### କବିତା କୋଣାର୍କ

## ସେଇ ପୀଡ଼ିତା ମାନେ

**ସୁଧାକର ରାଉତ**



ଶକ୍ତି ଅଛି କାର
ତା ଅଭିଳାଷକୁ
କରିବ ପୂରଣ ।

ସଭିଏଁ ଏଠି ଏକାକାର
ସବୁ ଘଟଣା
ଏଠି ହୁଏ ଦୁର୍ଘଟଣା ।

ମୁଖା ପିନ୍ଧା ଖଳନାୟକ ସିନା ଭିନ୍ନ
ମାତ୍ର ଚରିତ୍ର ସମାନ ।
କିଏ ବା କରିବ
ନିର୍ଯାତନା ର ଶିରଚ୍ଛେଦ ।

ବିଷାଦର ଶମଶାନ
ଅଗ୍ୱୋରିଛି ସମଗ୍ର ଜୀବନ ।

ମୁକ୍ତିକାମୀ ମନ ଲହଡ଼ି ଭାଙ୍ଗି
କୂଳରେ ପହଞ୍ଚି ହୁଅଇ ନିଶ୍ଚିହ୍ନ ।
କାହିଁ ଅବା ମଣିଷପଣ
ନୀରବ ଦର୍ଶକ ସାଜିବା
ସତେ ତାଙ୍କ ଜନ୍ମଗତ ପ୍ରହସନ ।
ବିଷର୍ଣ୍ଣ ଆଉ ଅବସାଦର
ଶେଷ ପରିଣତି ଖାଲି ଜ୍ୱଳନ
ଫିକା ପଡି ଆସୁଥିବା ଚିନ୍ତନର
ଅନ୍ତିମ ପରିଣାମ ଆତ୍ମାହୁତି ।

ଆଉ ପୀଡ଼ିତାର ଇତିବୃତ୍ତି
ରହିଯାଏ ହୋଇ ରାଜନୀତି ।

ସଂଘର୍ଷ ପାଇଁ ସିନା ମିଳିଲାନି କାନ୍ଧ
ଏବେ ଗାଦି ପାଇଁ ସ୍ୱାର୍ଥାନ୍ଧଙ୍କ
ଲେଖା ହୁଏ ନୂଆ ମୁଖବନ୍ଧ ।

ପୀଡ଼ିତାମାନଙ୍କର ସ୍ୱପ୍ନ
ଅନ୍ୟାୟ ବିରୁଦ୍ଧେ ସଂଗ୍ରାମ
ଖୋଜେ ଅଧିକାର
ଧୂମକୁଣ୍ଡଳୀରେ ।

ପ୍ରତାପ ନଗରୀ, କଟକ
ମୋ:୮୨୪୯୯୩୨୭୯୨

## ଚିତାଲାଗି ଅମାବାସ୍ୟା

**ଗୀତାଞ୍ଜଳି ଅଗସ୍ତି**

ବାର ମାସର ତେର ପର୍ବେ ଗଣା
ଚିତାଲାଗି ଅମାବାସ୍ୟା।
ଓଡ଼ିଆଙ୍କ ଗର୍ବ ଓଡିଆଙ୍କ ପର୍ବ
ମନରେ ଭରି ଉଲ୍ଲାସ ।
ଶ୍ରାବଣ ମାସର ଅମାବାସ୍ୟା ଦିନ
ପଡଇ ଯେଉଁ ପର୍ବ।
ବଡ଼ ଦେଉଳ ଉତ୍ସବ ମୁଖର
ଆନନ୍ଦ ହୁଅନ୍ତି ସର୍ବ ।
ତିନି ଦିଅଁଙ୍କର ଚିତାଲାଗି ହୁଏ
ଏହା ଅଟେ ପରମ୍ପରା।
ବାରମାସର ପର୍ବପର୍ବାଣୀ ଭଳି
ଏ ଉତ୍ସବ ତ ନିଆରା ।
କାଳିଆ ସାଆନ୍ତ ହୀରା ଚିତାଲାଗି
ସୁଭଦ୍ରା ମା ଲୀଳା ଚିତା ।
ବଳଭଦ୍ର ପ୍ରଭୁ ମୋତି ଚିତାଲାଗି
ଆମ ପରମ୍ପରା କଥା ।
ନିଦାଘ ସମୟେ ଚତୁର୍ଦ୍ଦିଗରେ
ଜଳ ପରିପୂର୍ଣ୍ଣ ହୁଏ।
ଜଳ ପରିପୂର୍ଣ୍ଣେ ଜଳଚର ପ୍ରାଣି
ଗେଣ୍ଡା ଶାମୁକା ଜନ୍ମ ନିଏ।
ପରମ୍ପରାକୁ ବଜାୟ ରଖିବା ପାଇଁ
ଚିତଉ ପିଠା ଦିଅନ୍ତି।
ଗେଣ୍ଡା ଶାମୁକା ଖାଇବାକୁ ଦେଲେ
ଗୋଡ଼ ହାତ ନ କାଟନ୍ତି।
କୃଷକ ଭାଇ ବିଶ୍ୱାସ କୁ ନେଇ
ଗେଣ୍ଡା ଶାମୁକା ପୂଜନ୍ତି।
ଜଳାର୍ଣ୍ଣ କ୍ଷେତ୍ରରେ କାମ କରୁଥିଲେ
ଜଳଜୀବ ନ କାଟନ୍ତି।
ଓଡ଼ିଆ ସଂସ୍କୃତି ପରମ୍ପରାକୁ ରକ୍ଷା
ଆମେ ସର୍ବଦା କରିବା।
ଜଗନ୍ନାଥ ଦେଶବାସୀ ବୋଲି ମଥା
ଉଚ୍ଚ କରି ଚାଲିବା ।

ଏରଡା, ଭଦ୍ରକ

## ଜୀବନର ଭଗ୍ନାଂଶ

**ଡ. ଶିଶିର କୁମାର କର**



ବୁନ୍ଦେ ଲୁହ
ଟୋପେ ପାଣି
ଧାରେ ରକ୍ତ
ପୋଷେ ଝାଳ
ଦଳକାଏ ପବନ
ଟିକେ ଉତ୍ତାପ
ସବୁ ମିଶିଲେ ହୁଏ ଜୀବନ ।

ଆରୋହ ଅବରୋହ
ଟିକିଏ ବୁଲାଣି
ରାଗ-ରାଗିଣୀ ଭରା
ଛଇଳ ଚପଳ ଛନ୍ଦ
ଆଧାର, ଜୀବନ ସଂଗୀତର ।
ଲୁହ ହୁଏ ଲହୁ
ପାଣି ହୁଏ ପଣା
ଅଣଚ୍ଛସ ପବନ
ଗତି ଧୀର ମନ୍ଥର
ସନସନ କରେ
ଶୁଖିଲା ପତ୍ରକୁ
ଜଳିଯାଏ ସବୁ ସ୍ମୃତି
ସ୍ୱର୍ଗଦ୍ୱାର ବୈଷ୍ଣବାଗ୍ନିରେ
ଉଡିବୁଲେ ଏଣେତେଣେ
ମେଞ୍ଚାଏ ପାଉଁଶ, ଜୀବନର
ଭଗ୍ନାଂଶ ।

ଶ୍ରୀକଣ୍ଠପୁର, ବାଲେଶ୍ୱର
ମୋ - ୯୭୭୮୫୪୩୮୯୭




# ବିନା ଷ୍ଟାରରେ ବି ଧମାଲ କଲା ଏହି ଫିଲ୍ମ: ଖର୍ଚ୍ଚ ୭ କୋଟି, ଆୟ ୮୫ କୋଟି



ସାଉଥ ସିନେମାରେ ଏପରି ଅନେକ ଫିଲ୍ମ ଅଛି ଯାହା ନିର୍ମାତାମାନଙ୍କୁ ସେମାନଙ୍କ ବଜେଟ୍ ଠାରୁ ଅଧିକ ରୋଜଗାର କରି ମାଲାମାଲ କରିଥାଏ । ଆଜି ଆମେ ଆପଣଙ୍କୁ ଏପରି ଏକ ମହାନ ଫିଲ୍ମ ବିଷୟରେ କହିବାକୁ ଯାଉଛୁ ଯାହା ୨୦୨୫ ମସିହାରେ ଥିଏଟରରେ ମୁକ୍ତିଲାଭ କରିଥିଲା ଏବଂ ବକ୍ସ ଅଫିସରେ ଜବରଦସ୍ତ କଲେକ୍ସନ କରିଥିଲା । ଏହି ୨ ଘଣ୍ଟା ୩୦ ମିନିଟର ଫିଲ୍ମର ନାମ 'ଟୁରିଷ୍ଟ ଫ୍ୟାମିଲି' । ୨୯ ଏପ୍ରିଲରେ ଆସିଥିବା ଏହି ଫିଲ୍ମରେ କୌଣସି ବଡ଼ ଷ୍ଟାର ନଥିଲେ । କିନ୍ତୁ, ଏହା ନିଜର ପାରିବାରିକ ନାଟକ ସହିତ ସମସ୍ତଙ୍କ ହୃଦୟ ଜିତିଥିଲା । ଏହି ସିନେମାର କାହାଣୀ ଶ୍ରୀଲଙ୍କାରୁ ସମୁଦ୍ର ପଥ ଦେଇ ଭାରତ ଆସୁଥିବା ଏକ ପରିବାର ବିଷୟରେ ପର୍ଯ୍ୟବେସିତ ଥିଲା । ଯେଉଁଠାରେ ଲୋକଙ୍କ ମଧ୍ୟରେ କମେଡି, କ୍ରାଇମ୍ ଥ୍ରୀଲର ଏବଂ ଆକ୍ସନ୍ ଫିଲ୍ମକୁ ନେଇ ଏକ ଜବରଦସ୍ତ କ୍ରେଜ୍ ରହିଛି, ସେହି ସମୟରେ, ଏବେ ଲୋକମାନେ ପାରିବାରିକ ବିଷୟବସ୍ତୁ ମଧ୍ୟ ଦେଖିବାକୁ ଚାହାଁନ୍ତି । ଏପରି ପରିସ୍ଥିତିରେ, ଆପଣ ଏହି ଫିଲ୍ମକୁ ଘରେ ବସି ଓଟିଟି ପ୍ଲାଟଫର୍ମରେ ଦେଖିପାରିବେ । ଲୋକମାନେ ଏହି ଫିଲ୍ମର କାହାଣୀକୁ ମଧ୍ୟ ପସନ୍ଦ କରୁଛନ୍ତି କାରଣ ଏହା ଏକ ମଧ୍ୟବିତ୍ତ ପରିବାରର ଚାରି ଜଣ ସଦସ୍ୟଙ୍କ ଜୀବନର ଉତ୍ଥାନ-ପତନକୁ ଦର୍ଶାଏ । ଏହି ଭାବପ୍ରବଣ ଫିଲ୍ମ ଦର୍ଶକଙ୍କୁ ସେମାନଙ୍କ ସାଧାରଣ ଜୀବନ ସହିତ ଯୋଡୁଛି । ଏହି ତାମିଲ ଫିଲ୍ମଟି ୭ କୋଟି ବଜେଟରେ ନିର୍ମିତ ହୋଇଥିଲା । କିନ୍ତୁ, ବକ୍ସ ଅଫିସରେ, ଏହି ଫିଲ୍ମଟି ରୋଜଗାର ଦୃଷ୍ଟିରୁ ବିକି କୌଶଳଙ୍କ ଫିଲ୍ମ 'ଛାଭା'ର ରେକର୍ଡ ମଧ୍ୟ ଭାଙ୍ଗି ଦେଇଛି । ୭ କୋଟିରେ ନିର୍ମିତ 'ଟୁରିଷ୍ଟ ଫ୍ୟାମିଲି' ଏହାର ଚମତ୍କାର କାହାଣୀ ଆଧାରରେ ସାରା ବିଶ୍ୱରେ ୮୫ କୋଟି ଟଙ୍କା ସଂଗ୍ରହ କରିଥିଲା । ପ୍ରଥମ ଦିନରେ ହିଁ ଏହା ବକ୍ସ ଅଫିସରେ ୨୩ କୋଟି ଟଙ୍କା ରୋଜଗାର କରିଥିଲା । ଗୋଟିଏ ପଟେ, ଯଦି ଆମେ ବିକି କୌଶଳଙ୍କ 'ଛାଭା' ବିଷୟରେ କଥା ହେବା, ତେବେ ଏହାର ବଜେଟ୍ ୧୩୦ କୋଟି ଥିଲା ଏବଂ ଏହା ୮୦୮ କୋଟି ଟଙ୍କା ସଂଗ୍ରହ କରିଥିଲା । ଏପରି ପରିସ୍ଥିତିରେ, ଯଦି ଆମେ ଉଭୟ ଫିଲ୍ମକୁ ତୁଳନା କରିବା, ତେବେ 'ଛାଭା' ତୁଳନାରେ 'ଟୁରିଷ୍ଟ ଫ୍ୟାମିଲି' ଲାଭରେ ଆଗରେ ଅଛି । 'ଛାଭା'ର ଲାଭ ୮୦୦ ପ୍ରତିଶତ ଥିଲା ବେଳେ 'ଟୁରିଷ୍ଟ ଫ୍ୟାମିଲି'ର ଲାଭ ୧୨୦୦ ପ୍ରତିଶତ ଥିଲା । ଏମ୍. ଶଶିକୁମାର, ସିମରନ, ମିଥୁନ ଜୟ ଶଙ୍କର ଏବଂ କମଲେଶ ଜଗନ ଅଭିନୀତ 'ଟୁରିଷ୍ଟ ଫ୍ୟାମିଲି' ଏକ ଇଲମ୍ ତାମିଲ ପରିବାର ଉପରେ ଆଧାରିତ, ଯେଉଁମାନେ ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ପରେ ଚାକିରି ଖୋଜିବାରେ ଭାରତ ଆସିଥାନ୍ତି । 'ଟୁରିଷ୍ଟ ଫ୍ୟାମିଲି'ର ନିର୍ମାତାମାନେ କୌଣସି ଅନାବଶ୍ୟକ ଖର୍ଚ୍ଚ ବିନା କମ୍ ବଜେଟରେ ଏହି ଫିଲ୍ମକୁ ରିଲିଜ୍ କରିଥିଲେ । କିନ୍ତୁ, ଏହାର ଦୃଢ଼ କାହାଣୀ ଯୋଗୁଁ ଫିଲ୍ମଟି ସୁପରହିଟ୍ ପ୍ରମାଣିତ ହୋଇଥିଲା ।

# ସୁଶାନ୍ତ ସିଂହଙ୍କ ପରି ମୋ ଜୀବନ ବିପଦରେ ଅଛି ବୋଲି କହି ଭିଡିଓ ପୋଷ୍ଟ କଲେ ତନୁଶ୍ରୀ



ପୁଣି ଥରେ ଚର୍ଚ୍ଚାରେ ରହିଛନ୍ତି ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ । ନିକଟରେ ସେ କାନ୍ଦି କାନ୍ଦି ଏକ ଭିଡିଓ କରି ତାହାକୁ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି । ତାଙ୍କ କହିବାନୁସାରେ, ୨୦୧୮ ମସିହାର ମିଟୁ ପ୍ରସଙ୍ଗ ପରେ ପରେ ତାଙ୍କୁ ଖୁବ୍ ହଇରାଣ କରାଯାଉଛି । ତାଙ୍କ ଜୀବନ ଏବେ ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପରି ବିପଦରେ ରହିଛି । ସେ ନ୍ୟୁଜ୍ ୧୮ ସହ କଥା ହୋଇ କହିଛନ୍ତି ଯେ ବଲିଉଡ୍‌ରେ ଜଣେ ଏପରି ବ୍ୟକ୍ତି ଅଛନ୍ତି, ଯିଏକି ତାଙ୍କ ପଛରେ ପୂରାପୂରି ଭାବେ ପଡ଼ି ଯାଇଛନ୍ତି । ଯେଉଁଭଳି ୨୦୨୦ ମସିହାରେ ସୁଶାନ୍ତ ସିଂହ ରାଜପୁତଙ୍କ ଘରେ ତାଙ୍କ ମୃତଦେହ ମିଳିଥିଲା, ସେଇଭଳି ମୋ ମୃତଦେହ ବି କେବେ ମିଳିବ ବୋଲି ତନୁଶ୍ରୀ କହିଛନ୍ତି । ତାଙ୍କ କହିବାନୁସାରେ, ସୁଶାନ୍ତଙ୍କ ଭଳି ତାଙ୍କୁ ମଧ୍ୟ ହତ୍ୟା କରିବାର ଯୋଜନା କରାଯାଉଛି । ବଲିଉଡ୍‌ରେ ଏକ ବଡ଼ ମାଫିଆ ଗ୍ୟାଙ୍ଗ୍ ରହିଛି । 'ମୋତେ ମୋ ଘରେ ହଇରାଣ କରାଯାଉଛି । ବହୁତ ସହିଲିଣି । ଆଉ ହେବନି । ମୋତେ ସାହାଯ୍ୟ କରନ୍ତୁ ।' କାନ୍ଦି କାନ୍ଦି ଭିଡିଓରେ ଏଭଳି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତା । ସେ ଦାବି କରିଛନ୍ତି ଯେ, ତାଙ୍କୁ ଗତ ୪-୫ ବର୍ଷ ଧରି ତାଙ୍କ ଘରେ ନିର୍ଯାତନା ଦିଆଯାଉଛି । ଏନେଇ ତାଙ୍କୁ ମଙ୍ଗଳବାର ଦିନ ପୁଲିସକୁ ଫୋନ୍ କରିବାକୁ ପଡିଥିଲା । ସୂଚନା ପାଇ ପୁଲିସ ଆସିଥିଲା ଏବଂ ତାଙ୍କୁ ଉପଯୁକ୍ତ ଉପାୟରେ ଅଭିଯୋଗ କରିବାକୁ କହିଥିଲା ବୋଲି ଅଭିନେତ୍ରୀ କହିଛନ୍ତି । ଏହା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ନାହିଁ ବୋଲି ସେ ଜଣାଇଛନ୍ତି ।

# ୧୦ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ନିର୍ମାଣର ଯାତ୍ରା, 'ରାମାୟଣ'ରେ ସଂଳାପ ଲେଖିବା ପାଇଁ ନିଆଯାଇଛି ପଣ୍ଡିତଙ୍କ ସାହାଯ୍ୟ

ସୁପରଷ୍ଟାର ରଣବୀର କପୁର ଏବଂ ସାଇ ପଲ୍ଲବୀଙ୍କ ବହୁ ପ୍ରତିକ୍ଷିତ ଫିଲ୍ମ 'ରାମାୟଣ'ର ପ୍ରଥମ ଲୁକ ଟିଜର ରିଲିଜ୍ ହୋଇସାରିଛି । ରିଲିଜ୍ ପରେ ଏବେ ଏହାକୁ ନେଇ ସବୁଠି ଚର୍ଚ୍ଚା ଚାଲିଛି । ପ୍ରଥମ ଲୁକ ଟିଜରରେ ରଣବୀର କପୁରଙ୍କୁ ରାମ ଅବତାରରେ ଦେଖିବାକୁ ମିଳିଥିଲା । ସେ ଧନୁ ଧରି ଜଣେ ଯୋଦ୍ଧା ଭାବରେ ଆକ୍ରମଣର ଜବାବ ଦେଉଥିବା ଦେଖାଯାଇଥିଲା ।




କେବଳ ଟିଜର ରିଲିଜ୍ ପରେ ହିଁ ନିତେଶ ତିୱାରୀଙ୍କ ରାମାୟଣକୁ ନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ସମସ୍ତେ ଏହି ଫିଲ୍ମକୁ ନେଇ ଆସୁଥିବା ସବୁ ଅପଡେଟ୍ ବିଷୟରେ ଜାଣିବାକୁ ନିଜର ଉତ୍ସାହ ଦେଖାଉଛନ୍ତି । ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହ ବଜାୟ ରଖିବା ପାଇଁ ନିର୍ମାତା ଭିନ୍ନ ଭିନ୍ନ ଅପଡେଟ୍ ସେୟାର କରିବା ଆରମ୍ଭ କରିଛନ୍ତି । ଏବେ ଆଉ ଏକ ବଡ଼ ସୂଚନା ସାମ୍ନାକୁ ଆସିଛି । କୁହାଯାଉଛି ଯେ, ନିର୍ମାତା ଗତ ୧୦ବର୍ଷ ଧରି ଏହି ଫିଲ୍ମ ଉପରେ କାମ କରୁଛନ୍ତି । ଫିଲ୍ମ ନିର୍ମାଣରେ ଯେପରି କୌଣସି ଭୁଲ ନହୁଏ ସେଥିପାଇଁ ପଣ୍ଡିତମାନଙ୍କ ସାହାଯ୍ୟ ନିଆଯାଉଛି । ନିର୍ମାତାମାନେ ରଣବୀର କପୁରଙ୍କ ସଂଳାପ ପାଇଁ ପଣ୍ଡିତମାନଙ୍କ ସାହାଯ୍ୟ ନେଇଛନ୍ତି । ବଶିଷ୍ଠ ଯୋଗ ଶାସ୍ତ୍ର ପଢ଼ିବା ପରେ ସଂଳାପ ଏବଂ ଚିତ୍ରନାଟ୍ୟ ଲେଖାଯାଇଛି, ଯାହାଫଳରେ ଯେତେବେଳେ ଫିଲ୍ମଟି ବଡ଼ ପରଦାରେ ମୁକ୍ତିଲାଭ କରିବ, ସେତେବେଳେ ଏଥିରେ କୌଣସି ତ୍ରୁଟି ରହିବ ନାହିଁ । ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'ରାମାୟଣ' ଦୁଇଟି ଭାଗରେ ମୁକ୍ତିଲାଭ କରିବାକୁ ଯାଉଛି । ପ୍ରଥମ ଭାଗ ୨୦୨୬ ଦୀପାବଳିରେ ଏବଂ ଦ୍ୱିତୀୟ ଭାଗ ୨୦୨୭ ଦୀପାବଳିରେ ମୁକ୍ତିଲାଭ କରିବ । ଫିଲ୍ମର ଷ୍ଟାରକାଷ୍ଟ ବହୁତ ବଡ଼ । ରଣବୀର କପୁର, ୟଶ, ସାଇ ପଲ୍ଲବୀ, ରବି ଦୁବେ, ସନି ଦେଓଲ, ଅରୁଣ ଗୋଭିଲ, ରାକୁଲ ପ୍ରୀତ ସିଂହ, ଲାରା ଦତ୍ତା, ଶୀବା ଚଡ୍ଡା, ଅମିତାଭ ବଚ୍ଚନ, କୁନାଲ କପୁରଙ୍କ ସମେତ ଅନେକ କଳାକାର ଏହି ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରୁଥିବାର ଦେଖାଯିବେ । ରାମାୟଣ ସବୁଠାରୁ ମହଙ୍ଗା ଭାରତୀୟ ଫିଲ୍ମ ହେବାକୁ ଯାଉଛି । ଏହି ଫିଲ୍ମଟି ୪୦୦୦ କୋଟି ଟଙ୍କାରେ ନିର୍ମିତ ହେବ । ଏଥିମଧ୍ୟରୁ ୧୩୦୦କୋଟି ଟଙ୍କା ଫିଲ୍ମର ପ୍ରଚାରରେ ଖର୍ଚ୍ଚ ହେବ ।

# ରାଜନୀତିରେ ପ୍ରବେଶ ପରେ ଅଭିନୟ ଜୀବନରେ ପଡ଼ିଯାଇଥିଲା ପୂର୍ଣ୍ଣଚ୍ଛେଦ: ରବି କିସନ



ଅଭିନେତା ରବି କିସନଙ୍କୁ ଅଜୟ ଦେବଗନଙ୍କ ସହିତ ଖୁବଶୀଘ୍ର ସିନେମା 'ସନ ଅଫ ସରଦାର'ରେ ଦେଖିବାକୁ ମିଳିବ । ଏହି ସିନେମାଟି ଜୁଲାଇ ୨୫ ତାରିଖରେ ରିଲିଜ ହେବାର ଥିବା ବେଳେ ତାହାକୁ ଅଗଷ୍ଟ ୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ସିନେମା ରିଲିଜ ପୂର୍ବରୁ ରବି କିସନ ଏକ ସାକ୍ଷାତକାରରେ ଯୋଗ ଦେଇ କହିଛନ୍ତି, 'ରାଜନୀତିରେ ପ୍ରବେଶ ପରେ ମୋ ଜୀବନରେ ଅନେକ ଉଠାଣି ଗଡ଼ାଣିର ସମୟ ଆସିଛି । ଏମିତି ଏକ ସମୟ ଆସିଥିଲା ଯେଉଁ ସମୟରେ ମୋତେ ଲାଗିଥିଲା ମୋ ସିନେମା ଜୀବନ ଶେଷ ହୋଇଯାଇଛି । ଇଣ୍ଡଷ୍ଟ୍ରିରୁ ଅନେକ ବର୍ଷ ପର୍ଯ୍ୟନ୍ତ କାମ ପାଇଁ ମୋ ପାଖକୁ କୌଣସି ଫୋନ କି ମେସେଜ ଆସି ନଥିଲା । ଆଗାମୀ ଦିନେରେ ଆଉ ସିନେମାଜଗତରେ କାମ କରିବି ଏ ଆଶା ମୋର ମଉଳି ଯାଇଥିଲା । କିନ୍ତୁ ମୋ ଭାଗ୍ୟରେ ପୁଣିରେ ସିନେମା ଦୁନିଆରେ କାମ ଲେଖା ହୋଇଛି ସେ କଥା କିଏ ବା ଜାଣିଥିଲା । ଭଗବାନଙ୍କ ଆଶୀର୍ବାଦରୁ ମୋତେ କିରଣ ରାଓ୍ୱଙ୍କ ସିନେମା ଆସିଥିଲା । ଏହି ସିନେମା ଜରିଆରେ ମୁଁ ଓସ୍କାର ପର୍ଯ୍ୟନ୍ତ ପହଞ୍ଚିବାର ସୌଭାଗ୍ୟ ପାଇ ପାରିଥିଲି ।'

# ବଲିଉଡ ଅଭିନେତ୍ରୀ ଶିଳ୍ପା ଶିରୋଡକରଙ୍କ ପ୍ରେମରେ ପଡ଼ିଥିଲେ ସଚିନ୍

ବଲିଉଡ କଳାକାର ଓ କ୍ରିକେଟରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିବା କିଛି ନୂଆ କଥା ନୁହେଁ । ଅତୀତରେ ଏଭଳି ଅନେକ ଯୋଡ଼ି ଆମେ ଦେଖିଛେ । କିଛି ନିଜ ପ୍ରେମକୁ ସଫଳ କରି ବିବାହ କରିଛନ୍ତି ତ ଆଉ କିଛି ଯୋଡ଼ିଙ୍କ ସମ୍ପର୍କ ଅଧୁରା ରହି ଇତିହାସ ପାଲଟିଯାଇଛି । ଆଜି ଅତୀତର ପୃଷ୍ଠା ଲେଉଟାଇଲେ ଏଭଳି ଜଣେ ଯୋଡ଼ିଙ୍କ ନାମ ସାମ୍ନାକୁ ଆସେ, ଯେଉଁମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା ବୋଲି ଏକ ସମୟରେ ଖୁବ ଚର୍ଚ୍ଚା ହୋଇଥିଲା । ହେଲେ ଦୁହିଁଙ୍କ ଚଲାପଥ ଏକ ହୋଇପାରିନଥିଲା । ସେମାନେ ହେଲେ ବଲିଉଡ ଅଭିନେତ୍ରୀ ଶିଳ୍ପା ଶିରୋଡକର ଏବଂ ମାଷ୍ଟର ବ୍ଲାଷ୍ଟର ତଥା କ୍ରିକେଟର ଭଗବାନ ବୋଲି କୁହାଯାଉଥିବା ସଚିନ୍ ତେନ୍ଦୁଲକର । ରେଡ୍ ଏଫ୍‌ଏମ୍ ସହିତ ଏକ ପୁରୁଣା ସାକ୍ଷାତକାରରେ ଶିଳ୍ପା, ସଚିନ୍‌ଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ କହିଥିଲେ । 'ହମ୍' ଫିଲ୍ମ ସମୟରେ ସେ ସଚିନ ତେନ୍ଦୁଲକରଙ୍କୁ ଭେଟିଥିଲେ ବୋଲି ସେ ଜଣାଇଥିଲେ । ଶିଳ୍ପା କହିଥିଲେ, 'ଯେତେବେଳେ ମୁଁ 'ହମ୍' ଫିଲ୍ମର ସୁଟିଂ କରୁଥିଲି, ପ୍ରଥମ ଥର ପାଇଁ ମୁଁ ସଚିନ



ତେନ୍ଦୁଲକରଙ୍କୁ ଭେଟିଥିଲି । କାରଣ ମୋର ସମ୍ପର୍କୀୟ ଭାଇ ସଚିନ ରହୁଥିବା ସ୍ଥାନରେ ରହୁଥିଲେ । ସଚିନ ଏବଂ ମୋ ସମ୍ପର୍କୀୟ ଭାଇ ବାନ୍ଦ୍ରା ଇଷ୍ଟରେ ଏକାଠି କ୍ରିକେଟ୍ ଖେଳୁଥିଲେ । ତେଣୁ ମୁଁ ସଚିନଙ୍କୁ ତାଙ୍କ ଜରିଆରେ ଭେଟିଥିଲି । ସେହି ସମୟରେ ସଚିନ, ଅଞ୍ଜଳିଙ୍କ ସହିତ ପ୍ରେମ ସମ୍ପର୍କରେ ଥିଲେ । ଏହା ବିଷୟରେ କେହି ଜାଣି ନଥିଲେ । ଆମେ ସବୁକିଛି ଜାଣିଥିଲୁ । କାରଣ ଆମେ ବନ୍ଧୁ ଥିଲୁ । ସେଥିପାଇଁ ଆମ ଭିତରେ ପ୍ରେମ ସମ୍ପର୍କ ଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା । ଜଣେ ଅଭିନେତ୍ରୀ ଜଣେ କ୍ରିକେଟରଙ୍କୁ ଭେଟୁଛନ୍ତି ଏବଂ ତାହା ମଧ୍ୟ ସଚିନ ତେନ୍ଦୁଲକରଙ୍କୁ । ତେଣୁ ଲୋକଙ୍କ ପାଇଁ ଏସବୁ କହିବା ସହଜ ଥିଲା ।'

# ଅଭିନୟକୁ ଫେରିବା ପଛର କାରଣ କହିଲେ ସ୍ମୃତି

ଟେଲିଭିଜନ ଇଣ୍ଡଷ୍ଟ୍ରିର ସବୁଠାରୁ ଲୋକପ୍ରିୟ ବୋହୁମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ତୁଳସୀ ବିରାନି । ତୁଳସୀଙ୍କୁ ଦର୍ଶକ ଛୋଟ ପରଦାରେ ଦେଖିବା ପାଇଁ ଅନେକ ଦିନରୁ ଅପେକ୍ଷା କରି ରହିଥିବା ବେଳେ ନିକଟରେ ସେ ଏକ ଖୁସି ଖବର ଦେଇଛନ୍ତି । ଖୁବଶୀଘ୍ର ସ୍ମୃତି ଇରାନୀଙ୍କ ସୋ 'କ୍ୟୁଁକି ଶାସ୍ ଭି କଭି ଥି'ର ଦ୍ୱିତୀୟ ସିଜନ୍ ରିଲିଜ୍ ହେବାକୁ ଯାଉଛି । ଏଥିରେ ସ୍ମୃତିଙ୍କ ଅଭିନୟ ଦେଖିବାକୁ ମିଳିବ । ନିକଟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଅଭିନୟ ଜଗତକୁ ପୁଣି ଫେରିବା ପଛରେ ତାଙ୍କର କାରଣ କ'ଣ ତାହା ପ୍ରକାଶ କରିଛନ୍ତି । ସ୍ମୃତି ଇରାନୀ ରାଜନୀତିରେ ପ୍ରବେଶ ପୂର୍ବରୁ ଅଭିନୟ ଜଗତରେ ଖୁବ ଲୋକପ୍ରିୟତା ଅର୍ଜନ କରିଛନ୍ତି । ସେ ଲୋକପ୍ରିୟ ଟିଭି ସୋ' ' କ୍ୟୁଁକି ଶାସ୍ ଭି କଭି ଥି'' ମାଧ୍ୟମରେ ପ୍ରତ୍ୟେକ ଘରେ ନିଜର ଛାପ ଛାଡ଼ି ଯାଇଛନ୍ତି । ନିକଟରେ ଏକ ସାକ୍ଷାତକାରରେ ଯୋଗ ଦେଇ ସ୍ମୃତି ପୁଣିଥରେ ଅଭିନୟକୁ ଫେରିବାର ନିଷ୍ପତ୍ତି ଏବଂ ପରିବର୍ତ୍ତନଶୀଳ ମନୋରଞ୍ଜନ ଶିଳ୍ପ ବିଷୟରେ ଖୋଲାଖୋଲି ଭାବରେ ଆଲୋଚନା କରିଛନ୍ତି । ସ୍ମୃତି କହିଛନ୍ତି, 'ମୁଁ ଯେଉଁ ସୋ' ଜରିଆରେ ଅଭିନୟରେ ପ୍ରବେଶ କରିଛି ତାହା ଏହା ଏକ ସୀମିତ ସିରିଜ । ମୁଁ ଉଦୟ ଶଙ୍କର (ଜିଓହଟଷ୍ଟାରର ଉପାଧ୍ୟକ୍ଷ) ଏବଂ ଏକତା କପୁରଙ୍କ ଦଳ ସହିତ କାମ କରିବାକୁ ଚାହୁଁଥିଲି । ଏକତାଙ୍କ ସୃଜନଶୀଳ ଯାତ୍ରା ଦୀର୍ଘ ଏବଂ ଚମତ୍କାର ରହିଛି । ମୁଁ ଦେଖିବାକୁ ଚାହୁଁଥିଲି ଯେ ସେ ଆଜିର ସମସ୍ୟାଗୁଡ଼ିକୁ କିପରି ଚିତ୍ରଣ କରୁଛନ୍ତି । ମୁଁ ଆଜି ପର୍ଯ୍ୟନ୍ତ ଓଟିଟିରେ କାମ କରିନାହିଁ । ଏବେ ମୁଁ କେବଳ ଜିନିଷଗୁଡ଼ିକୁ ପର୍ଯ୍ୟବେକ୍ଷଣ କରୁଛି ଏବଂ ବୁଝୁଛି । ଏଥିସହିତ ଅଭିନୟ ପାଇଁ ମଧ୍ୟ ଏକ ସୁଯୋଗ ଅଛି, ତେଣୁ ମୁଁ ଏହା କରିବାକୁ ନିଷ୍ପତ୍ତି ନେଇଛି । ମୋ ପାଇଁ ପୂର୍ବରୁ ଅଭିନୟ ଓ ରାଜନୀତି ଟଙ୍କାର ଦୁଇଟିପାର୍ଶ୍ୱ ଥିଲା । ଏବେ କିନ୍ତୁ ଅଭିନୟ ଓ ରାଜନୀତି ଉଭୟକୁ ନେଇ ଚାଲିବାକୁ ପଡ଼ିବ ।'



# ଅସୁସ୍ଥ ହେଲେ ପରିଣୀତିଙ୍କ ଶାଶୁ; ଅଧାରୁ ବନ୍ଦ ହେଲା ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ର ସୁଟିଂ

ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ନିକଟରେ ତାଙ୍କ ସ୍ୱାମୀ ରାଘବ ଚଡ୍ଡାଙ୍କ ସହ କପିଲ ଶର୍ମାଙ୍କ ସୋ 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ରେ ପହଞ୍ଚିଥିଲେ । ଏହି ସମୟରେ ତାଙ୍କ ସହିତ ଅଭିନେତ୍ରୀଙ୍କ ଶାଶୁ ମଧ୍ୟ ଉପସ୍ଥିତ ଥିଲେ । ଖବର ଅନୁଯାୟୀ, ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ୍ ସୋ'ର ସୁଟିଂ ଚାଲିଥିବା ବେଳେ ରାଘବଙ୍କ ମାଆ(ପରିଣୀତି ଶାଶୁ)ଙ୍କ ସ୍ୱାସ୍ଥ୍ୟ ହଠାତ୍ ବିଗିଡ଼ି ଯାଇଥିଲା । ସଙ୍ଗେସଙ୍ଗେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣା ପରେ ସୋ'ର ସୁଟିଂକୁ ମଝିରୁ ବନ୍ଦ କରିବାକୁ ପଡ଼ିଥିଲା । ପୁଣିଥରେ ରାଘବ ଓ ପରିଣୀତିଙ୍କୁ ନେଇ ଏପିସୋଡର ସୁଟିଂ ହେବ ବୋଲି କୁହାଯାଉଛି । କପିଲ୍ ଶର୍ମାଙ୍କ ସୋ'ର ତୃତୀୟ ସିଜିନରେ କିକୁ ଶାରଦାଙ୍କ ବ୍ୟତୀତ ସୁନୀଲ ଗ୍ରୋଭର, କୃଷ୍ଣା ଅଭିଷେକ, ଅର୍ଚ୍ଚନା ପୁରନ୍ ସିଂହ, ନବଜୋତ ସିଂହ ସିଦ୍ଧୁ ନଜର ଆସିଛନ୍ତି । କପିଲଙ୍କ ଏହି ସୋ' ପ୍ରତି ଶନିବାର ରାତି ୮ଟାରେ ନେଟଫ୍ଲିକ୍ସରେ ଷ୍ଟ୍ରିମ୍ ହେଉଛି। ଏହି କମେଡି ସୋ' ସହିତ କପିଲ ତାଙ୍କ ଆଗାମୀ ସିନେମା 'କିସ କିସ କୋ ପ୍ୟାର କରୁ-୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି ।

# ଜନ୍ମ ପ୍ରମାଣ ପତ୍ର ପାଇଁ ନିରକ୍ଷର ଆଦିବାସୀ ଦମ୍ପତିଙ୍କୁ ହଇରାଣ ଅଭିଯୋଗ

ସମ୍ବଲପୁର, ୨୪/୦୭ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ଫାଶୀମାଲ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମ ପ୍ରମାଣପତ୍ର ବିଭାଗରେ ନିୟୋଜିତ କର୍ମଚାରୀ ସାଧାରଣ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଜମନକିରା ବ୍ଲକ ବଡ଼ରମା ପଂଚାୟତ ବାନ୍ଧଭୂଇଁ ଗ୍ରାମର ସୁଶାରୀ ମୁଣ୍ଡାଙ୍କ ଆଧାର କାର୍ଡ ନାହିଁ । ଯାହା ଫଳରେ ସୁଶାରୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଂଚିତ ରହିଛନ୍ତି। ଏଣୁ ନିଜର ଆଧାର କାର୍ଡ ଆବେଦନ ପାଇଁ ଦରକାର ପଡୁଥିବା ଦସ୍ତାବେଜ ଯୋଗାଡ଼ କରୁଛନ୍ତି। ଏହି ଦସ୍ତାବେଜ ମଧ୍ୟରୁ ଜନ୍ମ ପ୍ରମାଣ ପତ୍ର ଗୋଟିଏ। ଏହି ଜନ୍ମ ପ୍ରମାଣ ପତ୍ର ତିଆରି ପାଇଁ ଗତ କିଛି ଦିନରୁ ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିୟମିତ ଦୌଡୁଛନ୍ତି ସୁଶାରୀ ମୁଣ୍ଡା ଏବଂ ତାଙ୍କ ସ୍ୱାମୀ ଲାଜାର ମୁଣ୍ଡା। ସୁଶାରୀ ମୁଣ୍ଡାଙ୍କ କହିବା ଅନୁଯାଇ ଗତ ୧୫ ତାରିଖରେ ସେ ଏବଂ ତାଙ୍କ ସ୍ୱାମୀ ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଜନ୍ମ ପ୍ରମାଣ ପତ୍ର ବିଭାଗୀୟ କର୍ମଚାରୀଙ୍କୁ ଭେଟି ନିଜ ସମସ୍ୟା ସମ୍ପର୍କରେ ଜଣାଇ ନୂତନ ଜନ୍ମ ପ୍ରମାଣ ପତ୍ର ଆବେଦନ ପାଇଁ କହିଥିଲେ। ପରବର୍ତୀ ସମୟରେ ଜନ୍ମ ପ୍ରମାଣ ପତ୍ର ଆବେଦନ ପାଇଁ ଜନ୍ମ ପ୍ରମାଣ ପତ୍ର ବିଭାଗୀୟ କର୍ମଚାରୀ ଦସ୍ତାବେଜ ମାଗିଥିଲେ। ଜନ୍ମ ପ୍ରମାଣ ପତ୍ର ଆବେଦନ ପାଇଁ ତାଙ୍କ ପାଖରେ ଥିବା ଅଙ୍ଗନବାଡି କର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ଲିଖିତ ପ୍ରମାଣ ପତ୍ର, ଜମନକିରା ତହସିଲଦାରଙ୍କ ପାଖରେ କରିଥିବା ଏଫିଡେଫିଟ, ଓ ଅନ୍ୟ ଦସ୍ତାବେଜ ଦେଇଥିଲେ। ହେଲେ ଏଥିରେ ଆଉ ଦସ୍ତାବେଜ ଲାଗିବ କହି ତାଙ୍କ ଦସ୍ତାବେଜ ଫେରାଇ ଦେଇଥିଲେ। ବିଡମ୍ବନାର ବିଷୟ ଉକ୍ତ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଜନ୍ମ ପ୍ରମାଣପତ୍ର କର୍ମଚାରୀ ସୁଶାରୀ ମୁଣ୍ଡା ଏବଂ ତାଙ୍କ ସ୍ୱାମୀ ଲାଜାର ମୁଣ୍ଡାଙ୍କୁ ଦସ୍ତାବେଜ ସମ୍ବନ୍ଧରେ କୌଣସି ତଥ୍ୟ ଦେଇନଥିଲେ। ଫଳରେ ସୁଶାରୀ ମୁଣ୍ଡା ଏବଂ ତାଙ୍କ ସ୍ୱାମୀ ଲାଜାର ମୁଣ୍ଡା ବନ୍ଧା ଭୂଇଁରୁ ଫାଶୀମାଲ ନିଜ ସାଇକଲ ଯୋଗେ ବାରମ୍ବାର ଯାଇ ଯାଇ ହଇରାଣ ହେଉଛନ୍ତି। ଏପରିକି ସୁଶାରୀ ଓ ତାଙ୍କ ସ୍ୱାମୀ ଲାଜାର ଏକ ଗରିବ ଆଦିବାସୀ ସମ୍ପ୍ରଦାୟର ଓ ପାଠପଢ଼ି ଜାଣି ନାହାନ୍ତି। ଅନ୍ୟଠାରୁ ଧାରରେ ଟଙ୍କା ନେଇ ନିଜ ସ୍ତ୍ରୀଙ୍କ ଆଧାର କାର୍ଡ ପାଇଁ ଦସ୍ତାବେଜ ଯୋଗାଡ଼ କରୁଛନ୍ତି। ଅନ୍ୟ ପକ୍ଷରେ ଫାଶୀମାଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଥିବା କର୍ମଚାରୀ ଲାଜାରଙ୍କୁ ହଇରାଣ କରୁଥିବା ବେଳେ ତାଙ୍କୁ ଉତମ ବ୍ୟବହାର ମଧ ଦେଇନଥିବା ଅଭିଯୋଗ କରିଛନ୍ତି। ଏପରିକି ଲାଜାର ଉକ୍ତ କର୍ମଚାରୀଙ୍କୁ ପ୍ରଶ୍ନ କରିଥିବା ବେଳେ ଏହାର ପାଲଟାରେ 'ମୁଁ କେତେ ଜଣକୁ ଲେଖି ଲେଖି ଦେବି, ବାହାର ବୋର୍ଡରେ ଦସ୍ତାବେଜ ବାବଦରେ ଲେଖା ହୋଇଛି, ଯାଅ ସେଇଠି ପଢିବ' ବୋଲି ଉଚ୍ଚ ସ୍ୱରରେ ଅପମାନ ଦେଲାଭଳି କହିଥିଲେ ବୋଲି ଲାଜାର ପ୍ରକାଶ କରିଛନ୍ତି। ଏପରିକି ଦସ୍ତାବେଜ ସମ୍ବନ୍ଧରେ ସେ ଜମନକିରାରେ ଥିବା ଜନୈକା ମହିଳା ଆଇନଜୀବୀ କାନନବାଳା ପଟ୍ଟନାୟକଙ୍କୁ ଫୋନରେ ଯୋଗାଯୋଗ କରି ପଚାରିଥିଲେ କଣ କଣ ଦସ୍ତାବେଜ ଲାଗିବ ସେ ସମ୍ପର୍କରେ ପଚାରିବାକୁ କହିଥିଲେ। ଏପରିକି ସମ୍ପୃକ୍ତ କର୍ମଚାରୀ ଜଣଙ୍କ ମହିଳା ଆଇନଜୀବୀଙ୍କୁ ମଧ ସଠିକ ତଥ୍ୟ ନ ଦେଇ ଆଇନଜୀବୀଙ୍କୁ ପାଲଟା 'ମୋ ସହିତ ଆରଗ୍ୟୁମେଣ୍ଟ କରନ୍ତୁ ନାହିଁ, ବୋର୍ଡରେ ଲେଖା ହୋଇଛି ଆପଣ ଆସି ପଢି ନିଅନ୍ତୁ। ମୁଁ କଣ ସମସ୍ତଙ୍କୁ ଲେଖି ଲେଖି ଦେବି' ବୋଲି କହିଥିଲି ବୋଲି ମହିଳା ଆଇନଜୀବୀ କାନନବାଳା ପଟ୍ଟନାୟକ ଗଣମାଧମ ଠାରେ ପ୍ରକାଶ କରିଛନ୍ତି। ଜଣେ ଅଶିକ୍ଷିତ ଓ ଗରିବ ଶ୍ରେଣୀର ବ୍ୟକ୍ତି ବର୍ତମାନ ସମୟରେ ନିଜ ଚାଷ କାମ ଛାଡ଼ି ବାରମ୍ବାର କାର୍ଯ୍ୟାଳୟକୁ ଦୌଡିବା କଣ ସମ୍ଭବ ହୋଇପାରିବ ? ଏଭଳି ପରିସ୍ଥିତିରେ ପଡି ବହୁ ଆଦିବାସୀ ଗରିବ ପରିବାର ନିର୍ଯାତନା ଓ ଶୋଷଣର ଶିକାର ହୋଇ ଆସୁଛନ୍ତି। ଏପରିକି ବେଳେବେଳେ ଆତ୍ମସମ୍ମାନ ଓ ପରିସ୍ଥିତି ଆଗରେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ମଧ ନେଇଥାନ୍ତି। ଜଣେ ଆଇନଜୀବୀଙ୍କୁ ଏଭଳି ଭାବେ କହି ପାରୁଥିବା କର୍ମଚାରୀ ସାଧାରଣ ଲୋକଙ୍କୁ କିଭଳି ବ୍ୟବହାର କରୁଥିବା ତାହା ସହଜରେ ଅନୁମେୟ। ସାଧାରଣ ଲୋକଙ୍କୁ ହଇରାଣ କଲେ ମୁଁ ଆଇନଜୀବୀ ଭାବେ ତାଙ୍କ ମୌଳିକ ସୁବିଧା ପାଇଁ ଅସାଧୁ କର୍ମଚାରୀଙ୍କ ସହିତ ମୁକାବିଲା କରିବାକୁ ପଛେଇ ବି ନାହଁ ଏବଂ ଏଭଳି କର୍ମଚାରୀଙ୍କ ପ୍ରତି ବିଭାଗୀୟ ପଦକ୍ଷେପ ନେବା ଜରୁରୀ ବୋଲି ମହିଳା ଆଇନଜୀବୀ ନିଜ ମନ୍ତବ୍ୟରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଫାଶୀମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ହରିଶ ଚନ୍ଦ୍ର ବାଘଙ୍କୁ ପଚାରିବାରୁ ଆବେଦନକାରୀ ବ୍ୟକ୍ତି ଜଣଙ୍କ କେବଳ ଦୁଇଦିନ ଆମପାଖକୁ ଆସିଥିଲା ଏବଂ ତାଙ୍କ ପାଖରେ ପର୍ଯ୍ୟାପ୍ତ ଡକ୍ୟୁମେଂଟ ନଥିବାରୁ ଏଭଳି ପରିସ୍ଥିତି ଭୋଗିବାକୁ ପଡୁଛି ବୋଲି ସଫେଇ ଦେଇଛନ୍ତି। ଜନ୍ମ ପ୍ରମାଣ ପତ୍ର ଆବେଦନ ପାଇଁ ସରକାରୀ ଗାଇଡ୍‌ଲାଇନ ଅଛି ଆମେ ପର୍ଯ୍ୟାପ୍ତ ଡକ୍ୟୁମେଂଟ ନଥିଲେ ଆମେ କିଭଳି କରିବୁ ବୋଲି କହିଥିଲେ। ମୋଟାମୋଟି ଭାବେ ବିନା ଉତ୍କୋଚରେ ଯଦି ଫାଇଲ ଘୁଂଚୁନି, ତେବେ ସରଳ ନିଷ୍କପଟ ସିଦାସାଧା ଆଦିବାସୀମାନଙ୍କୁ ଉତ୍କୋଚ ସମ୍ପର୍କରେ କିଏ କେମିତି ବୁଝାଇବ ତାହା ମୁଖ୍ୟ ପ୍ରଶ୍ନବାଚୀ ହୋଇଛି।

# ସାହାଣୀ କପ ଫୁଟବଲ ଟୁର୍ନାମେଂଟ ସୁନ୍ଦରଗଡ଼ଠାରୁ ରାଉରକେଲା ୩-୧ ଟାଇ ବ୍ରେକର ଗୋଲରେ ପରାସ୍ତ

କେନ୍ଦୁଝର, ୨୪/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଂଟର ଜୋନାଲ ଫାଇନାଲ ଖେଳ ବର୍ଷା ସତ୍ତ୍ୱେ ଭରପୁର ଦର୍ଶକ ମଧ୍ୟରେ କେନ୍ଦୁଝର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ତୀବ୍ର ପ୍ରତିଦ୍ୱନ୍ଦୀତା ତଥା ସଂଘର୍ଷପୂର୍ଣ୍ଣ ଭବେ ଅନୁଷ୍ଠିତ ଆଜିର ଏହି ଖେଳ ଆରମ୍ଭ ହେବା ଠାରୁ ଶେଷ ହୁଇସିଲ ବାଜିବା ପର୍ଯ୍ୟନ୍ତ ବେଶ ଉପଭୋଗ୍ୟ ହୋଇଥିଲା । ପ୍ରଥମକ୍ଷର୍ଦ୍ଧ ଖେଳ ଆରମ୍ଭ ହେବାର ପାଂଚ ମିନିଟ ପରେ ହଠାତ ବର୍ଷା ହେବାରୁ ଖେଳକୁ ୭ ମିନିଟ ପାଇଁ ବନ୍ଦ ରଖା ଯାଇଥିଲା । ବର୍ଷାର ପ୍ରଭାବରେ ଖେଳର ଗତିରେ ସାମାନ୍ୟ ମନ୍ଥରତା ଆସିଥିଲା । ପ୍ରଥମକ୍ଷର୍ଦ୍ଧର ଖେଳ ଗୋଲଶୂନ୍ୟ ଭାବେ ସମାପ୍ତ ହେବାପରେ ଦ୍ୱିତୀୟକ୍ଷର୍ଦ୍ଧର ଖେଳ ଅଧିକ ଗତିଶୀଳ ହୋଇଥିଲା । ଏଥିରେ ଉଭୟ ଦଳ କେତୋଟି ନିଶ୍ଚିତ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେହେଁ ଶେଷ ସ୍ୱର୍ଶ ଦେବାରେ ସଫଳ ହୋଇପାରିନଥିଲେ । ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ଭାବେ ଖେଳ ସମାପ୍ତ ହେବାରୁ ଟାଇ ବ୍ରେକର ପଦ୍ଧତିର ଆଶ୍ରୟ ନିଆଯାଇଥିଲା । ଏଥିରେ ସୁନ୍ଦରଗଡ଼ର ଗୋଲ କିପର ଆକାଶ ଓରାମ ଅତି ଚମତ୍କାର ଭାବେ ତିନୋଟି ପେନାଲ୍ଟି କିକକୁ ଗୋଲ ହେବାରୁ ରକ୍ଷା କରି ସୁନ୍ଦରଗଡ଼ ଦଳକୁ ୩-୧ ଟାଇ ବ୍ରେକର ଗୋଲରେ ଜିତାଇବାରେ ମୁଖ୍ୟ ପୁରୋଧା ସାଜିଥିଲେ । ଏଥିସହ କେନ୍ଦୁଝର ଜୋନରୁ ସୁନ୍ଦରଗଡ଼ ଜିଲ୍ଲା ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆଜି ଖେଳ ଆରମ୍ଭ ହେବା ପୂର୍ବରୁ ମୁଖ୍ୟ ଅତିଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ନୀତିନ କୁଶଲକରଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆ ଯାଇଥିଲା । ଏହି ଟୁର୍ନାମେଣ୍ଟର ସଂଯୋଜକ ଗଣେଶ୍ୱର ମହାନ୍ତ, ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ ସୁରେଶ ରଣା, ରାଜକୁମାର ମିଶ୍ର, , ସନାତନ ବେହେରା, ସନ୍ଦୀପ ବେହେରା,ଗିରୀଶ ଚନ୍ଦ୍ର ହୋତା,ବୀରେନ୍ଦ୍ର ମହାନ୍ତ, ଦିଲ୍ଲୀପ କୁମାର ପଣ୍ଡା ଏବଂ ମାର୍କଣ୍ଡ ସାମଲ ପ୍ରମୁଖ ମଂଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଉତ୍କଳମଣି ବେହେରା ଓ ଶୁଭମ ପାତ୍ର ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଚାଟାର ।

# ରେଡ଼ିଓ ଭାବଗ୍ରାହୀରେ ଜାତୀୟ ପ୍ରସାରଣ ଦିବସ ପାଳିତ

କେନ୍ଦ୍ରାପଡ଼ା, ୨୩ ଜୁଲାଇ(ହି.ସ.) – ବହୁଜନ ହୀତାୟ ବହୁଜନ ସୁଖାୟ ନୀତିକୁ ସଠିକ ଭାବରେ ପାଳନ କରି ଆଜିବି ଆକାଶବାଣୀ କେବଳ ଭାରତ ବର୍ଷ କାହିଁକି ସମଗ୍ର ବିଶ୍ୱରେ ଜନପ୍ରିୟତାର ଶୀର୍ଷରେ ରହିଛି। ୧୯୨୭ ମସିହା ଜୁଲାଇ ୨୩ ତାରିଖରେ ଇଣ୍ଡିଆନବ୍ରଡ୍ କାଷ୍ଟିଙ୍ଗ୍ କମ୍ପାନୀ ଆମ ଭାରତରେ ପ୍ରଥମ ପ୍ରସାରଣ ଆରମ୍ଭ କରିଥିଲା। ସେହି ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଆଜି ଜାତୀୟ ପ୍ରସାରଣ ଦିବସ ଆମ ଦେଶରେ ବିଭିନ୍ନ ପ୍ରସାରଣ ସଂସ୍ଥା ପକ୍ଷରୁ ପାଳନ କରାଯାଉଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଭାବଗ୍ରାହୀ ଆନୁକୂଲ୍ୟରେ ଭାବଗ୍ରାହୀ କଳା ନିକେତନର ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଜାତୀୟ ପ୍ରସାରଣ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୋରଡ ସ୍ଥିତବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ ମୁଖ୍ୟ ଅତିଥି, ପଣ୍ଡିତ ପଦ୍ମନାଭ ଦାଶ ମୁଖ୍ୟ ବକ୍ତା, ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା, ପ୍ରଫେସର ପ୍ରଶାନ୍ତ କୁମାର ସାମଲ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଙ୍ଗଠନର ସମ୍ପାଦକ ଚିତରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଜାତୀୟ ପ୍ରସାରଣ ଦିବସର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ। ଆରମ୍ଭରେ ଲୋକକବି ଭାବଗ୍ରାହୀ ପରିଡା, କବି ପତ୍ନୀ ସରୋଜିନୀ ପରିଡା, ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତି, ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତୀରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ନିରୁପମା ଜେନା ସ୍ୱାଗତ ସଙ୍ଗୀତ ସମେତ ଅକ୍ଷୟ ମହାନ୍ତିଙ୍କ କାଳଜୟୀ ଭଜନ ଗାଇଥିଲେ। ଗୀତିକାର ବିମଳ ପରିଡା ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେବା ଛଳରେ ରେଡ଼ିଓ ଭାବଗ୍ରାହୀର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଗଗନ ବିହାରୀ ଜେନା, କଣ୍ଠଶିଳ୍ପୀ ଅଜୟ ମହାନ୍ତି, କବି ବିଷ୍ଣୁପ୍ରିୟା ସାମଲ, ବିକ୍ରମ କେଶରୀ ସାମଲ, କବି ଅଶୋକ କୁମାର ସାହୁ, ଅଚ୍ୟୁତାନନ୍ଦ ପରିଡା, ଶିକ୍ଷକ ବିଜୟ ଚନ୍ଦ୍ର ଦାସ, ସ୍ୱର୍ଣ୍ଣକାନ୍ତ ପରିଡା, ନୀରୋଦ ପରିଡ଼ା, ସାଇ ନିତିନ୍ ମହାନ୍ତି, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା, ପ୍ରସାରଣ ସହାୟକ ଗୌରବ କୁମାର ଦାସ, ଭାଗବତ ବରାଳ, ଉତମ ସାହୁ, ତୋଫାନ ମଲିକ, ଅମର ବିଶ୍ୱାଳ, ଗୌରାଙ୍ଗ ଭୋଇ, ସର୍ବେଶ୍ୱର ପରିଡ଼ା, ନିର୍ମଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କବିତା ପାଠୋତ୍ସବ ସହିତ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟଜ୍ୟୋତି ପରିଡା ପୁରୀର ନୂଆ ଜିଲ୍ଲାପାଳ

ପୁରୀ , ୨୪/୦୭ (ନି.ପ୍ର) :ପୁରୀ ଜିଲ୍ଲାର ନୂଆ ଜିଲ୍ଲାପାଳ ଭାବେ ଦିବ୍ୟଜ୍ୟୋତି ପରିଡା ଯୋଗ ଦେବେ। ସେ ଗଞ୍ଜାମ ଜିଲ୍ଲାର କାର୍ଯ୍ୟରତ ଜିଲ୍ଲାପାଳ ଥିଲେ । ଜୁନ ୨୭ରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା । ଗୁଣ୍ଡିଚା ଦିନ ନନ୍ଦିଘୋଷ ରଥ ଘୁଞ୍ଚି ପାରିଲା ନାହିଁ । ୨୮ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ତିନି ରଥ ଲାଗିଥିଲା । ୨୯ ତାରିଖ ଭୋର ୪ଟା ୨୦ରେ ତିନିରଥ ସମ୍ମୁଖରେ ଦଳାଚକଟା ଯୋଗୁ ତିନି ଜଣ ମୃତ୍ୟୁବରଣ କରିଥିଲେ । ସେହିଦିନ ପୁରୀର ଜିଲ୍ଲାପାଳ ଥିବା ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସପି ବିନୀତ ଅଗ୍ରୱାଲଙ୍କ ବଦଳି ହୋଇଥିଲା । ୩୦ ତାରିଖ ଦିନ ନୂଆ ଜିଲ୍ଲାପାଳ ଭାବେ ଚଞ୍ଚଳ ରାଣା ଓ ଏସପି ଭାବେ ପିନାକ ମିଶ୍ର ଯୋଗ ଦେଇଥିଲେ । ୨୨ ଦିନ ପରେ ଚଞ୍ଚଳ ରାଣାଙ୍କ ବଦଳି ହୋଇ ତାଙ୍କ ସ୍ଥାନରେ ଦିବ୍ୟଜ୍ୟୋତି ପରିଡା ଯୋଗ ଦେବା ପାଇଁ ରାଜ୍ୟସରକାର ନୋଟିଫିକେସନ କରିଛନ୍ତି । ୩୦ ଦିନ ଭିତରେ ପୁରୀ ଜନତା ତିନୋଟି ଜିଲ୍ଲାପାଳଙ୍କୁ ଦେଖିଛନ୍ତି।

# ବିଶ୍ୱ ମୂଳନିବାସୀ ଦିବସ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି, ୨୪/୦୭ (ନି.ପ୍ର): ବିଶ୍ୱ ମୂଳନିବାସୀ ଦିବସ ଉତ୍ସବ ଅଗଷ୍ଟ ୦୯ ରେ ଧୁମଧାମରେ ପାଳନ କରିବା ସକାଶେ ଆଜି ମାଲକାନଗିରି ସଦର କୁମୁଟିଗୁଡା ସ୍ଥିତ ଆଦିବାସୀ କମ୍ୟୁନିଟି ଗୃହରେ ଜିଲ୍ଲା ମୂଳନିବାସୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଜରାଶବର ମାଢ଼ି ଏଥିରେ ଅଧକ୍ଷତା କରିଥିଲେ। ଦେଶ ସ୍ୱାଧୀନ ହୋଇ ୭୮ ବର୍ଷପରେ ମଧ ସ୍ଥାନୀୟ ମୂଳନିବାସୀମାନେ ସାମ୍ବିଧାନିକ ଅଧିକାର ଓ ଆତ୍ମ ସମ୍ମାନରୁ ବଂଚିତ। ତେଣୁକରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜମିଜମା ବିଷୟ, ଜୈବ ବିଭିଧତା ଓ ବିସ୍ଥାପନ ସକାଶେ ଥଇଥାନ ପ୍ରଭୃତି ବିଷୟ ସମ୍ବନ୍ଧରେ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ହାଟପଦା ଠାରୁ ବିଶାଳ ରାଲି ରେ ପାରମ୍ପରିକ ବେଶଭୁଷା ଓ ନାଚଗୀତରେ ବାହାରି ବ୍ଲକ ପଡିଆରେ ପହଂଚିବା ପରେ ସଭାକାର୍ଯ୍ୟ ଆରମ୍ଭ ହେବବୋଲି ସ୍ଥିର କରାଯାଇଛି। ଆଉମଧ ଜିଲ୍ଲା ମୂଳନିବାସୀ ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ଆଜି ସମ୍ପ୍ରସାରଣ କରାଯାଇଥିବା ସଭାପତି ଶ୍ରୀ ମାଢ଼ି ସୂଚନା ଦେଇଛନ୍ତି। ସର୍ବସମ୍ମତି କ୍ରମେ ଆଜି ସଭାରେ ଉପଦେଷ୍ଟା କମିଟିରେ ଶ୍ରୀନିବାସ ମୁଦୁଲି, ଉପ ସଭାପତି ଭାବେ ସର୍ବ କୁମାର ବିଶୋଇ, ସହ ସମ୍ପାଦକ ଇର୍ମା କୁରାମି, ସାଙ୍ଗଠନିକ ସମ୍ପାଦକ ରାଜେନ୍ଦ୍ର କୁଲଦୀପ ଓ ମିଡ଼ିଆ ସେଲର ସମ୍ପାଦକ ଭାବେ କେ. ଦେଶୀରାଜୁ ଆଚାରି କମିଟିରେ ସ୍ଥାନ ପାଇଛନ୍ତି। କ୍ରିୟାନୁଷ୍ଠାନ କମିଟିର ମାଲକାନଗିରି ବ୍ଲକ ସଭାପତି ଭାବେ ଭଗବାନ ସୀସା ଓ ସମ୍ପାଦକ କିଷାନ ଦୁରୁଆ, କୋରୁକୋଣ୍ଡା ବ୍ଲକର ସଭାପତି ଭାବେ ସୋମନାଥ ବାର୍ସେ ଓ ସମ୍ପାଦକ ରାଜେନ୍ଦ୍ର ପଲାସି, ଖଇରପୁଟ ବ୍ଲକର ସଭାପତି ଭାବେ ଜିତେନ୍ଦ୍ର ଖିଲ ଓ ସମ୍ପାଦକ ବିନୋଦ ମୁଦୁଲି ଏବଂ ମାଲକାନଗିରି ପୌର ପରିଷଦର ସଭାପତି ଭାବେ ଜାମକୁ ବାଘ ଓ ସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ପାଣିଗ୍ରାହୀ ଚୟନ ହୋଇଛନ୍ତି। ସେହିପରି ଜିଲ୍ଲା ଯୁବ ମୂଳନିବାସୀ ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଭାବେ ସଞ୍ଜୟ କୁମାର ମାଡକାମୀ ଓ ମୁକା ମାଢ଼ିଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ଆଜିର ଏ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କ୍ରିୟାନୁଷ୍ଠାନ କମିଟିର ସଭାପତି ଜାରାଶବର ମାଢ଼ି, ସାଧାରଣ ସମ୍ପାଦକ ହରିବନ୍ଧୁ ଗଲୋରୀ, ମୁଖ୍ୟ ଉପଦେଷ୍ଟା ପ୍ରଭାକର ହନ୍ତାଳ, ଉପ ସଭାପତି ଇର୍ମା ପଡ଼ିଆମୀ, ଘେନୁ ମୁଦୁଲି ଓ ମୁକ୍ତା ହନ୍ତାଳ, ଜିଲ୍ଲା ସଂଯୋଜକ ଡମ୍ବରୁ ବାଘ, କୋଷାଧକ୍ଷ କଂଟେଶ୍ୱର ପୋଟଲା, ଯୁଗ୍ମ ସମ୍ପାଦକ କୁମାର ଜାଲିଆ ସାଂଗଠନିକ ସମ୍ପାଦକ ସନାତନ କବାସୀ ଓ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ୍ୟା ପୁଷ୍ପା କବାସୀ, ସୋମେସ ବାଘ ପ୍ରମୁଖ ଉପସ୍ଥିତ ଥିଲେ। ହରିବନ୍ଧୁ ଗଲୋରୀ ସଭା ପରିଚାଳନା କରିଥିଲେ।

# ଶକ୍ତି କ୍ଲବ ଶିକ୍ଷକଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା

କେନ୍ଦୁଝର, ୨୪/୦୭ (ନି.ପ୍ର): ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟର ସଭା ଗୃହରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର ଏବଂ ସେଂଟର ଫର ଏନଭାଇରନମେଣ୍ଟାଲ ଷ୍ଟଡ଼ିଜ, ଭୁବନେଶ୍ୱରର ମିଳିତ ଉଦ୍ୟମରେ ଜିଲ୍ଲାର ଆନନ୍ଦପୁର, ଘଷିପୁରା, ହାଟଡିହି, ଘଟଗାଁ, ହରିଚନ୍ଦନପୁର, ବାଂଶପାଳ ବ୍ଲକର ପ୍ରାୟ ୨୫୦ ଜଣ ଶକ୍ତି କ୍ଲବର ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ଅଭିବୃଦ୍ଧି କର୍ମଶାଳା ବୁଧବାରରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ସେଂଟର ଅଫ୍ ଏନଭାଇରନମେଂଟାଲ ଷ୍ଟଡ଼ିଜ, ଭୁବନେଶ୍ୱରର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତି ସଂରକ୍ଷଣର ଆବଶ୍ୟକତା, ଉପକାରିତା ଏବଂ ଭବିଷ୍ୟତରେ ଶକ୍ତି ସଙ୍କଟକୁ କିପରି ଦୂର କରି ହେବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଶକ୍ତି ସଂଚୟ ପାଇଁ ସମସ୍ତେ ସଚେତନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ପାଇଁ ଶକ୍ତି କ୍ଲବର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ ।ଜିଲ୍ଲା ବିଜ୍ଞାନ ଶିକ୍ଷା ପରିଦର୍ଶକ ପରମେଶ୍ୱର ମହାନ୍ତ ୨୦୨୧ ରୁ ଜିଲ୍ଲାରେ ଆରମ୍ଭ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଶକ୍ତି କ୍ଲବର କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ଦେଇଥିଲେ। ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତି ସମ୍ବଳର ଧାରଣୀୟ ବିକାଶ ଓ ସଂରକ୍ଷଣ ପାଇଁ ପଦକ୍ଷେପ ନେବା ପାଇଁ ଆହ୍ୱାନ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରାଙ୍କ ସଂଯୋଜନାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। କର୍ମଶାଳାର ପ୍ରଥମ ପର୍ଯ୍ୟାୟରେ ଶକ୍ତି କ୍ଲବ କାର୍ଯ୍ୟକ୍ରମର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ପୁଙ୍ଖାନୁପୁଙ୍ଖ ଭାବେ ଶକ୍ତି କ୍ଲବର ଗଠନ ପ୍ରଣାଳୀ,ବାର୍ଷିକ କାର୍ଯ୍ୟାବଳୀ, ୟୁ.ସି. ରିପୋର୍ଟ ପ୍ରଦାନ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ ।କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ଏନ୍.ଏସ୍. ପୋଲିସ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିବେକାନନ୍ଦ ରାଉତ,ବାଉଁଶୁଳି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଆଦିତ୍ୟ ମହାପାତ୍ର,ଧବଳେଶ୍ୱର ହାଇସ୍କୁଲ,ଦେଓଝରର ବିଜ୍ଞାନ ଶିକ୍ଷକ ସୌମ୍ୟ ପ୍ରକାଶ ସାହୁ ରିସୋର୍ସ ପର୍ସନ ଭାବେ ଶକ୍ତି କ୍ଲବର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଫକୀର ମୋହନ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିନ୍ନକ୍ଷମ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ଉଦ୍‌ଘାଟନ

ଭଦ୍ରକ, ୨୪/୦୭ (ନି.ପ୍ର): ଭଦ୍ରକ ସହର ଉପକଣ୍ଠ ଗେଲପୁର ସ୍ଥିତ ସାଇ ସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଜିଲ୍ଲାର ପ୍ରଥମ ଥର ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଅତ୍ୟାଧୁନିକ ସ୍ମାର୍ଟ କ୍ଲାସ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ସ୍ମାର୍ଟ କ୍ଲାସକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାଶ ଚନ୍ଦ୍ର ନାୟକ ଏବଂ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଡାକ୍ତର ରେବନ୍ତ କୁମାର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ମାନସିକ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କର ମାନସିକ ସ୍ତରରେ କିପରି ଉନ୍ନତ ହୋଇପାରିବ ସେଥିପାଇଁ ଉକ୍ତ ସ୍ମାର୍ଟ କ୍ଲାସ ମାଧ୍ୟମରେ ଜାଣିପାରିବ। ଏଥିପାଇଁ ସେମାନଙ୍କ ମନର ବିକାଶ ମଧ୍ୟ ଘଟିବ। ସେମାନଙ୍କ ପାଇଁ ସମାଜରେ ଠିକ୍ ରୂପେ ବ୍ୟବହାର କରିପାରିବେ।

# ୭୯ତମ ସ୍ୱାଧୀନତା ଦିବସ -୨୦୨୫ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା, ୨୪/୦୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱ ରେ ୭୯ତମ ସ୍ୱାଧୀନତା ଦିବସ -୨୦୨୫ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ଓ ରିଜର୍ଭ ଇନିସପେକ୍ଟର ଆଲୋକ କୁମାର କାନୁନଗୋ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସଭାରେ ଯୋଗ ଦେଇଥିବା ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରି ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ବନ୍ଧ ରେ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲପାଳ ଶ୍ରୀ ମଲ୍ଲିକ ଚଳିତ ବର୍ଷ ୭୯ତମ ସ୍ୱାଧୀନତା ଦିବସକୁ ଜିଲ୍ଲା ସ୍ତରରେ କିପରି ସୁନ୍ଦର ତଥା ଆକର୍ଷଣୀୟ ଭାବେ ବ୍ୟବସ୍ଥିତ ଢଙ୍ଗରେ ପାଳନ କରାଯିବ ସେ ବିଷୟରେ ପ୍ରତ୍ୟେକଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତଦନୁସାରେ ଏହି ଜାତୀୟ ଦିବସ ପାଳନ ଅବସରରେ ଆବଶ୍ୟକୀୟ କାର୍ଯ୍ୟ, ଯଥା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ ତଥା ଏଥି ପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ପ୍ରସ୍ତୁତି, ପ୍ୟାରେଡ ପଡିଆ ସୁସଜ୍ଜିକରଣ, ଅଭିବାଦନ ମଂଚ ପ୍ରସ୍ତୁତି, ଅଭିବାଦନ ମଂଚର ଉଭୟ ପାର୍ଶ୍ୱ ରେ ନିମନ୍ତ୍ରିତ ଅତିଥି ମାନଙ୍କ ବସିବା ପାଇଁ ଉତମ ବ୍ୟବସ୍ଥା, ସହରାଂଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା , ପ୍ୟାରେଡ ପଡିଆ ଠାରେ ପାନୀୟ ଜଳ ଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପ୍ୟାରେଡ ପରିଚାଳନା, ଅପାତକାଳୀନ ସ୍ୱାସ୍ଥ୍ୟ ସେବା, ରାମ ଧୁନ ପରିବେଷଣ, ଅତିଥି ମାନଙ୍କୁ ନିମନ୍ତ୍ରଣ ଓ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ରୋଗୀ, ଗୋପବନ୍ଧୁ ବାଳାଶ୍ରମ ର ଅନ୍ତେବାସୀ ଓ ଭିନ୍ନକ୍ଷମ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କୁ ଫଳ ବିସ୍କୁଟ ବଂଟନ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବା ନେଇ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ଓ ଜିଲ୍ଲା ସ୍ତରୀୟ ଏହି ଜାତୀୟ ଦିବସ କୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ଅନୁଷ୍ଠିତ ଉକ୍ତ ବୈଠକ ରେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ, ଶିକ୍ଷକ୍ଷନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବରିଷ୍ଠ ନାଗରିକ, ଆଇନଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତା ଓ ଗଣମାଧମ ର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ରଖିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୟୁରଭଞ୍ଜ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ର, ଶ୍ରମିକ ଓ ଉଦ୍ୟୋଗ ହିତ ପାଇଁ ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ

ପୁରୀ, ୨୪/୦୭ (ନି.ପ୍ର): ରାଷ୍ଟ୍ର ,ଶ୍ରମିକ ଓ ଉଦ୍ୟୋଗ ହିତ ପାଇଁ ଭାରତୀୟ ମଜଦୁର ସଙ୍ଘ ୧୯୫୫ ମସିହାରେ ଗଠିତ ହୋଇଥିଲା । ମହାନ ରାଷ୍ଟ୍ର ନାୟକ ପରମପୂଜ୍ୟ ଦତ ପନ୍ତ ଥେଙ୍ଗେଡି ମଧ୍ୟପ୍ରଦେଶ ଭୋପାଳ ଠାରେ ୩୦ ଜଣ ଶ୍ରମିକଙ୍କୁ ନେଇ ଆରମ୍ଭ କରିଥିଲେ । ଏହି ସଂଘର ୭୦ତମ ପ୍ରତିଷ୍ଠା ଦିବସ ପୁରୀ ଜିଲ୍ଲା କାର୍ଯ୍ୟାଳୟ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଭାପତି ରାଜକୁମାର ମିଶ୍ର ସଭାପତିତ୍ୱ କରିଥିଲେ । ବିଭିନ୍ନ ଟ୍ରେଡ୍ ୟୁନିୟନ ଶ୍ରମିକ ,ବିଦ୍ୟୁତ ଶ୍ରମିକ, ରେଲୱେ ଶ୍ରମିକ, ଆଶାକର୍ମୀ,ଉଜ୍ଜ୍ୱଳା ଓ ଅଙ୍ଗନବାଡି କର୍ମୀ ମାନେ ଯୋଗ ଦେଇଥିଲେ । ଶ୍ରମିକ ମାନଙ୍କ ଅଧିକାର, ସମ୍ମାନ ଓ ସୁବିଧା , ଶିକ୍ଷିତ, ସଚେତନ ପାଇଁ ସଂଘ କାର୍ଯ୍ୟ କରୁଛି ବୋଲି ସଭାପତି ଶ୍ରୀ ମିଶ୍ର କହିଥିଲେ ।

# ଦିବଙ୍ଗତା ଛାତ୍ରୀ ସୌମ୍ୟାଶ୍ରୀ ପାଇଁ ଜଳେଶ୍ୱର କଂଗ୍ରେସ ତରଫରୁ ନିରବ ପ୍ରାର୍ଥନା ଓ ଶ୍ରଦ୍ଧାଞ୍ଜଳି ସଭା



ଜଳେଶ୍ୱର, ୨୪/୭ (ନି.ପ୍ର): ଆଜି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ ଅନୁସାରେ ବାଲେଶ୍ୱର ମାଟିର ଝିଅ ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିର ଅମର ଆତ୍ମାର ସଦଗତି କାମନା କରିବା ସହିତ ଓଡ଼ିଶାରେ ନାରୀ ନ୍ୟାୟ ପାଇଁ ଜଳେଶ୍ୱର କଂଗ୍ରେସ ତରଫରୁ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ସାମ୍ନାରେ ନୀରବ ପ୍ରାର୍ଥନା କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରା ଯାଇଥିଲା। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଜଳେଶ୍ୱରର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ଯୁବ ନେତା ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ସରୋଜ ଦାସ, ଅଙ୍କିତ ପରିଡା, ଫରିଦ ଅହମଦ, ମନୋଜ ପରିଡା ଓ ସପନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟରେ ରାୟ ପ୍ରକାଶ: ବାଲାଜୀ ମଠ ଉପରେ ନିର୍ମାଣାଧୀନ କୋଠାରେ ଝୁଲିବ ତାଲା



ନୀଳଗିରି, ୨୪/୭ (ନି.ପ୍ର): ନୀଳଗିରି ଗୁଣ୍ଡିଚାମନ୍ଦିର ପାର୍ଶ୍ୱରେ ବାଲାଜୀ ହନୁମାନଙ୍କ ମନ୍ଦିରପାର୍ଶ୍ୱରେ ବିଭାଗର ବିନାଅନୁମତିରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତଞ୍ଚକତା କରି ପୁରୁଣାମନ୍ଦିର ଭାଙ୍ଗି ନୂତନମନ୍ଦିର ନିର୍ମାଣ ବାହାନାରେ ଦୁଇମହଲା କୋଠା ନିର୍ମାଣକରି ବ୍ୟବସାୟିକ ଫାଇଦା ନେଉଥିଲେ । ଏନେଇ ଜଗବନ୍ଧୁ ମୁନି ନାମକ ଜୈନିକ ବ୍ୟକ୍ତି ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଶେଷରେ ଜୁଲାଇ ୧୪ତାରିଖ ଏହି ଘଟଣାର ରାୟପ୍ରକାଶ ପାଇଛି ।ଏହି ବେଆଇନ କୋଠାରେ ଥିବା ଦୋକାନ ବନ୍ଦକରି ତାଲା ଝୁଲାଇବା ସହ ଆବଶ୍ୟକ ସ୍ଥଳେ ପୁଲିସ ଫୋର୍ସ ଧରି କାର୍ଯ୍ୟାନୁଷ୍ଠାନ ନେବାକୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆସିଛି। ସୂଚନା ଅନୁଯାୟୀ ରାଜ୍ୟ ଦେବୋତ୍ତର ବିଭାଗ ଅଧୀନରେ ନୀଳଗିରିରେ ଥିବା ବାଲାଜୀ ମଠ ବା ହନୁମାନ ମଠରେ ୨୦୦୪/୦୫ ମହିହାଠାରୁ ଟ୍ରଷ୍ଟବୋର୍ଡ଼ ପୁନଃ କାର୍ଯ୍ୟକ୍ଷମ ହୋଇନଥିଲା। କିନ୍ତୁ ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ହେମନ୍ତ ସାହୁ ଏହି ଟ୍ରଷ୍ଟବୋର୍ଡ଼ର ନୀତି ନିୟମକୁ ଅବମାନନା କରି ବହୁ ତଞ୍ଚକତା କରିଥିବା ନେଇ ପୂର୍ବରୁ ବିଭାଗପକ୍ଷରୁ ତଦନ୍ତ କରିଥିଲା। ବିଭାଗୀୟ ପତ୍ର ସଂଖ୍ୟା ୧୧୭୧ରେ ଉଲ୍ଲେଖ କରାଯାଇଥିଲା ଯେ, ଦେବୋତ୍ତର ବିଭାଗର ବିନା ଅନୁମତିରେ ପ୍ଲଟ ନଂ ୯୫, ଖାତା ନଂ ୧୨୯/୧ ସାନଅତା ମୌଜାରେ ଥିବା ଠାକୁର ସମ୍ପତ୍ତିକୁ ଭଙ୍ଗାଯାଇ ସେଠାରେ ଦୁଇ ମହଲା କୋଠନିର୍ମାଣ କରାଯାଇଛି। ପୁରୁଣା ମନ୍ଦିରକୁ ଭାଙ୍ଗି ନୂତନମନ୍ଦିର କରାଯିବା ସହ ସେଠାକୁ ଠାକୁରଙ୍କୁ ସ୍ଥାନାନ୍ତର କରାଯାଇଛି। ଏପରିକି ବ୍ୟାବସାୟିକ ମନୋବୃତ୍ତିରେ ଦୁଇ ମହଲା କୋଠା କରାଯାଇ ଲୋକଙ୍କ ଠାରୁ ବେଆଇନଭାବେ ମୋଟା ଅଙ୍କର ଅର୍ଥ ସଂଗ୍ରହ କରାଯାଇଛି। ଯାହା ଦେବୋତ୍ତର ବିଭାଗର ଅଗୋଚରରେ ହୋଇଛି। ଗୃହ ନିର୍ମାଣରେ ଅନୁମୋଦନ ପତ୍ର, ପ୍ଲାନ ଏଷ୍ଟିମେଣ୍ଟ, ଏମବି ବ?ହି, ଗୃହ ନିର୍ମାଣରେ ଟ୍ରଷ୍ଟବୋର୍ଡ଼ ପଞ୍ଜିକରଣ କାଗଜପତ୍ର ପ୍ରଭୃତି ଦାଖଲ କରାଯାଇନାହିଁ। ତରବରିଆ ଭାବେ ଏଠାରେ ଗୋଟିଏ ଔଷଧ ଦୋକାନ, ୨ଟି କୋଠରୀରେ ପଥର ବାସନ ଦୋକାନ, ଗୋଟିଏରେ ହାର୍ଡ଼ୱାର ଷ୍ଟୋର ଏବଂ ଉପରମହଲା ଓ ତଳମହଲାରେ କେତେ ଜଣ ମୁଷ୍ଟିମେୟ ଲୋକଙ୍କ ନାଁରେ ଚୁକ୍ତିଭିତ୍ତିକ କୋଠରୀ ଦାଖଲ କରାଯାଇଛି। ଯାହା ସମ୍ପୂର୍ଣ ବେଆଇନ ଓ ଏନେଇ ପୂର୍ବତନ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ସାହୁଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏପରିକି ଏହି ସମ୍ପତ୍ତିରେ ରହିଥିବା ଗୃହକୁ ଅଦରକାରୀ ତଥା ପରିତ୍ୟକ୍ତ ବୋଲି ଦର୍ଶାଇ ୨୦୨୨ ମସିହା ଫେବ୍ରୁୟାରୀ ୨୮ରେ ବାଲେଶ୍ୱର ପୂର୍ତ୍ତବିଭାଗର ପତ୍ରସଂଖ୍ୟା ୧୯୮୫ରେ ଖାତା ନଂ ୧୨୯ ବୋଲି ଉଲ୍ଲେଖ କରାଯାଇ ମଠଟି ବିପଦପୂର୍ଣ୍ଣ ଦର୍ଶାଇ ପୂର୍ବ ନିର୍ଦ୍ଦେଶରେ ଭାଙ୍ଗି ଦିଆଯାଇଥିଲା। ନୀଳଗିରି ପୂର୍ତ୍ତବିଭାଗର ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କ ସମୟରେ ମଠ ସମ୍ପତ୍ତିକୁ ବିପଦପୂର୍ଣ ଦର୍ଶାଯିବା ଓ ନୀଳଗିରି ଏନଏସିର ଜଣେ ପୂର୍ବତନ ଅଧିକାରୀଙ୍କ ସମୟରେ ଏନଏସିରେ କାଗଜପତ୍ରରେ ତଞ୍ଚକତା କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଦୁଇଅଧିକାରୀଙ୍କ ମଧ୍ୟରୁ ଜଣେ ଦି' ମହଲା କୋଠାର ଏକ ଅଂଶରେ ଲୁଗାଦୋକାନ କରିଛନ୍ତି। ସମସ୍ତ ଦସ୍ତାବିଜ ଏବଂ ବିଭାଗୀୟ ତଦନ୍ତ ରିପୋର୍ଟକୁ ଆଧାର କରି ଉଚ୍ଚ ନ୍ୟାୟାଳୟ ଡବ୍ଲ୍ୟୁପିସି ନଂ. ୨୮୪୯୧/୨୪ ମାମଲାର ବିଚାରକରି ରାୟ ପ୍ରକାଶ କରିଛନ୍ତି ।ଏନେଇ ଗୁରୁବାର ୨୪ତାରିଖ ଦେବୋତ୍ତର କମିଶନର ଏବଂ ସହକାରୀ କମିଶନର ଉକ୍ତ ଦୁଇମହଲା କୋଠା ନିକଟରେ ପହଞ୍ଚ ଅନୁଧ୍ୟାନ କରିବାସହ ନୀଳଗିରି ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ କାର୍ଯ୍ୟାନୁଷ୍ଠନ ନେବାକୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି ।ପୁଲିସ ପୋର୍ସ ଧରି ଉକ୍ତ ବେଆଇନ ଦୋକାନଗୁଡ଼ିକୁ ବନ୍ଦ କରାଯାଇ ତାଲା ଝୁଲାଇବାକୁ ବିଚାରପତି କେଆର ମହାପାତ୍ର ଓ ସାବିତ୍ରୀ ରଥ ନିର୍ଦ୍ଦେଶ ଦେଇଛନ୍ତି।

## ଯୁବକ ବେକରେ ଫାଶୀଦେଇ ଆତ୍ମହତ୍ୟା

ବେତନଟୀ, ୨୪/୭ (ନି.ପ୍ର): ବେତନଟୀ ବ୍ଲକ ଆଶ୍ରିଆ ପଞ୍ଚାୟତ ଅଧୀନ ଗବପାଳ ଗ୍ରାମର ଜନୈକ ଯୁବକ ବେକରେ ଫାଶୀଦେଇ ଆତ୍ମହତ୍ୟା କରିବା ଘଟଣାରେ ଗୁରୁବାର ମାମଲା ରୁଜୁକରି ଶବବ୍ୟବଚ୍ଛେଦ କରାଇଲା ବୈଶିଙ୍ଗା ପୁଲିସ । ମୃତକ ଜଣକ ହେଉଛନ୍ତି ଗବପାଳ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ପୁଅ ଲିଟୁ ଓରଫ ଇଶ୍ୱରଦତ୍ତ ମହାନ୍ତ(୪୦) । ସୂଚନା ମୁତାବକ ବୁଧବାର ରାତିରେ ଖାଇବାପାଇଁ ବାପା ପୂର୍ଣ୍ଣଚନ୍ଦ୍ର ଇଶ୍ୱରଦତ୍ତଙ୍କୁ ଡାକିବାକୁ ଯାଇଥିବା ବେଳେ ଘରଭିତରେ ତାଙ୍କୁ ବେକରେ ଫାଶୀଦେଇ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ମୃତଦେହ ଶୁକ୍ରବାର ସକାଳେ ବେତନଟୀ ଡାକ୍ତରଖାନା ଅଣାଯାଇଥିବା ବେଳେ ସେଠାରେ ତାଙ୍କୁ ମୃତ ଘୋଷଣା କରିବା ସହିତ ବୈଶିଙ୍ଗା ପୁଲିସକୁ ଖବର ଦିଆଯାଇଥିଲା ।

## ଭାଉଜଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ସମ୍ପର୍କୀୟ ଦିଅର ଗିରଫ



ବେତନଟୀ, ୨୪/୭ (ନି.ପ୍ର): ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଇଲାକାର ଜନୈକ ମହିଳାଙ୍କ ଅଶ୍ଳୀଳ ତଥା ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଅଭିଯୁକ୍ତ ସମ୍ପର୍କୀୟ ଦିଅରକୁ ଖୁଣ୍ଟା ଥାନା ଇଲାକାରୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କଲା ପୁଲିସ । ଗିରଫ ଅଭିଯୁକ୍ତ ଜଣକ ହେଉଛି ଖୁଣ୍ଟା ଥାନା ଅଧୀନ ହିଞ୍ଜଳଗଡିଆ ଗ୍ରାମର କେଶା ସୋରେନର ପୁଅ ଭୋଳାଶଙ୍କର ସୋରେନ । ଅଭିଯୁକ୍ତ ଭୋଳାଶଙ୍କର ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଇଲାକାର ସମ୍ପର୍କୀୟ ଭାଉଜଙ୍କ ମୋବାଇଲ ନମ୍ବର ହାତେଇ ବାର୍ତ୍ତାଳାପ କରିବା ସହିତ ସୋସିଆଲ ମିଡ଼ିଆରେ ବନ୍ଧୁତା ସ୍ଥାପନ କରି ନିକଟତର ହେବାକୁ ଚେଷ୍ଟା କରିଥିଲା । ସମ୍ପର୍କୀୟ ଭାଉଜଙ୍କ ଘରକୁ ଯିବା ଆସିବା କରିବା ସହିତ ସୋସିଆଲ ମିଡ଼ିଆରୁ କିଛି ଫଟୋ, ଭିଡିଓ ସଂଗ୍ରହ କରିନେଇଥିଲା । ଏହାପରେ ଉକ୍ତ ଫଟୋ ଓ ଭିଡିଓ ଏଡିଟକରି ଅଶ୍ଳୀଳ ଫଟୋ ଭିଡିଓ ପ୍ରସ୍ତୁତ କରିଥିଲା । ସେଗୁଡିକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିବାର ଧମକ ଦେଇ ମହିଳାଙ୍କୁ ଟଙ୍କା ମାଗିବା ସହିତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଆସୁଥିଲା । ଶେଷରେ ନିଜ ଉଦେଶ୍ୟରେ ଅଭିଯୁକ୍ତ ସଫଳ ହୋଇ ନପାରିବାରୁ ଅଶ୍ଳୀଳ ଫଟୋ ଭିଡିଓ ଗୁଡିକୁ ଭାଇରାଲ କରିଦେଇଥିଲା । ଏଥି ସହିତ ଫେକ ଆକାଉଣ୍ଟରେ ପୀଡ଼ିତାଙ୍କ ଭଉଣୀ ଏବଂ ମା'ଙ୍କ ମୋବାଇଲ ନମ୍ବର ଦେଇ ପୀଡ଼ିତାଙ୍କୁ ଜଣେ କଲଗାର୍ଲ ବୋଲି ଦର୍ଶାଇଥିଲା । ଭାଇରାଲ ପରେ ପୀଡ଼ିତାଙ୍କ ମା' ଓ ଭଉଣୀଙ୍କ ନିକଟକୁ ଏକାଧିକ ନମ୍ବରରୁ ଅଜଣା କଲ ଆସିବା ଆରମ୍ଭ ହୋଇଥିଲା । ଶେଷରେ ପୀଡିତା ବୈଶିଙ୍ଗା ଥାନାରେ ଏତଲା ଦାଏର କରିଥିଲେ । ବୈଶିଙ୍ଗା ପୁଲିସ ଆଇଟି ଆକ୍ଟ ସମେତ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫାରେ ୩୭୧ ନମ୍ବରରେ ମାମଲା ରୁଜୁକରି ଅଭିଯୁକ୍ତକୁ ଖୁଣ୍ଟା ଥାନା ଇଲାକାରୁ ଗିରଫକରି ସ୍ୱାସ୍ଥ୍ୟପରୀକ୍ଷା ପରେ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ଭୋଳାଶଙ୍କରକୁ ବାରିପଦାସ୍ଥିତ ବିଚରା ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ ।

## ଏସ୍. ଇ. ରେଳବାଇ - ଟେଣ୍ଡର

ସିନିୟର ଡିଭିଜନାଲ ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର (କୋ) / ଖଡ଼ଗପୁର- ୭୨୧୩୦୧, ଏସ୍. ଇ. ରେଳବାଇ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଏବଂ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି ଏବଂ ଏହା ୧୨.୦୦ ଘଣ୍ଟାରେ ଖୋଲାଯିବ। **କ୍ରମାଙ୍କ ସଂଖ୍ୟା; ଟେଣ୍ଡର ନୋଟିସ୍ ସଂଖ୍ୟା; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି: (୧) ST-OT-UTS-PRS-KGP-25-26, ତାରିଖ ୨୩.୦୭.୨୦୨୫;** ଖଡ଼ଗପୁର ଡିଭିଜନରେ ୟୁଟିଏସ୍/ପିଆରଏସ୍ କାଉଣ୍ଟରରେ ପୁରୁଣା ରାଉଟର ଏବଂ ସ୍ୱିଚ୍ ବଦଳାଇବା ଏବଂ ଓଏଫସି ମିଡିଆର ବ୍ୟବସ୍ଥା ପାଇଁ କାର୍ଯ୍ୟର ଏସ୍ ଆଣ୍ଡ ଟି ଅଂଶ; ୨,୧୮,୫୭,୧୬୯.୬୦; ୨,୫୯,୩୦୦। **(୨) ST-OT-VOICELOGGER-KGP, ତାରିଖ ୨୩.୦୭. ୨୦୨୫;** ଖଡ଼ଗପୁର ଡିଭିଜନରେ ଷ୍ଟେସନ ମାଷ୍ଟର ଏବଂ ଅଣ-ଇଣ୍ଟରଲକିଂ ଖଉ ଗେଟ ମଧ୍ୟରେ ଭଏସ୍ ଲଗିଂ ସୁବିଧା ସିଷ୍ଟମର କେନ୍ଦ୍ରୀୟ ରେକର୍ଡିଂ ବ୍ୟବସ୍ଥା; ୨,୨୪,୫୪, ୫୪୮.୮୩; ୨,୬୨,୩୦୦/-। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ଉଭୟ ପାଇଁ କୌଣସି ନାହିଁ। **ସମାପ୍ତି ଅବଧି:** ଉଭୟ ପାଇଁ ୦୯ ମାସ। **ଦାଖଲ ତାରିଖ:** ଉଭୟ ପାଇଁ ୧୮.୦୮.୨୦୨୫ ର ୧୨.୦୦ ଘଣ୍ଟା ପର୍ଯ୍ୟନ୍ତ। **ଖୋଲିବା ତାରିଖ:** ଉଭୟ ପାଇଁ ୧୮.୦୮.୨୦୨୫। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।

**(PR-435)**

## ଅବସରପ୍ରାପ୍ତ ଏୟାରଫୋର୍ସ କର୍ମଚାରୀଙ୍କ ମୃତ୍ୟୁ: ଅଞ୍ଚଳରେ ଶୋକର ଛାୟା



ନୀଳଗିରି: ନୀଳଗିରି ଅଞ୍ଚଳର ଅବସରପ୍ରାପ୍ତ ଏୟାରଫୋର୍ସ କର୍ମଚାରୀ ଭାସ୍କର ଚନ୍ଦ୍ର ପଟ୍ଟନାୟକ(୭୫) ଙ୍କ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି ।ଉକ୍ତ ଖବର ପ୍ରଚାରିତ ପରେ ପରିବାର ସମେତ ନୀଳଗିରି ଓ ବରହମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ବରମପୁର ଗ୍ରାମର ଭାସ୍କର ଚନ୍ଦ୍ର ପଟ୍ଟନାୟକ ୧୯୫୦ମସିହା ସେପଟ୍ଟେମ୍ବର ୧୩ତାରିଖରେ ଜନ୍ମଗ୍ରହଣ କରିଥିଲେ।ପରେ ଶିକ୍ଷାସମାପ୍ତ ପରେ ଏୟାର ଫୋର୍ସରେ ଚାକିରୀ କରିବା ସମୟରେ ନିଜକୁ ସମାଜସେବା କ୍ଷେତ୍ରରେ ସାମିଲ କରିଥିଲେ। ଅବସର ପରେ ନୀଳଗିରି ଅଞ୍ଚଳରେ ସମାଜସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି ।ହଠାତ ଗତ ୧୮ତାରିଖ ଦିନ ଅସୁସ୍ଥ ହେବାରୁ ପରିବାର ଲୋକେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଭୋର୪ଟା ସମୟରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସାଇବାଳିନ,ପୁତ୍ର ଆଶିଷ, ପୁତ୍ରବଧୂ ଅଭିଷିକା ନାତି ଆୟନଆରିୟନ, ଝିଅ ମୋନାଲିସା, ଜ୍ୱାଇଁ ନେତ୍ରାନନ୍ଦ, ଭାଇ ସୁଧାକରଚନ୍ଦ୍ର ପଟ୍ଟନାୟକ, ଦିବାକର ପଟନାୟକ,ଭଣଜା, ପୁତୁରା, ଝିଆରୀ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷ ଲକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ଆଶିଷ ମୁଖାଗ୍ନି ଦେଇଛନ୍ତି। ସେ ଜଣେ ପରୋପକାରୀ, ମିଷ୍ଟ ଭାଷି, ମେଳାପି, ଥିବାରୁ ଜନ୍ମ ମାଟି ବରହମପୁରରେ ଶୋକର ଛାୟା ଖେଳିଯାଇଛି।

## ରୋଟାରୀ କ୍ଲବ ଭଦ୍ରକର ୫୪ ତମ ଅଧିଷ୍ଠାନ ଉତ୍ସବ ଓ ସଦ୍‌ଭାବନା ସମ୍ମାନ ଉତ୍ସବ ଅନୁଷ୍ଠିତ

ଭଦ୍ରକ, ୨୪/୭ (ନି.ପ୍ର): ରୋଟାରୀ କ୍ଲବ ଭଦ୍ରକ ର ୫୪ ତମ ଅଧିଷ୍ଠାନ ଉତ୍ସବ ଓ ସଦଭାବନା ସମ୍ମାନ ଉତ୍ସବ ଜିଲ୍ଲାପରିଷଦ ସଭା ଗୃହରେ ମହା ଆଡ଼ମ୍ବରସହକାରେ ଅନୁଷ୍ଠିତ ହୋଇଯାଇଅଛି । ବିଦାୟୀ ସଭାପତି ରୋ. ସନ୍ତୋଷ କୁମାର ନାୟକଙ୍କ ସଭାପତିତ୍ୱ ଏବଂ ଉତ୍ସବର ଚେୟାରମେନ ରୋ. ପ୍ରଣବ କୁମାର ସାହୁଙ୍କ ପରିଚାଳନରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ କୁମାର ରାଉତରାୟ ଏବଂ ଅଧିଷ୍ଠାନ ଉତ୍ସବର ମୁଖ୍ୟ ଅତିଥି ପୂର୍ବ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋ.ଯଜ୍ଞାଶିଷ ମହାପାତ୍ର , ନବନିର୍ବାଚିତ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋ. ଇନ୍ଦ୍ରଜିତ ସାହୁ, ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋ.ପ୍ରଦୀପ୍ତ କୁମାର ପଣ୍ଡା, ଅବସପ୍ରାପ୍ତ ଏସ. ପି.ବିକାଶ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି ରୋଟାରୀ ସେବା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ନୂତନ ସଭାପତି ରୋ.ନାସିର ବକ୍ସ ଓ ସମ୍ପାଦକ ବାଦଲ କିଶୋର ମହାପାତ୍ରଙ୍କୁ ପୂର୍ବ ବର୍ଷ ସଭାପତି ସନ୍ତୋଷ ନାୟକ ଓ ସହ ସମ୍ପାଦକ ରୋ ବସନ୍ତ କୁମାର ସାମଲ ଆନୁଷ୍ଠାନିକ ଭାବେ ରୋଟାରୀ କଲାର, ହାତୁଡ଼ି ଓ ଚାର୍ଟର ସାର୍ଟିଫିକେଟ ପ୍ରଦାନ କରିଥିଲେ। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ପଦ ଗୋପନୀୟତାର ଶପଥ ପାଠ କରାଇ ଥିଲେ ।ନୂତନ ଭାବେ ୪ ଜଣ ସଭ୍ୟଙ୍କୁ ମଧ୍ୟ ଶପଥ ପାଠ କରାଯାଇଥିଲା। ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ପ୍ରଥମ ହୋଇଥିବା ଶିବ ଦୂର୍ଗା ହାଇସ୍କୁଲ ଚାନ୍ଦବାଲି ର ଛାତ୍ରୀ ସ୍ୱୟଂପ୍ରଭା ନାୟକ ଓ ସରସ୍ୱତୀ ବିଦ୍ୟାମନ୍ଦିର ଭଦ୍ରକର ଛାତ୍ର ସାସ୍ୱତ ବେହେରା ଙ୍କ ସହିତ ଭଦ୍ରକ ମ୍ୟୁନିସିପାଲଟି ଅନ୍ତର୍ଗତ ଦୁଇଜଣ ମେଧାବୀ ଗରିବ ଛାତ୍ର ଛାତ୍ରୀଙ୍କୁ ରୋଟାରୀ ଆୱାର୍ଡ଼ ଓ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲ୍ଲାର ମୁଖ୍ୟ ସହର ଭଦ୍ରକ ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଭାଇଚାରା ଓ ସଦଭାବନା ରକ୍ଷା ପାଇଁ ଅବଦାନ ଥିବା ବ୍ୟକ୍ତି ବିଶେଷ ଡ଼କ୍ଟର ବିଶ୍ୱଜିତ, ଏସ. ଏମ ଫାରୁକ, ଶେଖ ଜଲାଲୁଦ୍ଦିନ, (ବନ୍ତ), ସୁଧାକର ରାଉତ, ବିଦ୍ୟାଧର ସାହୁ, ଇ. ଅନୱାର ସାହେବ ( ସଭାପତି ଦୁଃଖୀ ସମାଜ )ଅଖିଳ ଚନ୍ଦ୍ର ପାଢ଼ୀ, ଅଶୋକ କୁମାର ଦାସ, ପବନ କୁମାର ଶର୍ମା, ହରି ପ୍ରଶାଦ ନନ୍ଦୀ, ଜମିଲ ଅକତାର ଖାନ, ମୋକିତ ଖାନ, କବି ମୁସ୍ତାକ ଗହୋର,ଅନୱାର ହୋସେନ, ଅଖିଳ ଭାରତୀୟ ଦୁଃଖୀସମାଜ, ସରକାର ନଗର ଏବଂ ହାପିକ୍ଲବ, କେନ୍ଦୁଆପଦା, ଙ୍କୁ ରୋଟାରୀ ସଦଭାବନା ସମ୍ମାନ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ସଭାରେ ବାଲେଶ୍ୱର, ଯାଜପୁର, ଭୁବନେଶ୍ୱର,ବ୍ରହ୍ମପୁର ଓ ଆନନ୍ଦପୁର ସମେତ ବହୁ ରୋଟାରୀ କ୍ଲବରୁ ଶତାଧିକ ରୋଟାରୀଆନ ଯୋଗଦେଇଥିଲେ ।ରୋ ବସନ୍ତ କୁମାର ପାଣିଗ୍ରାହୀ,ରୋ ଅମ୍ବିକା ବଲ୍ଲଭ ସ୍ୱାଇଁ,ରୋ ଉମାକାନ୍ତ ଜେନା,ରୋ ଶୈଳେନ୍ଦ୍ର ନାରାୟଣ ପାଢ଼ୀ,ରୋ ଅଜିତ ଦାସ,ରୋ ବୈରାଗୀ ଧଳ,ରୋ ଭାସ୍କର ଚନ୍ଦ୍ର ପାଢ଼ୀ,ରୋ ଶଶି ଶେଖର କରଶର୍ମା ,ରୋ ବି ଏନ ଦାସ,ରୋ ଗୟାଧର ପଣ୍ଡା, ରୋ ଶାନ୍ତି ସ୍ୱରୂପ ମିଶ୍ର,ରୋ ଅଜିତ ମହାପାତ୍ର,ରୋ ପ୍ରମୋଦ କୁମାର ଜେନା ଓ ସାଇଶ୍ମିତା ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ରୋ ତପସ୍ୱିନୀ ଦାସ ଆୱାର୍ଡ଼ କମିଟି କୁ ଚାରିଜଣ ଶ୍ରେଷ୍ଠ ଛାତ୍ର ଙ୍କ ପାଇଁ ୩୦ ହଜାର ଟଙ୍କା ସ୍ଥାୟୀ ଜମା ପାଇଁ ପ୍ରଦାନ କରିଥିଲେ ।ଶେଷରେ ସର୍ଜଣ୍ଟ ଆଟ ଆର୍ମ ରୋ.ପୂର୍ଣ୍ଣ ଚନ୍ଦ୍ର ସାହୁ ଉପସ୍ଥାନ ଘୋଷଣା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମିଶିଯିବେ ବିଜେଡି-କଂଗ୍ରେସ...

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆମେ ଗୋଟିଏ ବର୍ଷର ହିସାବ ଦେବୁ । ସେମାନେ ଲମ୍ବା ସମୟ ଧରି କଣ କରିଛନ୍ତି ଆମେ ବର୍ଷକରେ କଣ କରିଛୁ ତାହା ଜଣାପଡ଼ିବ ବୋଲି କହିଛନ୍ତି ସୁରେଶ । ଗତକାଲି ରାଜ୍ୟରେ ବିଜେପି ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ପିସିସି ସଭାପତି ଭକ୍ତ ଦାସ ଆହ୍ୱାନ ଦେଇଥିଲେ । ନାରୀ ନ୍ୟାୟ ପାଇଁ ଯଦି ବିଜେଡି ଆନ୍ତରିକତାର ସହ ଲଢୁଛି ତାହେଲେ ବିଧାନସଭାରେ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣୁ ଓ ଏହାକୁ ଆମେ ସମର୍ଥନ ଦେବୁ ବୋଲି କହିଥିଲେ ଭକ୍ତ । ତା' ସହ ସେ ଅହୁରି କହିଥିଲେ ନାରୀ ନ୍ୟାୟ ପାଇଁ ଯଦି ବିଜେଡି ଆନ୍ତରିକତାର ସହ ଲଢୁଛି ତାହେଲେ ବିଧାନସଭାରେ ସରକାର ବିରୋଧରେ ଆଣୁ ଅନାସ୍ଥା ପ୍ରସ୍ତାବ, ଆଉ ଏହାକୁ ଆମେ ସମର୍ଥନ ଦେବୁ ବୋଲି କହିଛନ୍ତି ଭକ୍ତ। ନଚେତ ଆମେ ଆଣିବୁ ଅନାସ୍ଥା ପ୍ରସ୍ତାବ, ବିଜେଡି ସମର୍ଥନ ଦେଉ ବୋଲି ଭକ୍ତ ସିଧା କହିବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ସପେଟେ ଭକ୍ତଙ୍କ ଏହି ପ୍ରସ୍ତାବକୁ ନେଇ ପ୍ରତିକ୍ରିୟା ରଖିଥିଲା ବିଜେଡି । ଭକ୍ତଙ୍କ ଅନାସ୍ଥା ପ୍ରସ୍ତାବରେ ବିଜେଡି ଉପ ସଭାପତି ଦେବୀ ପ୍ରସାଦ ମିଶ୍ର ଜବାବ ଦେଇ କହିଛନ୍ତି, ଏ ପର୍ଯ୍ୟନ୍ତ ବିଧାନସଭାର କୌଣସି ନୋଟିଫିକେସନ ହୋଇନାହିଁ। ବିଜେଡି ମହିଳାମାନଙ୍କ ପାଇଁ ସର୍ବଦା ଲଢେଇ କରିଆସିଛି । ନାରୀ ନିର୍ଯାତନାକୁ ନିନ୍ଦା କରିଛି । ଆନ୍ଦୋଳନକୁ ଓହ୍ଲାଇଛି । ବିଜେଡି ରାଜ୍ୟର ବୃହତ୍ତମ ଦଳ ଭାବରେ, ନବୀନ ବାବୁଙ୍କ ନେତୃତ୍ୱରେ ମହିଳାଙ୍କ ହକ ପାଇଁ ଲଢେଇ କରିଛି । ବିଧାନସଭାର ଯେତେବେଳେ ନୋଟିଫିକେସନ ହେବ, ସେତେବେଳେ ବିଧାୟକ ଦଳ ବୈଠକ ପରେ ହିଁ ଅନାସ୍ଥା ପ୍ରସଙ୍ଗରେ ନିଷ୍ପତ୍ତି ହେବ ।

### ସୀମା ବିବାଦରୁ ଥାଇଲାଣ୍ଡ...

ନେଇ ଅଭିଯୋଗ କରିଛନ୍ତି । ଥାଇ ସେନା ସୂଚନା ଅନୁଯାୟୀ, ସକାଳ ପ୍ରାୟ ୭.୩୫ ରେ ସଂଘର୍ଷ ଆରମ୍ଭ ହୋଇଥିଲା । କାମ୍ବୋଡିଆନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଥାଇ ସେନା କାମ୍ବୋଡିଆ ଆଞ୍ଚଳିକ ଅଖଣ୍ଡତା ଉଲ୍ଲଂଘନ କରିଛି, କାରଣ ସେମାନେ ଦେଶର ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ନିୟୋଜିତ ହୋଇଥିବା କାମ୍ବୋଡିଆନ ସେନା ଉପରେ ଏକ ସଶସ୍ତ୍ର ଆକ୍ରମଣ କରିଛନ୍ତି । ଥାଇଲାଣ୍ଡର କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ କହିଛନ୍ତି, ପରିସ୍ଥିତିକୁ ସତର୍କତାର ସହିତ ନିୟନ୍ତ୍ରଣ କରାଯିବା ଆବଶ୍ୟକ ଏବଂ ଆମେ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ କାର୍ଯ୍ୟ କରିବା ଉଚିତ୍ । କିନ୍ତୁ ଆମେ ଆମର ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ଆମର ସର୍ବୋତ୍ତମ ପ୍ରୟାସ କରିବୁ ।

### ଭାରତ- ବ୍ରିଟେନ ମୁକ୍ତ...

ଏହି ଚୁକ୍ତି ଭାରତୀୟ ଯୁବଗୋଷ୍ଠୀ, ଚାଷୀ, ମତ୍ସ୍ୟଜୀବୀ ଓ ଏମଏସ୍‌ଏମଇ କ୍ଷେତ୍ରକୁ ବିଶେଷ ରୂପରେ ଫାଇଦା ଦେବ।" ଭାରତର ସାଧାରଣ ଲୋକ ଓ ଉଦ୍ୟୋଗଗୁଡ଼ିକ ବ୍ରିଟେନ ନିର୍ମିତ ସାମଗ୍ରୀଗୁଡ଼ିକୁ ସହଜରେ ପାଇପାରିବେ। ବିଶେଷ କରି ମେଡିକାଲ ଡିଭାଇସ ଓ ଏରୋସ୍ପେଶ ଅଂଶବିଶେଷ ବେଶ ଶସ୍ତାରେ ମିଳିପାରିବ ବୋଲି ମୋଦି କହିଛନ୍ତି। ଷ୍ଟାର୍ମର ମଧ୍ୟ ଏଫଟିଏ ଉଭୟ ଭାରତ ଓ ବ୍ରିଟେନକୁ ବଡ଼ ଧରଣର ଫାଇଦା ଦେବ ବୋଲି କହିଛନ୍ତି। ସେ କହିଛନ୍ତି, "ଉଭୟ ଦେଶକୁ ଏହି ଡିଲ ବଡ଼ଧରଣର ଲାଭ ଦେବ। ପାରିଶ୍ରମିକ ବୃଦ୍ଧି କରିବ, ଜୀବନ ଶୈଳୀରେ ଉନ୍ନତି ଆଣିବ ଓ ଲୋକଙ୍କ ପକେଟରେ ଅଧିକ ଟଙ୍କା ଗଚ୍ଛିତ କରିବାରେ ଏହା ସହାୟକ ହେବ। ଏହା ଚାକିରି ପାଇଁ, ବ୍ୟବସାୟ ପାଇଁ, ଟାରିଫ ହ୍ରାସ ପାଇଁ, ବାଣିଜ୍ୟକୁ ଶସ୍ତା କରିବା ପାଇଁ ଗୋଟିଏ ଚୁକ୍ତି। ଲୋକମାନେ ସବୁ କିଛି ବେଶ ସହଜରେ ହାସଲ କରିପାରିବେ। ୟୁରୋପୀୟ ୟୁନିୟନରୁ ବାହାରିବା ପରେ ଏହା ବ୍ରିଟେନ ପାଇଁ ସବୁଠାରୁ ବଡ଼ ଓ ଅର୍ଥନୀତିକ ଦୃଷ୍ଟି କୋଣରୁ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି।"

### ପୁଣି ଆଇଏଏସ୍ ...

ଟ୍ରେନିଂରୁ ଫେରିଥିବା ୨୦୨୩ ବ୍ୟାଚର ୮ଜଣ ଆଇଏଏସ୍ ଅଫିସରଙ୍କୁ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି । ଆଇଏଏସ୍ ପ୍ରେକ୍ଷା ଅଗ୍ରୱାଲଙ୍କୁ ଧର୍ମଗଡ଼ ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ଆଇଏଏସ୍ ପ୍ରଣୀତା ଦାଶଙ୍କୁ ବାଲିଗୁଡ଼ା ଉପଜିଲ୍ଲାପାଳ, କସ୍ତୁରୀ ପଣ୍ଡାଙ୍କୁ ପଂଚପୀର-କରଞ୍ଜିଆ ଉପଜିଲ୍ଲାପାଳ, ଅଭିଷେକ ଦିଲୀପ ଦୁଧାଲଙ୍କୁ ଗୁଣୁପୁର ଉପଜିଲ୍ଲାପାଳ, ଆସ୍ମି ଏ ଏଲଙ୍କୁ ନବରଙ୍ଗପୁର ଉପଜିଲ୍ଲାପାଳ, ସି. ସରଭାନନଙ୍କୁ କୁଚିଣ୍ଡା ଉପଜିଲ୍ଲାପାଳ, ତେଜସ୍ୱିନୀ ବେହେରାଙ୍କୁ ସୁନ୍ଦରଗଡ଼ ଉପଜିଲ୍ଲାପାଳ, ଶିବ ମାଳବୀୟଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ, ଅବିନାଶ କୁମାରଙ୍କୁ ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି ।

### ପ୍ରବଳରୁ ଅତିପ୍ରବଳ...

ଝଟକା ପବନ ( ୩୦-୪୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, କଟକ, ଢେଙ୍କାନାଳ, କୋରାପୁଟ ଏବଂ ମାଲକାନଗିରି ଭଳି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ୨ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ଘଡ଼ଘଡ଼ି ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ଗୁଡ଼ିକ ହେଉଛି-: ପୁରୀ , ଦେବଗଡ଼, ଅନୁଗୁଳ, ସୁନ୍ଦରଗଡ଼, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା, ବରଗଡ଼, ସୋନପୁର, ନୂଆପଡ଼ା, ଗଞ୍ଜାମ, ଗଜପତି ଓ ରାୟଗଡ଼ା । ଏହିସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ୨ଟି ସ୍ଥାନରେ ଘଡ଼ଘଡ଼ି ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ପୂର୍ବାନୁମାନ କରାଯାଛି । ଜୁଲାଇ ୨୬ ତାରିଖ ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି । ମୟୂରଭଞ୍ଜ ଏବଂ କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ଗୋଟିଏ କିମ୍ବା ୨ଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ଏବଂ ଘଡ଼ଘଡ଼ି ଓ ବିଜୁଳି ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଭଳି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ଏହି ଦୁଇଟି ଜିଲ୍ଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳରୁ ଅତି ପ୍ରବଳ ବର୍ଷା, ଘଡ଼ଘଡ଼ି ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି ଜୁଲାଇ ୨୭ ତାରିଖ ପାଇଁ ମଧ୍ୟ କିଛି ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ହେଉଛି-: ସୁନ୍ଦରଗଡ଼ । ତେବେ ସୁନ୍ଦରଗଡ଼ର ଗୋଟିଏ କିମ୍ବା ୨ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ଘଡ଼ଘଡ଼ି ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି କୋରାପୁଟ, ନବରଙ୍ଗପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଓ ମାଲକାନଗିରି ଭଳି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ପ୍ରବଳ ବର୍ଷା, ଘଡ଼ଘଡ଼ି ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ଜୁଲାଇ ୨୮ ତାରିଖ ପାଇଁ କିଛି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରି ସତର୍କ କରିଛି ପାଣିପାଗ କେନ୍ଦ୍ର । ଏହି ଜିଲ୍ଲା ଗୁଡ଼ିକ ହେଉଛି-: ମାଲକାନଗିରି, କୋରାପୁଟ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡ଼ା । ଏହିସବୁ ଜିଲ୍ଲାରେ ଗୋଟିଏ କିମ୍ବା ୨ଟି ସ୍ଥାନରେ ବର୍ଷା, ଘଡ଼ଘଡ଼ି ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି ଜୁଲାଇ ୨୯ ତାରିଖ ପାଇଁ ମଧ୍ୟ ଅନେକ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର । ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ହେଉଛି ସୁନ୍ଦରଗଡ଼ ଓ କେନ୍ଦୁଝର । ଏହି ୨ଟି ଜିଲ୍ଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା, ଘଡ଼ଘଡ଼ି ସହ ଝଟକା ପବନ ( ୩୦-୪୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି ମୟୂରଭଞ୍ଜ, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, ଦେବଗଡ଼, ଢେଙ୍କାନାଳ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ବରଗଡ଼, କେନ୍ଦୁଝର, ସୁନ୍ଦରଗଡ଼, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଭଳି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାର ଗୋଟିଏ କିମ୍ବା ୨ଟି ସ୍ଥାନରେ ଘଡ଼ଘଡ଼ି ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେପଟେ ଆସନ୍ତା ୨୮ ତାରିଖ ଯାଏଁ ଓଡ଼ିଶା ଉପକୂଳ, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ଏବଂ ଏହାର ଆଖପାଖରେ ୩୫ରୁ ୪୫ କି.ମି ବେଗରେ ପବନ ବହିବା ସହ ଝଡ଼ବର୍ଷାର ସମ୍ଭାବନା ରହିଛି ।

### ଗିରଫ ହେଲେ ବିଏମସି କାର୍ଯ୍ୟନିର୍ବାହୀ ...

ପଟ୍ଟନାୟକଙ୍କ ଘରେ ରେଡ କରିଥିଲା ଭିଜିଲାନ୍ସ। ବାସଭବନ ସମେତ ୪ଟି ସ୍ଥାନରେ ରେଡ କରିଥିଲା ଭିଜିଲାନ୍ସ। ରେଡରେ ୬ ଜଣ ଡ଼ିଏସପି, ୧୦ ଇନ୍ସପେକ୍ଟର ସାମିଲ ଥିଲେ । ଭୁବନେଶ୍ୱର ବଡଗଡ଼ରେ ଥିବା ଘର, ବାଲିଅନ୍ତାରେ ଫାର୍ମ ହାଉସ, ରାୟଗଡାରେ ଥିବା ପୈତୃକ ଘର ଓ ଭୁବନେଶ୍ୱର ଅଫିସରେ ରେଡ୍ କରାଯାଇଥିଲା । ୪ଟି ସ୍ଥାନରେ ଚଢ଼ାଉ କରି କୋଟି କୋଟି ଟଙ୍କାର ସଂପତ୍ତି ପାଇଛି ଭିଜିଲାନ୍ସ । ଭୁବନେଶ୍ୱରରେ ଗୋଟିଏ, ଗୁଣପୁରରେ ୨ଟି ବହୁତଳ କୋଠା ଠାବ । ଭୁବନେଶ୍ୱରରେ ୩ ଦାମୀ ପ୍ଲଟ୍ ସହ ଦେଢ଼ ଏକର ଜମିର ଫାର୍ମ ହାଉସ୍ ଠାବ ହୋଇଛି ।


## AFFIDAVIT

By virtue of an affidavit sworn before Executive Magistrate, Balasore dated 09.07.2025. I, 20.06.1985, W/o- Kamal Lochan Patra, At-Fakir Swatishree Patra, aged 40 years, Date of Birth- Mohan Nagar, Po- Ishan Nagar, Ps-Sadar, Dist- Balasore (early Address At/Po- Panchrukhi, Ps- Baliapal, Dist-Balasore) declared that my name and title (after-marriage) as per my Aadhar Card No. 9211 0207 0412 is Swatishree Patra and prior to my marriage and as per all educational documents and in the RPLI - Postal Account my name with title was-Pramila Bhuyan, D/o- Jhadeswar Bhuyan and Sakuntala Bhuyan. The said R.P.L.I. A/c. No. R-OR-EA-291887 and in the Postal Pass Book for the same purpose- vide its refer of Baliapal SO-(7560626) RPLI receipt No. A1916-Name- Pramila Bhuyan with entry Address of Panchurukhi, Baliapal, Dist- Balasore.

Pramila Bhuyan and Swatishree Patra, i.e. daughter of Jhadeswar Bhuyan and W/o- Sri Kamal Lochan Patra is one and same person.

Sd/-
Swatishree Patra

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାସୁଦେବପୁର, ୨୪/୭ (ନି.ପ୍ର): ବାସୁଦେବପୁର କୋର୍ଟ ପରିସରରେ ପ୍ରଥମ ଶ୍ରେଣୀ ଜୁଡ଼ିସିଆଲ୍ ମାଜିଷ୍ଟ୍ରେଟ ସ୍ଥିତପ୍ରଜ୍ଞ ବିଶ୍ୱାଳଙ୍କ ପାଇଁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସବଜଜ୍ ଗୁରୁ ଚରଣ ଜେନାମଣି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଜେ ଏମ ଏଫ୍ ସି ନିଶା ଅଗ୍ରୱାଲ । ଅତିଥି ବନ୍ଧୁ ଗଣ ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଉତ୍ସବରେ ବାସୁଦେବପୁର ଓକିଲ ସଂଘ ସଭାପତି ସହଦେବ ଦାସ, ସମ୍ପାଦକ କୃପାସିନ୍ଧୁ ଜେନା, ଆଇନଜୀବୀ ନାରାୟଣ ଚନ୍ଦ୍ର ନାୟକ, ରମେଶ ଜେନା, ରାଜେନ୍ଦ୍ର ସାମଲ, କୋଷାଧକ୍ଷ ବିଜୟ କୁମାର ରାୟ, ବୀର କିଶୋର ଦାସ, ପ୍ରଦୀପ ମହାନ୍ତି, ବାବାଜୀ ନାୟକ, ଆଲୋକ ପହି, ଅମୂଲ୍ୟ ଦାସ, ମାନସ ନାୟକ, ସୌମ୍ୟ ଦାସ, ସଜିତ୍ ଦାସ ଓ କୃପାସିନ୍ଧୁ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସମସ୍ତେ ମିଶି ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସ୍ଥିତପ୍ରଜ୍ଞ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ନ୍ୟାୟ ବ୍ୟବସ୍ଥାରେ ବିଶ୍ୱାଳ ସାର୍ ଙ୍କ ବିଚାର ପ୍ରକ୍ରିୟାକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ । ସୁନ୍ଦର ମନ ଓ ମିଠା ହୃଦୟର ମଣିଷ ସ୍ଥିତପ୍ରଜ୍ଞ ବିଶ୍ୱାଳ ସର୍ବଦା ଲୋକ ମାନଙ୍କୁ ଉତ୍ତମ ସେବା ଦେଇ ପାରିଛନ୍ତି ବୋଲି ଓକିଲ ବନ୍ଧୁ ମତ ପ୍ରକାଶ କରିଥିଲେ ।



# କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭିଏସ୍ ଅଚ୍ୟୁତାନନ୍ଦନ୍‌ଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, ୨୪/୭ (ନି.ପ୍ର): ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭାରତର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, କେରଳ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇ(ଏମ)ର ପୂର୍ବତନ ପଲିଟବ୍ୟୁରୋ ସଭ୍ୟ ଶ୍ରୀଯୁକ୍ତ ଭିଏସ୍ ଅଚ୍ୟୁତାନନ୍ଦନ୍ ଙ୍କ ଶ୍ରଦ୍ଧାଞ୍ଜଳୀ ସଭା ବନ୍ତ ଛକ ଠାରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗୋଟିଏ ଦଳିତ ପରିବାରରେ ଜନ୍ମଗ୍ରହଣ କରି କେରଳ ରାଜ୍ୟର ମତ୍ସ୍ୟଜୀବୀ ମାନଙ୍କ ଅଧିକାର ର ସୁରକ୍ଷା ପାଇଁ ଲଢେଇ ଆରମ୍ଭ କରି ପରବର୍ତ୍ତୀ ଅବସ୍ଥାରେ ୨୦୦୬ ରୁ ୨୦୧୧ ମସିହା ପର୍ଯ୍ୟନ୍ତ କେରଳର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ । କେରଳ ରାଜ୍ୟ ବିଧାନସଭାର ସେ ୧୫ ବର୍ଷ ବିରୋଧୀ ଦଳ ନେତା ଦାୟିତ୍ୱ ତୁଲାଇ ଥିଲେ । ଭୂସଂସ୍କାର ଆଇନ ବଳରେ ଗରିବ ଭୂମିହୀନ ଲୋକଙ୍କ ଭିତରେ ପ୍ରାୟ ୧ ଲକ୍ଷ ହେକ୍ଟର ଚାଷ ଜମି ବଣ୍ଟନ କରିବା କ୍ଷେତ୍ରରେ ତାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । କେରଳ ରାଜ୍ୟ ରେ ଚା ଚାଷୀ, ରବର ଚାଷୀ, କପା ଚାଷୀ ଓ ସମସ୍ତ ପ୍ରକାରର ଚାଷୀଙ୍କ ପାଇଁ ସମବାୟ ସମିତି ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । କେରଳ ରାଜ୍ୟକୁ ସେ ଭାରତର ୧ ନଂ ଶିକ୍ଷିତ ରାଜ୍ୟରେ ପରିଣତ କରିଥିଲେ । କେରଳରେ ଜଳପଥରେ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଐତିହାସିକ ପୁନପ୍ରା ଭାୟାଲର କୃଷକ ଆନ୍ଦୋଳନରେ ସେ ଥିଲେ ପ୍ରମୁଖ ସେନାପତି । ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ବିନମ୍ର ଶ୍ରଦ୍ଧାଞ୍ଜଳୀ ଜଣାଇବା ପୂର୍ବକ ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ସୁରଜିତା ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ପ୍ରହଲ୍ଲାଦ ପତି, ଯୁବ ନେତା ସେକ୍ ସନାଉଲ୍ଲା , ଭଦ୍ରକ ମୋହରିର ସଂଘର ନେତା ମୁକ୍ତିକାନ୍ତ ବାରିକ୍, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ପାଣିଗ୍ରାହୀ, ଯୁବ ନେତା ସେକ୍ ରୁସ୍ତମ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ସିଆଇଟିୟୁ ନେତା ମୁନା ନାୟକ, କର୍ମଚାରୀ ନେତା ଅଶ୍ୱିନି ପ୍ରଧାନ ପ୍ରମୁଖ ଯୋଗଦେଇ ସାଧାରଣ ଲୋକଙ୍କ ଅଧିକାର ପାଇଁ ଭିଏସ୍ ଅଚ୍ୟୁତାନନ୍ଦନ୍ ଙ୍କ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ଭାରତରେ ଜନଗଣତାନ୍ତ୍ରିକ ବିପ୍ଲବ ମାଧ୍ୟମ ଦେଇ ସମାଜବାଦ ପ୍ରତିଷ୍ଠା କରିବାର ତାଙ୍କ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଭଦ୍ରକ ଜିଲ୍ଲା ବାସୀ ଅଗ୍ରସର ହେବାକୁ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗଦେଇଥିବା ବକ୍ତା ମାନେ ଆହ୍ୱାନ ଜଣାଇଥିଲେ ।




## ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୪/୭ (ନି.ପ୍ର): ଆସନ୍ତା ସୋମବାର ଜୁଲାଇ ୨୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ସେଦିନ ସକାଳ ୮ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁଲାଇ ୨୫ ତାରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟା । ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ ।

# ବାଲେଶ୍ୱର ଜିଲ୍ଲାସ୍ତରୀୟ ଜୀବିକା କାର୍ଯ୍ୟ ଖସଡ଼ା ପ୍ରସ୍ତୁତି ପାଇଁ ସମନ୍ୱୟ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୪/୭ (ନି.ପ୍ର): ଜୀବିକା କାର୍ଯ୍ୟକଳାପଗୁଡ଼ିକୁ ଓରମାସ, ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅନ୍ତର୍ଗତରେ ସଂଯୋଜନ ଓ ବ୍ୟାପକ ଭାବେ ପ୍ରଚାର କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜୀବିକା ଟିମ୍, ଜିଲ୍ଲା ପରିଷଦ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଏଥିରେ ଉପସ୍ଥିତ ଥିଲେ । ଉତ୍ପାଦକ ଗୋଷ୍ଠୀମାନେ ଛୋଟ ଓ ସୀମିତ ଉତ୍ପାଦକଙ୍କୁ ସଂଘବଦ୍ଧ କରି ସାମୁହିକ ଉତ୍ପାଦନ ମୂଲ୍ୟ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଅନ୍ତି । ଜିଲ୍ଲାପାଳ ପ୍ରତ୍ୟେକ ବ୍ଲକରୁ ଏକ ମୁଖ୍ୟ ଜୀବିକା କାର୍ଯ୍ୟକଳାପ ଚିହ୍ନଟ କରି, ମିଶନ ମୋଡରେ ତାହାକୁ ବିକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସଦରରେ ଫୁଡ୍ ଟ୍ରାକ, ରେମୁଣାରେ ଟେରାକୋଟା, ନୀଳଗିରିରେ ଲାଖ-ମହୁ- ତେନ୍ତୁଳି , ଜଳେଶ୍ୱରରେ କୁଲହାଡ, ଖଇରାରେ ମସଲା, ସିମୁଳିଆରେ ଅଗରବତୀ, ସୋରରେ ହସ୍ତତନ୍ତ, ବାହାନଗାରେ ଝୁଟ, ବାଲିଆପାଳରେ ଆପ୍ଲିକେ ଓ ସବାଇ, ଭୋଗରାଇରେ କୋଇର, ବସ୍ତାରେ ମଶରୁମ ଓ ଶାଳପତ୍ର, ଔପଦାରେ ଟେରାକୋଟା କାର୍ଯ୍ୟକଳାପ ଚିହ୍ନଟ ହୋଇଛି । ଏହି ବୈଠକରେ ପ୍ରତି ବ୍ଲକ ନିଜ ଯୋଜନା, ଆବଶ୍ୟକତା ଓ ବଜାର ସମ୍ଭାବନା ବିଷୟରେ ଉପସ୍ଥାପନ କଲେ । ଜିଲ୍ଲାପାଳ ସମସ୍ତ ଜରୁରୀ ସହଯୋଗ ଦେବାକୁ ଆଶ୍ୱାସନା ଦେଲେ । ଜିଲ୍ଲା ପରିଷଦ ସି ଡି ଓ ଶ୍ରୀ ସଞ୍ଜୟ କୁମାର ରାଉତ ବ୍ଲକ ସ୍ତରରେ କାର୍ଯ୍ୟାନୁଷ୍ଠାନ ଯୋଜନା ବିଷୟରେ ଅବଗତ କରାଇଥିଲେ । ଓରମାସ ଦ୍ୱାରା ରିଲାୟନ୍ସ ରିଟେଲ, ମଦର ଡେୟାରୀ, ITC, TRIFED, ଉତ୍କଳିକା, ବୟନିକା, ଘଇରରଉ ସହ ସହଯୋଗ ମାଧ୍ୟମରେ ଗ୍ରାମୀଣ ଉତ୍ପାଦ ପାଇଁ ବଜାର ସୃଷ୍ଟି କରାଯାଉଛି । ସୁଭଦ୍ରା ଶକ୍ତି ବଜାର, ORMAS ମାର୍ଟ, କୋଶମ୍ବୀ, ଆମେଜନ୍, ମିଶୋ ଭଳି ଚ୍ୟାନେଲ ମାଧ୍ୟମରେ ବିକ୍ରୟ ସୁବିଧା ମିଳିବ । "କୋଶମ୍ବୀ" ବ୍ରାଣ୍ଡ ତଳେ ଉତ୍ପାଦମାନେ ବଜାରରେ ଆସିବେ । FSSAI ଲାଇସେନ୍ସ, ପ୍ୟାକେଜିଂ, ନିୟମିତ ଲାବ୍ ପରୀକ୍ଷା ଓ ପୋଷଣ ଟ୍ୟାଗ ମାଧ୍ୟମରେ ଗୁଣମାନ ନିଶ୍ଚିତ କରାଯିବ । ଏହି ପଦକ୍ଷେପ ବାଲେଶ୍ୱର ଜିଲ୍ଲାର ଗ୍ରାମ ଅର୍ଥନୀତିକୁ ବୃହତ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବାରେ ମୂଳ ଭୂମିକା ନେବ ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ମହିଳ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୨୪/୭ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ମହିଳା ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥିଭାବେ ଡ଼ଃ କୃପାସିନ୍ଧୁ ନାୟକ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଯୋଗଦେଇ ନାରୀ ସୁରକ୍ଷା ତଥା ୨୦୧୩ ମହିଳା ସୁରକ୍ଷା ଆଇନ୍ ସଂପର୍କରେ ଆଲୋକପାତ କରିଥିଲେ । ରାଜନୀତି ବିଜ୍ଞାନ ଅଧ୍ୟାପିକା ସ୍ୱାଗତଭାଷଣ ସହ ଅତିଥି ପରିଚୟ ନେଇ ଥିବା ବେଳେ ମହାବିଦ୍ୟାଳୟର ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଛାତ୍ରମାନଙ୍କର ଅଭିମତ ପ୍ରଦାନ କରିବା ସଂଗେ ସଂଗେ ବିଭିନ୍ନ ପ୍ରତିଯୋଗିତାମାନ ପ୍ରଦର୍ଶନ କରିଥିଲେ ।

## ରାଜଧାନୀରୁ ନକଲି ସରକାରୀ ଚାକିରିଆ ଗିରଫ

ଭୁବନେଶ୍ୱର, ୨୪/୭ (ନି.ପ୍ର): ରାଜଧାନୀରୁ ନକଲି ସରକାରୀ ଚାକିରିଆ ଗିରଫ । ଲୋକସେବା ଭବନରେ ନକଲି ଆଇଡି ଦେଖାଇ ପଶିବା ବେଳେ ମାଡ଼ିବସିଲେ ସୁରକ୍ଷା କର୍ମୀ । ଏନେଇ ଅଭିଯୋଗ ହେବାରୁ କ୍ୟାପିଟାଲ ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ସନ୍ଦୀପ ପ୍ରଧାନକୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ତା ନିକଟରୁ ନକଲି ଆଇକାର୍ଡ ଜବତ କରିଛି । ସୂଚନାନୁଯାୟୀ ଗତକାଲି ଦିନ ପ୍ରାୟ ୩:୪୦ ମିନିଟ ସମୟରେ ସନ୍ଦୀପ ଲୋକସେବା ଭବନ ଗେଟ ନମ୍ବର ୬ ରେ ଏକ ନକଲି ଆଇ କାର୍ଡ ଧରି ଭିତରକି ପଶିବାକୁ ଚେଷ୍ଟା କରିଥିଲା ।

# ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସତଗତି ନିମନ୍ତେ ନୀରବ ପ୍ରାର୍ଥନା



ବାରିପଦା, ୨୪/୭ (ନି.ପ୍ର): ବାଲେଶ୍ୱର ସ୍ଥିତ ଏଫ. ଏମ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସତଗତି ନିମନ୍ତେ, ରାଜ୍ୟ ପି. ସି. ସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ମୟୁରଭଞ୍ଜ ଜିଲ୍ଲା ପୂର୍ବ ସଂଯୋଜକ ଅରବିନ୍ଦ ଦାସଙ୍କ ପୌରହିତରେ, ସ୍ଥାନୀୟ ମହାରାଜା ପୂର୍ଣ୍ଣ ଚନ୍ଦ୍ର ମହାବିଦ୍ୟାଳୟ ସମ୍ମୁଖରେ ଦୁଇ ମିନିଟର ନୀରବ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ପ୍ରଦାନ ସହ, ସୌମ୍ୟାଶ୍ରୀ ଅମର ରହେ,ର ନାରା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ରେ କଲେଜ ର ଶତାଧିକ ଛାତ୍ର ଛାତ୍ରୀ ଯୋଗ ଦେବା ସହ,ପୂର୍ବତନ ଜିଲ୍ଲା ସଭାପତି ହେମନ୍ତ ଦାସ, ନିରୋଜ ଲୋଚନ ଦାଶ ଓ ବିଜନ ଦାସ, ମହିଳା ନେତ୍ରୀ ସୁସ୍ମିତା ଘୋଷାଲ, ଆଇନସେଲ ଅଧକ୍ଷ ଜ୍ୟୋତିପ୍ରକାଶ ରଥ,ଛାତ୍ର କଂଗ୍ରେସ ର ମୋତି ପ୍ରକାଶ ଦାସ, କୃଷକ ସେଲ ର ଦୀପକ ଦାସ, ଆଦିବାସୀ ସେଲ ର ଚୈତନ୍ୟ ହାଁସଦା, ପଞ୍ଚାୟତ ରାଜ ସେଲ ର ଶିବାନନ୍ଦ ଦାସ, ଚୈତନ୍ୟ ମାଝୀ, ଚନ୍ଦନ କିସ୍କୁ, ବାଦଲ ହାଁସଦା, ଅଶୋକ ଗିରି, ସୁଦିପ ମନ୍ତ୍ରୀ, ଦୀପକ ଦାସ, ପଟେଲ ବାରିକ, ନିର୍ମଳ ପ୍ରଧାନ, ରତନ ଶର୍ମା, ମିଲୁ ମହାନ୍ତ ସହ ବହୁ କଂଗ୍ରେସ କାର୍ଯ୍ୟକର୍ତ୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଲଘୁ ଖଣିଜସମ୍ପଦ ଚୋରାଚାଲାଣ ରୋକିବାକୁ ମିଳିତ ଅପରେସନ ପାଇଁ ଏସ.ପିଙ୍କୁ ଚିଠି ଲେଖିଲେ ସାଂସଦ

ନୀଳଗିରି , ୨୪/୭ (ନି.ପ୍ର): ଲଘୁ ଖଣିଜସମ୍ପଦରେ ଭରା ନୀଳଗିରିରେ ବୃଦ୍ଧିପାଇଛି ଲୁଟେରାଙ୍କ ଦୌରାତ୍ମ୍ୟ । ଦୈନନ୍ଦିନ ଶହଶହ ଟ୍ରିପ, ନାଲିମୋରମ, ବାଲି, ପଥର ଚୋରାରେ ଉତ୍ତୋଳନ କରିବା ସହିତ ବାହାରକୁ ଚାଲାଣକରି ମାଲାମାଲ ହେଉଛନ୍ତି । ଫଳରେ କୋଟିକୋଟି ଟଙ୍କା ସରକାର ରାଜସ୍ୱ ହରାଉଛନ୍ତି ।ବାରମ୍ବାର ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ପ୍ରଶାସନ ମାଫିଆଙ୍କୁ ଦମନ କରିବାରେ ବିଫଳ ହୋଇଥିଲା । ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମାଫିଆଙ୍କ ଦୌରାତ୍ମ୍ୟରେ ଅଞ୍ଚଳର ପ୍ରାକୃତିକ ସମ୍ପଦ ଉତ୍ତୋଳନ ଓ ଚୋରାଚାଲାଣ ହେବାଯୋଗୁଁ ସାଧାରଣଲୋକଙ୍କ ଜୀବନହାନି ହେବା ସହ ବାରମ୍ବାର ରାସ୍ତା ଦୁର୍ଘଟଣା ଘଟୁଛି । ନିକଟରେ ଦୁଇଜଣଙ୍କ ଅମୂଲ୍ୟଜୀବନ ଯାଇଥିବା ନଜିର ରହିଥିବା କହିଛନ୍ତି । ଏହାକୁ ରୋକଦେବା ପାଇଁ ପୋଲିସ, ବନବିଭାଗ ଏବଂ ଖଣିଜ ସଂପଦ ବିଭାଗର ମିଳିତ ଅପରେସନ ମାଧ୍ୟମରେ ମାଫିଆଙ୍କୁ ଚେକ୍ ଦେବାପାଇଁ ବାଘମରା, ନୀଳଗିରି ଚେକଗେଟ୍ ଏବଂ ମିତ୍ରପୁର ନିକଟରେ ପୋଲିସଫୋର୍ସ ସହିତ ବନବିଭାଗ, ଖଣିଜବିଭାଗର କର୍ମଚାରୀ ମୁତୟନ କରିବାକୁ ବାଲେଶ୍ୱର ଏସପିଙ୍କୁ ଚିଠିଲେଖିବା ସହିତ ଜିଲ୍ଲାପାଳ, ଖଣି ଅଧିକାରୀ, ଡିଏଫଓ, ନୀଳଗିରି ରେଞ୍ଜର ଓ କୁଳଡିହା ରେଞ୍ଜରଙ୍କୁ ଚିଠି ଲେଖିଛନ୍ତି ।

# ଟିକାୟତପୁରଠାରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ବଡ଼ସାହି , ୨୪/୭ (ନି.ପ୍ର): ବଡ଼ସାହି ବ୍ଲକ୍ ଅଧିନ ଟିକାୟତପୁର ଠାରେ ଟିକାୟତପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ପ୍ରଧାନଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ରାଉତ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧିଆ ଚ଼ରଣ ମୁଣ୍ଡା ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ଶଚୀନ୍ଦ୍ର କୁମାର ବିଶ୍ୱାଳ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବଡ଼ସାହି ବ୍ଲକ ଓଷ୍ଟା ସଭାପତି ହରିଚନ୍ଦ୍ର ଦାସ, ବଡ଼ସାହି ବ୍ଲକ୍ ଓଷ୍ଟା ସଂପାଦକ ଡ଼କ୍ଟର ଉମ୍ବରୁଧର ରାଉତ, ଓପିଏସ୍ ସଭାପତି ରତିକାନ୍ତ ବେହେରା, ଓପିଏସ୍ ସଂପାଦକ ସଞ୍ଜୟ କୁମାର ଜେନା, ଏନ୍ପିଏସ୍ ସଭାପତି କୃପାସିନ୍ଧୁ ବେରା, ଏନପିସ୍ ଲଳିତ କୁମାର ମହାନ୍ତି, ଏନପିସ୍ ଉପଦେଷ୍ଟା ଶୁଭ୍ରାଂଶୁ ଶେଖର ଦାସ, ସିଆରସିସି ପ୍ରଦୀପ କୁମାର ପାତ୍ର, ଜଗନ୍ନାଥ ମିଶ୍ର, ଶମ୍ଭୁନାଥ ବେହେରା, ବସନ୍ତ କୁମାର ବାରିକ, କାହ୍ନୁଚରଣ ବାରିକ, ତୋଫୋନ ମହାଳିକ, କାର୍ତ୍ତିକ ଚନ୍ଦ୍ର ଜେନା, ପ୍ରଦୀପ କୁମାର ଜେନା ଆଦି ଯୋଗଦାନ କରିଥିଲେ । ବିଦାୟୀ ଶିକ୍ଷକ ବୀରେନ୍ଦ୍ର କୁମାର ପ୍ରଧାନ ଓ ପୂର୍ବତନ ସିଆରସିସି ପ୍ରଦୀପ କୁମାର ପାତ୍ରଙ୍କୁ ଉକ୍ତ ବିଦ୍ୟାଳୟ ତଥା ମାଣତ୍ରୀ କ୍ଲଷ୍ଟର ତରଫରୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ତାଙ୍କ ଗୁଣାବଳୀକୁ ରୋମନ୍ଥନ କରିବା ସହିତ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କ ସୁସ୍ଥ ଦୀର୍ଘ ଓ ନିରାମୟ ଜୀବନ କାମନା କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ସ୍ୱାତୀ ସ୍ୱରୂପା ମହାପାତ୍ର ବିଦ୍ୟାଳୟର ବିବରଣୀ ପାଠ କରିଥିଲେ । ଅଞ୍ଜନ କୁମାର ନେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଧାନ ମଣ୍ଡିରେ ଅନିୟମିତତା ଅଭିଯୋଗ ଆଣିଲେ ଚାଷୀ

ଜୟପୁର , ୨୪/୦୭ (ନି.ପ୍ର): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍ ଅନ୍ତର୍ଗତ ଭନସୁଲି ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ସହ ଶତାଧିକ ଚାଷୀ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଧାନ କ୍ରୟକାରୀ ସଂସ୍ଥା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ବିରୋଧରେ ଉପ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି । ଜୟପୁର ଉପଜିଲ୍ଲାପାଳ ସୁଶ୍ରୀ ଆକବରାମ ସସ୍ୟା ରେଡ୍ଡୀଙ୍କୁ ସାକ୍ଷାତକାର କରି ଦାବି ପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ଉଲ୍ଲେଖ ରହିଅଛି ଯେ ସରକାରଙ୍କ ଧାନ କ୍ରୟ କରିବାରେ ଯାହା ସବୁ ନିୟମ ରହିଛି ତାହାକୁ ସଠିକ୍ ଭାବରେ କାର୍ଯ୍ୟନିର୍ବାହ କରୁନଥିବା ଅଭିଯୋଗ ହୋଇଛି । ଧାନ କ୍ରୟ ବେଳେ ଅନେକ ପ୍ରକାରର ଅନିୟମିତତା ହେଉଥିବାର ଅଭିଯୋଗ ଆଣିଛନ୍ତି ଚାଷୀ । ଟୋକେନ୍ ଅନୁଯାୟୀ ଯେତେ ପରିମାଣର ଧାନ କ୍ରୟ କରିବା କଥା ତାହା କରାଯାଉନାହିଁ । ଧାନ କ୍ରୟକାରୀ ଏସ୍ଏଚଜି କହୁଛି ଆପଣଙ୍କର ଟୋକେନ ଅନୁଯାୟୀ ଧାନ କିଣାଯାଇ ପାରୁନାହିଁ ଅନଲାଇନରେ ତୃଟି ରହୁଛି କହି କମ୍ ଧାନ କ୍ରୟ କରାଯାଉଥିବା ଚାଷୀମାନେ କହିଛନ୍ତି । ଧାନ କ୍ରୟ ବେଳେ କ୍ୱିଣ୍ଟଲ୍ ପ୍ରତି ୫ କିଲୋଗ୍ରାମ ଅଧିକା ଦେବାକୁ କହି କଟନି ଛଟନି କରୁଛନ୍ତି । ଅନ୍ୟପଟେ ଧାନ ମିଲକୁ ପହଞ୍ଚିବା ପରେ ସେଠାରେ ମିଲର ପୁଣି କଟନି ଛଟନି କରି ଚାଷୀଙ୍କୁ ହରି ଲୁଟ୍ କରୁଛନ୍ତି । ମିଲର ୧୫ ରୁ ୨୦ କିଲୋଗ୍ରାମ ଧାନ କ୍ୱିଂଟାଲ୍ ପ୍ରତି ଅଧିକ ଶୋଷଣ କରୁଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଧାନ କ୍ରୟକାରୀ ଗୋଷ୍ଠୀ ମିଲରଙ୍କ ସହ ଯୋଗାଯୋଗ କରି ଏପରି ଚାପ ପକାଉଛନ୍ତି । ଶେଷରେ ଅଭାବି ଚାଷୀ ଧାନ ଅଧିକ ଦେବାକୁ ବାଧ ହେଉଛି, ଯାହା ଫଳରେ ଚାଷୀମାନେ ସେମାନଙ୍କ ପାରିଶ୍ରମିକର ଉଚିତ ଅର୍ଥ ପାଇପାରୁ ନାହାନ୍ତି । ଏପରି ଧାନ କ୍ରୟକାରୀ ସଂସ୍ଥା ଏସ୍ଏଚଜି ପ୍ରତି ଉଚ୍ଚସ୍ତରୀୟ ତଦନ୍ତ କରିବା ସହିତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି ।

# ଖଡଗପୁର ଡିଭିଜନର ଡିଆରଏମଙ୍କ ବେତନଟୀ ରେଲଷ୍ଟେସନ ପରିଦର୍ଶନ




ବେତନଟୀ, ୨୪/୭ (ନି.ପ୍ର): ଖଡଗପୁର ଡିଭିଜନର ଡିଆରଏମ କେ. ଆର ଚୌଧୁରୀ ଏକ ସ୍ୱତନ୍ତ୍ର ଟ୍ରେନଯୋଗେ ଗୁରୁବାର ଅପରାହ୍ନ ଗୋଟାଏରେ ବେତନଟୀ ରେଲଷ୍ଟେସନରେ ପହଞ୍ଚି ବିଭିନ୍ନ ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା କରିବା ସହିତ ଷ୍ଟେସନ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ବେତନଟୀ ରେଲଷ୍ଟେସନରେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ନିର୍ମାଣାଧୀନ ଅଣ୍ଡରପାସ କାର୍ଯ୍ୟର ଅଗ୍ରଗତି ଏବଂ ଏହାର କାର୍ଯ୍ୟକ୍ଷମ ବାବଦରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା ପୂର୍ବକ ଅଣ୍ଡରପାସ ବୁଲି ଦେଖିଥିଲେ । ଏହାପରେ ଅମୃତଭାରତ ଯୋଜନାରେ ନିର୍ମାଣାଧୀନ ସୁଉଚ୍ଚ ଅଟ୍ଟାଳିକା ପରିଦର୍ଶନ କରି ଏହାର ସ୍ଥିତି ସମୀକ୍ଷା କରିଥିଲେ । ସେହିଭଳି ଷ୍ଟେସନରେ ଥିବା ସିଗ୍ନାଲ କଣ୍ଟ୍ରୋଲ ସିଷ୍ଟମର ମଧ ଯାଞ୍ଚ କରିଥିଲେ । ଏହି ଅବସରରେ ବେତନଟୀ ରେଲୱେ ପାସେଞ୍ଜର୍ସ ଫୋରମର ସମ୍ପାଦକ ଅମରେନ୍ଦ୍ର ନାଥ ଦାସ ମେମୁ ଟ୍ରେନକୁ ବାଲେଶ୍ୱର ପର୍ଯ୍ୟନ୍ତ ଦିନକୁ ଥରେ ପରିବର୍ତ୍ତେ ପୂର୍ବଭଳି ତିନିଥର ଯାତାୟାତ ପାଇଁ ସମ୍ପ୍ରସାରଣ କରିବା ସାଙ୍ଗକୁ ଷ୍ଟେସନ ପରିସରରେ ବିଶୁଦ୍ଧ ପାନୀୟଜଳ ଏବଂ ବର୍ଷାଜଳ ନିଷ୍କାସନ ନିମନ୍ତେ ଯୋଜନାବଦ୍ଧ ଡ୍ରେନେଜ ବ୍ୟବସ୍ଥା ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ । ଖଡ଼ଗପୁର ଡିଭିଜନର ଡିଆରଏମ କେ. ଆର ଚୌଧୁରୀଙ୍କ ଗସ୍ତ ସମୟରେ ରେଳ ବିଭାଗର ଅଧିନସ୍ଥ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ବେତନଟୀ ରେଲଷ୍ଟେସନ ପରିଦର୍ଶନ ପରେ ଡିଆରଏମ ବାରିପଦା ଏବଂ ବାଙ୍ଗିରିପୋଷି ଗସ୍ତରେ ଯାଇଥିଲେ ।

## ସାଲିମାର ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ ଲାଇନଚ୍ୟୁତ

ଭୁବନେଶ୍ୱର, ୨୪/୭ (ନି.ପ୍ର): ସମ୍ବଲପୁର ସିଟି ଷ୍ଟେସନ ନିକଟରେ ସାଲିମାର ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସ ଲାଇନ ଚ୍ୟୁତ ହୋଇଯାଇଛି । ଟ୍ରେନର ଗୋଟିଏ ବଗି ଲାଇନଚ୍ୟୁତ ହୋଇଥିବା ସୂଚନା ମିଳିଛି । ସକାଳ ୯.୧୮ ରେ ଟ୍ରେନର ଗତି ଖୁବ କମ ରହିଥିବା ବେଳେ ଏଭଳି ଘଟଣା ଘଟିଥିଲା । ଘଟଣାରେ କେହି ଆହତ ହୋଇ ନ ଥିବା ବେଳେ ଟ୍ରେନ ଏବେ ଷ୍ଟେସନ ଛାଡି ସାରିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida